

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୮ ଅକ୍ଟୋବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 18 OCTOBER 2020
Vol.No. 30 ■ No. 265 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,





Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts
From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର
୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
*For better development of students are taught by highly and well experienced faculties.*
Contact No: 9437294587, 9438232419, 9437443950,


## ଉପନିର୍ବାଚନ ପାଇଁ ଖୋଲିଲା କଂଟ୍ରୋଲ ରୁମ୍

ଭୁବନେଶ୍ୱର,୧୭।୧୦ (ନି.ପ୍ର): ବାଲେଶ୍ୱର (୩୮) ଓ ତିର୍ତୋଲ (୧୦୨) ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅନୁଷ୍ଠିତ ହେବାକୁ ଥିବା ଉପନିର୍ବାଚନ ଲାଗି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଏକ ନିୟନ୍ତ୍ରଣ କକ୍ଷ (କଂଟ୍ରୋଲ ରୁମ୍) ଖୋଲାଯାଇଛି । କଂଟ୍ରୋଲ ରୁମ୍ ନଂ ୦୬୭୪- ୨୩୯୧୧୫୫ ରହିଥିବା ବେଳେ ଫ୍ୟାକ୍ସ ନଂ ୦୬୭୪- ୨୫୩୬୬୪୫ ରହିଛି । ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀର ଜନସାଧାରଣ ନିର୍ବାଚନ ସମ୍ପର୍କିତ ବିଭିନ୍ନ ପ୍ରକାର ଆପତି ଅଭିଯୋଗ କଂଟ୍ରୋଲ ରୁମ୍ କୁ ଜଣାଇପାରିବେ ।

## ୨୪ ଘଂଟାରେ ୨,୮୪୨ ଆକ୍ରାନ୍ତ ସୁସ୍ଥ

ଭୁବନେଶ୍ୱର,୧୭।୧୦ (ନି.ପ୍ର): ରାଜ୍ୟରେ ଶନିବାର କରୋନାରୁ ୨,୮୪୨ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୨ ଲକ୍ଷ ୪୪ହଜାର ୨୨୭କୁ ବୃଦ୍ଧି ପାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୪୩୪ ଜଣଙ୍କ ସମେତ କଟକ ଜିଲ୍ଲାରୁ ୨୩୭ ଜଣ ସୁସ୍ଥ ହୋଇଛନ୍ତି । ନୂଆପଡ଼ାରୁ ୧୬୧,ପୁରୀ ଜିଲ୍ଲାରୁ ୧୪୮ଜଣ , ସମ୍ବଲପୁର ଜିଲ୍ଲାରୁ ୧୩୬ ଜଣ, ଅନୁଗୁଳ ଜିଲ୍ଲାରୁ ୧୧୯ଜଣ, କଳାହାଣ୍ଡିରୁ ୧୧୭,ଝାରସୁଗୁଡ଼ାରୁ ୧୦୮, ଯାଜପୁର ଜିଲ୍ଲାରୁ ୧୦୦ଜଣ,ଭଦ୍ରକରୁ ୯୪, ବରଗଡ଼ ଜିଲ୍ଲାରୁ ୯୩ ଜଣ ସୁସ୍ଥ ହୋଇଛନ୍ତି ।
ସେହିପରି ମୟୂରଭଂଜ ଜିଲ୍ଲାରୁ ୯୨ଜଣ, ▶▶ପୃଷ୍ଠା ୭

# ପୁରୀରେ ବିକାଶ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ଜାନୁଆରୀ ୧ ସୁଦ୍ଧା ଜମି ଅଧିଗ୍ରହଣ ସାରି କାମ ଆରମ୍ଭ କରିବାକୁ ନିର୍ଦ୍ଦେଶ



ଭୁବନେଶ୍ୱର,୧୭।୧୦ (ନି.ପ୍ର): ପୁରୀ ଶ୍ରୀମନ୍ଦିର ପରିସରରେ ଶ୍ରୀ ଜଗନ୍ନାଥ ହେରିଟେଜ୍ କରିଡର ଲାଗି ଜାନୁଆରୀ ୧ ତାରିଖ ସୁଦ୍ଧା ଜମି ଅଧିଗ୍ରହଣ ଶେଷ କରି କାର୍ଯ୍ୟ ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶନିବାର ପୁରୀ ଗସ୍ତ କରି ଅବଢା ଯୋଜନାରେ ଶ୍ରୀମନ୍ଦିର ପରିସରରେ କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ ।ପ୍ରଥମେ ମୁଖ୍ୟମନ୍ତ୍ରୀ ସଂହଦ୍ୱାରରୁ ପତିତପାବନଙ୍କୁ ପ୍ରାର୍ଥନା କରିଥିଲେ । ନୀଳଚକ୍ର ଦର୍ଶନ କରି ମୁଖ୍ୟମନ୍ତ୍ରୀ ଓଡିଶାବାସୀଙ୍କ ମଙ୍ଗଳ ପାଇଁ ଭଗବାନ ଜଗନ୍ନାଥଙ୍କୁ ପ୍ରାର୍ଥନା କରିଥିଲେ ଏବଂ ସମ୍ପୂର୍ଣ୍ଣ ଜଗନ୍ନାଥ ମନ୍ଦିରର ପରିକ୍ରମା କରିଥିଲେ । ସେ ଶ୍ରୀ ଜଗନ୍ନାଥ ହେରିଟେଜ୍ କରିଡରର ସମସ୍ତ ଦିଗ ବିଷୟରେ ବିସ୍ତୃତ ଭାବରେ ସମୀକ୍ଷା କରିଥିଲେ । ଦକ୍ଷିଣ ପୂର୍ବ ଦିଗରେ ଏମାର ମଠ ଠାରୁ ଭକ୍ତ ମାନେ ଧାଡିରେ ଠିଆ ହୋଇଥିବା ବ୍ୟବସ୍ଥାର ସମୀକ୍ଷା ମଧ୍ୟ କରିଥିଲେ । ଭକ୍ତମାନେ ଯେପରି ମନ୍ଦିର ମଧ୍ୟକୁ ସିଂହଦ୍ୱାରବାଟେ ସୁବିଧାରେ ପ୍ରବେଶ କରିପାରିବେ ଏବଂ ମହାପ୍ରଭୂଙ୍କ ଦର୍ଶନ ପାଇଁ ଧାଡିରେ ଭକ୍ତମାନେ ଅପେକ୍ଷା କରୁଥିବାବେଳେ ସେମାନଙ୍କ ଆରାମ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ନେଇ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସୁରକ୍ଷା ଓ ନିରାପତା ସୁନିର୍ଶ୍ଚିତ କରିବା ପାଇଁ ଟେକ୍ନୋଲୋଜି ବ୍ୟବହାର କରିବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି । ମେଘନାଦ ପାଚେରୀର ଦକ୍ଷିଣ ପାର୍ଶ୍ୱରୁ ସମୀକ୍ଷା କରିବାବେଳେ ମୁଖ୍ୟମନ୍ତ୍ରୀ ସେଠାରେ ଗଛ ▶▶ପୃଷ୍ଠା ୭

## ଲଘୁଚାପ ପ୍ରଭାବରେ ୧୯ରୁ ବର୍ଷା ସମ୍ଭାବନା



ଭୁବନେଶ୍ୱର,୧୭।୧୦ (ନି.ପ୍ର): ଆସନ୍ତା ୧୯ ତାରିଖରେ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ୨୪ ଘଂଟା ମଧ୍ୟରେ ଏହା ଅଧିକ ଘନୀଭୂତ ହେବ । ଏହାର ପ୍ରଭାବରେ ୧୯ରୁ ୨୧ ତାରିଖ ଯାଏଁ ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦଆଯାଇଛି । ଲଘୁଚାପ ପ୍ରଭାବରେ ବିଶେଷକରି ଦକ୍ଷିଣ ଓ ଉତର ଉପକୂଳ ଓଡ଼ିଶାରେ ଅଧିକ ବର୍ଷା ହେବ ବୋଲି ଅନୁମାନ କରାଯାଉଛି । ଏହି ସମୟରେ ସମୁଦ୍ରକୂଳିଆ ଅଂଚଳରେ ଘଂଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବାର ଆଶଙ୍କା ଥିବାରୁ ସମୁଦ୍ର ଅଶାନ୍ତ ରହିବ । ତେଣୁ ୧୯ ଓ ୨୦ ତାରିଖରେ ସମୁଦ୍ର ଭିତରକୁ ଯିବାକୁ ମତ୍ସଜୀବୀମାନଙ୍କୁ ବାରଣ କରାଯାଇଛି । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଅକ୍ଟୋବର ୧୯ରୁ ୨୦ତାରିଖ ପର୍ଯ୍ୟନ୍ତ ମାଲକାନଗିରି, ରାୟଗଡ଼ା, ଗଞ୍ଜାମ, ଗଜପତି ଏବଂ କୋରାପୁଟ ଜିଲ୍ଲାରେଂ ପ୍ରବଳ ବର୍ଷା ସମ୍ଭାବନା ରହିଛି । ▶▶ପୃଷ୍ଠା ୭

## ଦାଦାବଟି ଆଦାୟ ଅଭିଯୋଗରେ ଗ୍ୟାଙ୍ଗଷ୍ଟର ରାଜା ଆଚାର୍ଯ୍ୟ ଗିରଫ



ଭୁବନେଶ୍ୱର,୧୭।୧୦ (ନି.ପ୍ର): ଦାଦାବଟି ମାଗୁଥିବା ଅଭିଯୋଗରେ ଗ୍ୟାଙ୍ଗଷ୍ଟର ରାଜା ଆଚାର୍ଯ୍ୟଙ୍କୁ ଗିରଫ କରିଛି କମିଶନରେଟ ପୋଲିସ୍ । ଘର ତିଆରି କରୁଥିବା ଜଣେ ବ୍ୟକ୍ତିଙ୍କ ଠାରୁ ରାଜା ମାସିକ ୨୦ ହଜାର ଟଙ୍କା ଦାଦା ବଟି ଆଦାୟ କରୁଥିବା ଅଭିଯୋଗ ପରେ ସମ୍ପୃକ୍ତ ବ୍ୟକ୍ତି କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ । ଶନିବାର ଦିନ ରାଜାଙ୍କୁ କମିଶନରେଟ ପୋଲିସର ଆଂଟି ଏକ୍ସଟର୍ସନ ଉଇଙ୍ଗ୍ ଗିରଫ କରିବା ପରେ କ୍ୟାପିଟାଲ ଥାନାରେ ତାଙ୍କୁ ଜେରା ଚାଲିଥିବା ଜଣାଯାଇଛି । ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଶନିବାର ଟ୍ୱିଟ୍ କରି କହିଛନ୍ତି ଯେ 'ଦାଦାବଟିକୁ ନା' ଅଭିଯାନରେ ଆଜି ଦାଦାବଟି ▶▶ପୃଷ୍ଠା ୭

## ଖୋଲିଲା ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ କାର୍ଯ୍ୟାଳୟ




ଭୁବନେଶ୍ୱର,୧୭।୧୦ (ନି.ପ୍ର): ସିଲ୍ ହେବାର ୮ ଦିନ ପରେ ଖୋଲିଛି ଭୁବନେଶ୍ୱର ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ କାର୍ଯ୍ୟାଳୟ । କୋଭିଡ୍ ନିୟମାବଳୀ ଉଲ୍ଲଂଘନ କରିବା ଅଭିଯୋଗରେ ଗତ ୯ ତାରିଖ ଦିନ ବିଏମସି ଶ୍ରୀମତୀ ଷଡଙ୍ଗୀଙ୍କ ପଳାଶପଲ୍ଲୀ ପ୍ଲଟ୍ ନଂ ଏ/୫୬ ଠାରେ ଥିବା କାର୍ଯ୍ୟାଳୟକୁ ୧୫ଦିନ ଲାଗି ସିଲ୍ କରିଥିଲା । ତେବେ ଶନିବାର ଦିନ ବିଏମସି ନିର୍ଦ୍ଧାରିତ ସମୟ ପୂର୍ବରୁ ଏହାକୁ ଖୋଲିଛି । ଅପରପକ୍ଷରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କ ଅଫିସକୁ ବିଏମସି ସିଲ୍ କରିବା ବେଆଇନ୍ ବୋଲି କହିଛନ୍ତି । ସମସ୍ତ ନିୟମକୁ ଜଳାଞ୍ଜଳି ଦେଇ ବିଏମସି ଏହି ପଦକ୍ଷେପ ନେଇଥିବାର ଅଭିଯୋଗ କରିଛନ୍ତି ସାଂସଦ । ବିଏମସିର କ୍ଷମତା ନ ଥାଇ ବି ଏଭଳି କର୍ତୃତ୍ୱ ଜାହିର କରିଛି । ତାଙ୍କୁ କହିବାର ସୁଯୋଗ ଦିଆଯାଇନାହିଁ ବୋଲି ସେ ବିଏମସି କମିଶନରଙ୍କୁ ଏକ ଚିଠି ଲେଖି ଜଣାଇଛନ୍ତି । ▶▶ପୃଷ୍ଠା ୭

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୧୭।୧୦ (ନି.ପ୍ର): ଆଜି ଖୋର୍ଦ୍ଧା ଜିଲ୍ଲାରେ ୨୫୯ ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୪୫,୬୬୧ ହୋଇଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୬୬୫୮, ବାଲେଶ୍ୱର ଜିଲ୍ଲାରେ ୯୨୬୮, ବରଗଡ ଜିଲ୍ଲାରେ ୭୯୧୯, ଭଦ୍ରକ ଜିଲ୍ଲାରେ ୬୨୨୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗିର ଜିଲ୍ଲାରେ ୫୭୮୭. ବୌଦ୍ଧ ଜିଲ୍ଲାରେ ୨୩୫୬, କଟକ ଜିଲ୍ଲାରେ ୨୪,୧୩୨, ଦେବଗଡ ଜିଲ୍ଲାରେ ୮୯୦, ଢେଙ୍କାନାଳ ଜିଲ୍ଲାରେ ୪୫୯୦. ଗଜପତି ଜିଲ୍ଲାରେ ୩୭୫୯, ଗଂଜାମ ଜିଲ୍ଲାରେ ୨୦୭୭୯ , ଜଗତସିଂହପୁର ଜିଲ୍ଲାରେ ୬୫୨୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ▶▶ପୃଷ୍ଠା ୭

## ବ୍ରାଉନସୁଗାର ଜବତ୍ : ଜଣେ ଗିରଫ



ବାଲେଶ୍ୱର,୧୭।୧୦ (ନି.ପ୍ର): ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଆଜି ଚଢ଼ଉ ହୋଇ ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଜବତ ସହ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଗିରଫ ବ୍ୟକ୍ତି ଜଣକ ହେଲେ ବସ୍ତା ଥାନା ଅନ୍ତର୍ଗତ ସଦାନନ୍ଦପୁର ଅଞ୍ଚଳର ନବଘନ ସାହୁଙ୍କ ପୁତ୍ର କ୍ଷୀରୋଦ କୁମାର ସାହୁ(୪୦) । ତାଙ୍କଠାରୁ ୧୫ ଗ୍ରାମ ଓଜନର ବ୍ରାଉନସୁଗାର ଜବତ୍ କରାଯାଇଛି । ଜଳେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ଆଣି ଭୁବନେଶ୍ୱର ଯିବା ପାଇଁ ବାଲେଶ୍ୱର ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିବା ବେଳେ ଅବକାରୀ ଟିମ୍ ତାଙ୍କୁ ଗିରଫ କରିଥିଲା । କ୍ଷୀରୋଦ ନିୟମିତ ବ୍ରାଉନସୁଗାର ଚାଲାଣ କାର୍ଯ୍ୟରେ ନିୟୋଜିତ ହୋଇଥିବା ନେଇ ପୂର୍ବରୁ ଜିଲ୍ଲା ଅବକାରୀ ବିଭାଗ ନିକଟରେ ସୂଚନା ଥିଲା । ସେହିହକ୍ରମରେ ତା'ଉପରେ ବିଭାଗର ନଜର ଥିଲା । ଆଜି ବିଶ୍ୱସ୍ତ ସୂତ୍ରରରୁ ଖବର ପାଇ ଅବକାରୀ ଟିମ୍ ବସ୍‌ଷ୍ଟାଣ୍ଡରୁ କ୍ଷୀରୋଦକୁ ଗିରଫ କରିଥିଲା । ଜବତ୍ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ଲକ୍ଷେରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଅବକାରୀ ଅଧିକାରୀ ସୂଚନା ଦେଇଛନ୍ତି ।

## ରାଜ୍ୟରେ ଆଉ ୧୭ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୧୧୨୧ହେଲା

ଭୁବନେଶ୍ୱର,୧୭।୧୦ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୭ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୧୨୧କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାର ୫ ଜଣ, କଟକ ଜିଲ୍ଲାର ୨ ଜଣ, ଅନୁଗୁଳ, ବାଲେଶ୍ୱର, ଜଗତସିଂହପୁର, କନ୍ଧମାଳ, କେନ୍ଦୁଝର, ମୟୁରଭଂଜ,ନୟାଗଡ, ପୁରୀ, ସୁନ୍ଦରଗଡ ଓ ସମ୍ବଲପୁରର ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜଣେ ୫୬ ବର୍ଷୀୟ କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ଘଟିଛି । ବାଲେଶ୍ୱର ଜିଲ୍ଲାର ଜଣେ ୬୯ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୫୭ ବର୍ଷୀୟ କରୋନା ଆକ୍ରାନ୍ତ ମହିଳା ମୃତ୍ୟୁବରଣ କରିଛନ୍ତି । ଭୁବନେଶ୍ୱରର ଜଣେ ୭୦ ବର୍ଷୀୟ କରୋନା ▶▶ପୃଷ୍ଠା ୭

## ୨୪ ଘଂଟାରେ ୨୧୬ ଆକ୍ରାନ୍ତ , ୩୦୭ ସୁସ୍ଥ

ଭୁବନେଶ୍ୱର,୧୭।୧୦ (ନି.ପ୍ର): ଭୁବନେଶ୍ୱର ସହରରୁ ଶନିବାର ଦିନ ଆଉ ୨୧୬ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରେ ୫୫ ଜଣ ସଂଗରୋଧ ଓ ୧୬୧ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି । ସେହିପରି ୨୪ ଘଂଟାରେ ୩୦୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ଆଉ ୪ ଜଣ ମୃତ୍ୟୁବରଣ କରିଛନ୍ତି । ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି । ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୨୬ ,୯୯୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୨୩ ,୮୩୦ ଜଣ ସୁସ୍ଥ ହୋଇସାରିଛନ୍ତି । ଏବେ ୩୦୧୧ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୧୩୩ ଜଣଙ୍କର ମୃତ୍ୟୁ ହୋଇଛି । ସଂଗରୋଧରୁ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ପଟିଆରୁ ୯ ଜଣ, ସତ୍ୟବିହାର ଓ ନୟାପଲ୍ଲୀରୁ ୫ ଜଣ ଲେଖାଏଁ ରହିଛନ୍ତି । ସେହିପରି ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଚନ୍ଦ୍ରଶେଖରପୁର ଓ ନୟାପଲ୍ଲୀରୁ ୧୧ ଜଣ ଲେଖାଏଁ , ପଟିଆ ଓ ୟୁନିଟ୍ ୯ରୁ ୧୦ ଜଣ ଲେଖାଏଁ , ବଡଗଡ , ଲକ୍ଷ୍ମୀସାଗର ଓ ଖଣ୍ଡଗିରିରୁ ୭ ଜଣ ଲେଖାଏଁ , ପୋଖରୀପୁଟ ଓ ବମିଖାଲରୁ ୬ ଜଣ ଲେଖାଏଁ ,ଓଲ୍ଡଟାଉନ୍ ଓ ଝାରପଡାରୁ ୫ ଜଣ ଲେଖାଏଁ ଏବଂ ୟୁନିଟ୍ ୬ ଓ ଶୈଳଶ୍ରୀବିହାରରୁ ୪ ଜଣ ଲେଖାଏଁ ରହିଛନ୍ତି ।

## ବିଜେପି ପ୍ରାର୍ଥୀଙ୍କ ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ମାରାଥନ୍ ପ୍ରଚାର



ବାଲେଶ୍ୱର,୧୭।୧୦ (ନି.ପ୍ର): ଚଳିତ ବାଲେଶ୍ୱର ଉପ-ନିର୍ବାଚନରେ ପ୍ରଚାର କ୍ଷେତ୍ରରେ ଅନ୍ୟାନ୍ୟ ରାଜନୈତିକ ଦଳଙ୍କ ତୁଳନାରେ ବିଜେପି ବେଶ୍ ଆଗରେ ଥିବା ଲକ୍ଷ୍ୟ କରାଯାଇଛି । ବିଜେଡି ଭଳି ମାଳ ମାଳ ମନ୍ତ୍ରୀ ବିଧାୟକ ନଥିଲେ ମଧ୍ୟ ବିଜେପି ପ୍ରଚାର କମିଟି ଅଧ୍ୟକ୍ଷ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏବେ ଦଳୀୟ ପ୍ରାର୍ଥୀ ମାନସ କୁମାର ଦତ୍ତଙ୍କ ସପକ୍ଷରେ ସବୁବର୍ଗର କର୍ମୀ ପ୍ରଚାର ଚଳାଇଛନ୍ତି । ଏହି ପରିପ୍ରେକ୍ଷୀରେ ଶ୍ରୀ ମହାନ୍ତିଙ୍କ ସମେତ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରାର୍ଥୀ ମାନସଙ୍କୁ ନେଇ ଛାନୁଆ ପଞ୍ଚାୟତ ସମେତ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା କରିବା ସହ ଡୋର କ୍ୟାମ୍ପେନିଂ ଜରିଆରେ ଭୋଟଭିକ୍ଷା କରିଛନ୍ତି । କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନାର ସୁଫଳ ସାଙ୍ଗକୁ ଯୋଜନା କାର୍ଯ୍ୟକାରୀରେ ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ଜନସାଧାରଣଙ୍କୁ ଅବଗତ କରିଛନ୍ତି । ବିଶେଷ କରି ଓଡ଼ିଶାରୁ ଦୁର୍ନୀତିମୁକ୍ତ ଶାସନର ମୂଳ ଉପ୍‌ଟନ ପାଇଁ ବାଲେଶ୍ୱରରୁ ବିଜେପି ପ୍ରାର୍ଥୀ ମାନସଙ୍କୁ ଭିତ୍ତି ପ୍ରସ୍ତର ସ୍ଥାପନର ସୁଯୋଗ ଦେବାକୁ ସେ ନିବେଦନ କରିଛନ୍ତି । ପ୍ରାର୍ଥୀ ମାନସ ଦତ୍ତ, ଜୋନାଲ ମିଡିଆ ସଂଯୋଜକ ସତ୍ୟଜିତ୍ ମିଶ୍ର, ବିଜେପି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଜିଲ୍ଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ପଞ୍ଚୁପଡ଼ା ମଣ୍ଡଳ ସଭାପତି ବିଜୟ ସାହୁ, ପ୍ରଭାରୀ ଲୋକନାଥ ଭୂୟାଁ ପ୍ରମୁଖ ଏଥିରେ ଯୋଗଦେଇ ଭୋଟଭିକ୍ଷା କରିଥିଲେ । ବିଶେଷ କରି ଦୁର୍ନୀତିର ଗନ୍ତାଘର ପାଲଟିଥିବା ପଞ୍ଚାୟତିରାଜ ବ୍ୟବସ୍ଥାର ସୁଧାର ଆଣିବା ପାଇଁ ମାନସ ଦତ୍ତଙ୍କୁ ବହୁ ଅଧିକ ଭୋଟ ଦେଇ ବିଜୟ କରିବାକୁ ସେମାନେ ନିବେଦନ କରିଥିଲେ । ଏହି ପ୍ରଚାର ବେଳେ ବିଭିନ୍ନ ସ୍ଥାନରେ ଗ୍ରାମବାସୀମାନେ ଘଣ୍ଟ, ଘଣ୍ଟା ଢୋଲ ଆଦି ବଜାଇ ବିଜେପି ପ୍ରଚାର ଦଳକୁ ସ୍ୱାଗତ କରିଥିବା ଦେଖିବାକୁ ମିଳିଥିଲା । ପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ଅନ୍ୟାନ ପଞ୍ଚାୟାତରେ ଏକାଧିକ ନିର୍ବାଚନୀ ସଭାରେ ଯୋଗଦେଇ ବାଲେଶ୍ୱର ପୌରାଞ୍ଚଳକୁ ଆସିଥିଲେ ।

# "ପରୀ" ଅପହରଣ ଓ ହତ୍ୟା ପ୍ରସଙ୍ଗ ,ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ ପାଇଁ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୭।୧୦ (ନି.ପ୍ର): ନୟାଗଡ ଜିଲ୍ଲା ନୟାଗଡ ସଦର ଥାନା ଅନ୍ତର୍ଗତ ଯଦୁପୁର ଗ୍ରାମର ୫ ବର୍ଷୀୟା ନିରୀହା କନ୍ୟା "ପରୀ"କୁ ଗତ ଜୁଲାଇ ୧୪ ତାରିଖରେ ଖେଳୁଥିବା ସମୟରେ ଅପହରଣ କରାଯାଇଥିଲା ଏବଂ ଠିକ୍ ସେହି ମାସ ୨୩ ତାରିଖରେ ତାଙ୍କ ଘର ନିକଟରେ ଥିବା ପୋଖରୀରୁ ଏକ ବ୍ୟାଗ ଭିତରେ ବନ୍ଧା ହୋଇ ତାହାର ଗଳିତ ଶବ ମିଳିଥିଲା। ସଦର ଥାନାରେ ଗତ ୧୪ ତାରିଖରେ "ପରୀ"ର ବାପା ଅଭିଯୋଗ କରିଥିଲେ ମଧ୍ୟ ଘଟଣା ଘଟିବାର ୩ ମାସ ବିତି ଯାଇଥିଲେ ସୁଦ୍ଧା ପୋଲିସ ଅପରାଧିଙ୍କୁ ଧରିବା ପାଇଁ କୌଣସି ପଦକ୍ଷେପ ନେଇନଥିଲା । ଏହାକୁ ବିରୋଧ କରି ପ୍ରଦେଶ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ପ୍ରଦେଶ କଂଗ୍ରେସ ପକ୍ଷରୁ ଏକ ପିଟିସନ ଦାଖଲ କରିଥିଲେ। ମାନ୍ୟବର କମିଶନ ଏହାକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଇ ନୟାଗଡ ଏସି.ପି.ଙ୍କୁ ନୋଟିସ ଜାରି କରିବା ସହିତ ଏହି ଘଟଣାକୁ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ଘଟଣାରେ କି କି ପଦକ୍ଷେପ ନେଇଛ ତିନି ସପ୍ତାହ ମଧ୍ୟରେ ଜଣାଇବାକୁ ମାନ୍ୟବର କମିଶନ ନିର୍ଦ୍ଦେଶ ଦେଇଛନ୍ତି।

## ୩୩ କେଜି ଗଞ୍ଜେଇ ଜବତ ,୩ ଗିରଫ

ପୁରୀ,୧୭।୧୦ (ନି.ପ୍ର): ଟାଉନ୍‌ଥାନା ପୁଲିସ ବାଲିସାହି ଶ୍ୱେତଗଙ୍ଗା ଗଳିର ଜଗନ୍ନାଥ ପଣ୍ଡାଙ୍କ ଘରେ ଚଢାଉକରି ୩୨ କିଗ୍ରା ୯୦୦ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଚୋରା ଗଞ୍ଜେଇ ବ୍ୟବସାୟରେ ସମ୍ପୃକ୍ତ ଶ୍ୱେତଗଙ୍ଗା ଗଳିର ଶରତ ପଣ୍ଡା(୫୩), ଜଗନ୍ନାଥ ପଣ୍ଡା (୮୧) ଓ ମାଟିମଣ୍ଡପ ସାହିର ଲକ୍ଷ୍ମୀନାରାୟଣ ନନ୍ଦ(୪୪)ଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନଙ୍କ ନିକଟରୁ ୬ଟି ମୋବାଇଲ ଓ ନଗଦ ୪ ହଜାର ୩୪୦ଟଙ୍କା ଜବତ କରାଯାଇଛି। ଶ୍ୱେତଗଙ୍ଗା ଗଳିର ଜଣେ ବ୍ୟକ୍ତିଙ୍କ ଘରେ ଚୋର ଗଞ୍ଜେଇ ବ୍ୟବସାୟ ଚାଲିଥିବା କୌଣସି ସୂତ୍ରରୁ ଖବରପାଇ ଟାଉନ୍ ଥାନ ପୁଲିସ ଗତକାଲି ଜଗନ୍ନାଥଙ୍କ ଘର ଉପରେ ଚଢାଉ କରିଥିଲା। ଚଢାଉ ସମୟରେ ତିନିଟି ଜରି ମୁଣିରେଥିବା ୩୨ କିଗ୍ରା ୯୦୦ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଟାଉନ୍ ଥାନାରେ ଏନ୍‌ଡ଼ିପିଏସ୍ ଆକ୍ଟରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଭୁବନ ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ୭୪ ତମ ଜନ୍ମଦିନ ପାଳିତ , ମାସ୍କ ବଣ୍ଟନ

ଭୁବନ,୧୭।୧୦ (ନି.ପ୍ର): ଓଡିଶା ପ୍ରଗତିର ସାରଥି, ବିକାଶର ମହାନାୟକ, ସର୍ବଶ୍ରେଷ୍ଠ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୪ ତମ ଜନ୍ମଦିନ ବିଜୁ ଜନତା ଦଳ ଭୁବନ ଶାଖା ତରଫରୁ ପାଳିତ ହୋଇଯାଇଛି । ଭୁବନ ବ୍ଲକ ଅନ୍ତର୍ଗତ ବାରୁଆଁ(ବି) ପଂଚାୟତର ମାଲୁଆଗୋଡା ଠାରେ ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ କରୋନା ସଚେତନତା ସଂପର୍କରେ ଲୋକଙ୍କୁ ଅବଗତ କରାଇବା ସହିତ ମାସ୍କ ବିତରଣର ଶୁଭାରମ୍ଭ କରିଥିଲେ । ପରେ ଏକ ର୍‍ୟାଲିରେ ଯାଇ ଲୋକଙ୍କୁ ମାସ୍କ ବଣ୍ଟନ କରି ମାସ୍କ ପିନ୍ଧିବା, ସାମାଜିକ ଦୂରତା ଅବଲମ୍ବନ କରିବା, ବାରମ୍ବାର ସାବୁନ ରେ ହାତ ଧୋଇବା ସଂପର୍କରେ ସଚେତନତା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ (ଜୋନ-୧) ପ୍ରବୋଧ ଦାଶ, ସୁଧାକର ସାହୁ, ଅମୁଲ୍ୟ ଦ୍ୱିବେଦୀ, ରାକେଶ ଆଇଚ, ପ୍ରମୋଦ ସାହୁ, କୈଳାସ ଚନ୍ଦ୍ର ଜେନା, ଭରତ ସେନାପତି, ଭାଗିରଥି ସେଠୀ, ରବି ନାରାୟଣ ଷଣ୍ଢ, ଭକ୍ତ ମୁର୍ମୁ, ରତ୍ନାକର ବାରିକ, ମହିଳା ବିଜେଡି ବ୍ଲକ ସଭାନେତ୍ରୀ ସଂଧାରାଣୀ ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘ ନିରାମୟ ଜୀବନ କାମନାର୍ଥେ ଦୀପ ଜାଳିଥିଲେ ।

## ଖାସବାହାଲ ସରପଂଚଙ୍କ କରୋନା ସଚେତନତା

ନୂଆପଡା,୧୭।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଲ ବ୍ଲକ ଖାସବାହାଲ ପଂଚାୟତରେ କରୋନା ସଚେତନତା ଅଭିଯାନ ଜାରି ରହିଛି । ସରପଂଚ ଯମୁନା ବାଗଙ୍କ ନେତୃତ୍ୱରେ ଆଶାକର୍ମୀ, ଅଙ୍ଗନୱାଡିକର୍ମୀ, ଜନ ପ୍ରତିନିଧି, ଏଏନଏମ, ସିଏଲଏଫ କର୍ମକର୍ତା ସମେତ ଗ୍ରାମର ମାଁ ମାନେ ସାମିଲ ରହି ଘରକୁ ଘର ବୁଲି ସଚେତନତା ସୃଷ୍ଟି କରୁଛନ୍ତି । ଦେଶରେ କରୋନା ମହାମାରୀ ରୂପ ଧାରଣ କରି ଗ୍ରାସ କରି ଆସୁଥିବା ବେଳେ କିଛିକାଂଶରେ ଲୋକଙ୍କ ଖାମଖିଆଲି ମନୋଭାବ ଦୂରେଇ ଯାଇନାହିଁ । ତେଣୁ ଘର ଘର ବୁଲି ନାମ ତାଲିକା ପ୍ରସ୍ତୁତ କରି ଆସନ୍ତା ଦିନରେ ସଂଖ୍ୟାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହି ସଚେତନତା ଅଭିଯୋନରେ ସମାଜସେବୀ ପ୍ରେମଲାଲ ବାଗ ସକ୍ରୀୟ ଅଂଶ ଗ୍ରହଣ କରିଥିବା ବେଳେ ଆଶାଦିଦି ସୌଦାମିନୀ ହଂସ, କୁମାରୀ ଶବର, ଡାଳିମ୍ଭ ବାଗ, ଅଙ୍ଗନୱାଡି କର୍ମୀ କୁନ୍ତଳା ଶବର, କମଳିନୀ ପଟେଲ, ଜିପିଏଲଏଫ ସଭାନେତ୍ରୀ ପ୍ରମିଳା ଶବର, ୱାର୍ଡସଭ୍ୟା ରକ୍ମଣୀ ଟାହାଣୀ, ସାବେତ୍ରୀ ଶବରଙ୍କ ସମେତ ଅନ୍ୟାନ୍ୟ ମହିଳା ସାମିଲ ଅଛନ୍ତି ।

# କଟକ ଗଣଦୁଷ୍କର୍ମ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବିରେ ଆମେ ଭାରତବାସୀ ତରଫରୁ ବିକ୍ଷୋଭ

ଭୁବନେଶ୍ୱର,୧୭।୧୦ (ନି.ପ୍ର): ହାଥରାସ ଠାରୁ ଆରମ୍ଭ କରି କଟକ ଯାଏଁ ସାରା ଦେଶରେ ଘଟୁଥିବା ସମସ୍ତ ଦୁଷ୍କର୍ମ, ଗଣଦୁଷ୍କର୍ମ, ହତ୍ୟା, ଦେଶର ବିଭିନ୍ନ ଅଂଚଳରେ ଘଟୁଥିବା ମହିଳା ହିଂସା, ନିର୍ଯ୍ୟାତନା ଓ ପକ୍ଷପାତିତା ଘଟଣାର ତୁରନ୍ତ ଫାଷ୍ଟ ଟ୍ରାକ୍ କୋର୍ଟରେ ବିଚାର ହୋଇ ଅପରାଧୀକୁ ଦୃଷ୍ଟାନ୍ତମୂଳକ ଶାସ୍ତି, ପୀଡ଼ିତାକୁ ଅନ୍ୟୁନ ୫୦ ଲକ୍ଷ ଟଙ୍କା ଅନୁକମ୍ପା ଘୋଷଣା ଦାବିରେ "ଆମେ ଭାରତବାସୀ" ତରଫରୁ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରତିବାଦରେ ଲୋହିଆ ଏକାଡେମୀର ସମ୍ପାଦକ ଦେବ ପ୍ରସାଦ ରାୟ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ସିପିଆଇ ନେତା ଆଶୋକ ସାହୁ, ଶ୍ରମିକ ନେତା ମହେନ୍ଦ୍ର ପରିଡା, ସିପିଆଇ ନେତା ଜୟନ୍ତ ଦାସ, ଛାଇର ସମ୍ପାଦକ ସତୀଶ ମିଶ୍ର, କଂଗ୍ରେସ ନେତା ଅମୀୟ ପାଣ୍ଡବ, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଅଖିଳ ଭାରତ ଛାତ୍ର ସଂଘର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା, ସାମାଜିକ କର୍ମୀ ଅପର୍ଣ୍ଣା ତ୍ରିପାଠୀ, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ପକ୍ଷରୁ ବିଜୟ କୁମାର ବାରିକ ଓ ନାରାୟଣ ଦାସ ସାମିଲ ହୋଇ ସରକାର ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି କରିଥିଲେ ।

# ଏସୟୁଜେ ରାୟଗଡ ଜିଲ୍ଲା ଶାଖା ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ




ଗୁଣପୁର,୧୭।୧୦ (ନି.ପ୍ର): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ହାଟମୁନିଗୁଡା ସ୍ଥିତ ରାମକୃଷ୍ଣ ମିଶନ ଆଶ୍ରମ ପରିସରରେ ରାଜ୍ୟ ସାମ୍ବାଦିକ ୟୁନିୟନ୍ (ଏସୟୁଜେ)ର ରାୟଗଡ ଜିଲ୍ଲା ଶାଖା ଓ ମୁନିଗୁଡା ରେଂଜ ବନ ବିଭାଗ ଏବଂ ରାମକୃଷ୍ଣ ମିଶନ ଆଶ୍ରମ ମିଳିତରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏସୟୁଜେ ରାୟଗଡ ଜିଲ୍ଲା ଶାଖାର ଜିଲ୍ଲା ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଦିଲ୍ଲୀପ ପଟ୍ଟନାୟକ ଓ ବିଷମକଟକ ବ୍ଲକ ସଭ୍ୟମାନଙ୍କ ସହଯୋଗରେ ଅନୁଷ୍ଠିତ ବୃକ୍ଷରୋପଣ ଏବଂ ସଭା କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ମାନ୍ୟବର ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାସ, ରାଜ୍ୟ ଖଦି ବୋର୍ଡ ସଦସ୍ୟ ତଥା ବିଜେଡି ରାଜ୍ୟ ଯୁଗ୍ମ ସଂପାଦକ ପୃଥ୍ୱୀରାଜ ସାହୁ, ରାମକୃଷ୍ଣ ମିଶନ ଆଶ୍ରମର ସଂପାଦକ ସ୍ୱାମୀ ଗୀତାତମନନ୍ଦାଜୀ ମହାରାଜ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ । ସେହିପରି ଅନୁଷ୍ଠିତ ସଭା କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସଂଘ ତରଫରୁ ସ୍ୱାଗତ କରାଯାଇଥିଲା । ବୃକ୍ଷରୋପଣର ଆବଶ୍ୟକତା ଓ ପରିବେଶ ସନ୍ତୁଳନ ଏବଂ ସମାଜରେ ସାମ୍ବାଦିକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟ ଅତିଥିମାନେ ନିଜ ନିଜର ମତପୋଷଣ କରିଥିଲେ । ବିଶେଷ କରି ବୃକ୍ଷରୋପଣ ଭଳି ମହତ କାର୍ଯ୍ୟକ୍ରମ କରିଥିବାରୁ ମାନ୍ୟବର ମନ୍ତ୍ରୀ ଶ୍ରୀ ସାରକା ଏସୟୁଜେ ରାୟଗଡ ଜିଲ୍ଲା ଶାଖାକୁ ପ୍ରଶଂସା କରିଥିଲେ ଏବଂ ଆଗାମୀ ଦିନରେ ଏପରି କାର୍ଯ୍ୟକ୍ରମ ଅଧିକ ସଂଖ୍ୟାରେ କରିବା ପାଇଁ ସେ ଉତ୍ସାହିତ କରିଥିଲେ । ଏସୟୁଜେ ରାୟଗଡ ଜିଲ୍ଲା ଶାଖା ଉପଦେଷ୍ଟା ତଥା ସଂଘର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ବରିଷ୍ଠ ସାମ୍ବାଦିକ ବାଦଲ କୁମାର ତା' ସଭା କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ଜିଲ୍ଲା ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଅନ୍ୟମାନଙ୍କ ମଧ୍ୟରେ ଏସୟୁଜେ ରାୟଗଡ ଜିଲ୍ଲା ସଭାପତି ଶିବ ନାରାୟଣ ଗଉଡ, ଉପସଭାପତି ସହଦେବ ସାହୁ, ସାଧାରଣ ସଂପାଦକ ସୁବାଷ ଚନ୍ଦ୍ର ସୂର୍ଯ୍ୟ, କୋଷାଧକ୍ଷ ସନ୍ତୋଷ କୁମାର ଦଳେଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଂ୍ତୋଷ କୁମାର ପାଣିଗ୍ରାହୀ, ସହ ସଂପାଦକ ବିଜୟ କୁମାର ଦାସ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ କାଶିନାଥ ପାଳ, ସାଙ୍ଗଠନିକ ସଂପାଦକ ଦୁର୍ଗା ପ୍ରସାଦ ପାଢୀଙ୍କ ସମେତ ରାୟଗଡ, ମୁନିଗୁଡା, ଅମ୍ବାଦଳା ଓ ବିଷମକଟକର ସମସ୍ତ ସଭ୍ୟ ତଥାରାମକୃଷ୍ଣ ମିଶନ ଆଶ୍ରମ ର ଅଧ୍ୟକ୍ଷ ରଙ୍ଗନାଥ ବାନାର୍ଜି ଓ ବିଷମକଟକ ବନପାଳ ପ୍ରସନ୍ନ କୁମାର ମିଶ୍ର ଉପସ୍ଥିତ ରହିଥିଲେ ।

# ଅଣୁ ଜୈବଖତ ପ୍ରସ୍ତୁତି କେନ୍ଦ୍ର ନିର୍ମାଣ : ପୌରପରିଷଦ ପକ୍ଷରୁ ବନ ବିଭାଗର ବିନା ଅନୁମତିରେ ଶତାଧିକ ଗଛ କଟା

## ବିନା ଥଇଥାନରେ ବସ୍ତି ଉଚ୍ଛେଦ ନିମନ୍ତେ ପଦକ୍ଷେପକୁ ବିରୋଧ

ବାରିପଦା,୧୭।୧୦ (ନି.ପ୍ର): ବାରିପଦା ପୌରପରିଷଦର ୱାର୍ଡ଼ ନମ୍ବର ୨୭ ମହାରାଜପୁର ମୌଜାରେ ବାରିପଦା ପୌରପରିଷଦ ପକ୍ଷରୁ ଅଣୁ ଜୈବଖତ ପ୍ରସ୍ତୁତି କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଅଛି । ଏଥି ନିମନ୍ତେ ବାରିପଦା ପୌରପରିଷଦ ପକ୍ଷରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଜମିରେ ରହିଥିବା ଶାଗୁଆନ ଓ ଆକାଶି ଆଦି ବିଭିନ୍ନ ପ୍ରକାରର ଶତାଧିକ ଗଛକୁ ବନ ବିଭାଗର ବିନା ଅନୁମତିରେ କଟା ଯାଇଥିବା ସହ ସେଠାରେ ଥିବା ବସ୍ତିକୁ ଉଚ୍ଛେଦ କରାଯିବା ନିମନ୍ତେ ନିଆଯାଇଥିବା ପଦକ୍ଷେପକୁ ନିରଞ୍ଜନ ମୁର୍ମୁ, ରୁସୁ ମୁର୍ମୁ, ଆନୁ ମାର୍ଣ୍ଡି, କୁନି ଆଲଦା, ସନତ ମୁର୍ମୁ, ଭାରତୀ ମୁର୍ମୁ, ବୈଦ୍ୟନାଥ ସିଂ, ଭୀମଚରଣ ମାଝି, କୁନା ବିନ୍ଧାଣି, ଜଟାୟ ସୋରେନ ପ୍ରମୁଖ ସ୍ଥାନୀୟ ବସ୍ତିବାସିନ୍ଦାମାନେ ତୀବ୍ର ବିରୋଧ କରିଛନ୍ତି । ମହାରାଜାପୁର ମୌଜାରେ ଗଢ଼ି ଉଠିଥିବା ବସ୍ତିର ବାସିନ୍ଦା ବ୍ରଜମୋହନ କିସ୍କୁଙ୍କ କହିବା ଅନୁସାରେ ପ୍ରାୟ ୧୦ / ୧୫ ବର୍ଷ ହେବ ବସ୍ତି କରି ଶେହେରୁ ଅଧିକ ପରିବାର ବସବାସ କରିଆସୁଛୁ । କିନ୍ତୁ ହଠାତ୍ ପ୍ରଶାସିକ ଅଧିକାରିମାନେ ଆମକୁ ବସ୍ତି ଛାଡ଼ି ଚାଲିଯିବା ନିମନ୍ତେ ଧମକ ଦେଇଛନ୍ତି । କରୋନା ମହାମାରି ଆମର ଆର୍ଥି ମେରୁଦଣ୍ଡକୁ ଭାଙ୍ଗି ଚୁରମାର କରାଇ ଦେଇଥିବା ବେଳେ ଆମେ ବସ୍ତିଛାଡ଼ି ଯିବୁ କୁଆଡ଼େ, ରହିବୁ କେଉଁଠି, ଖାଇବୁ କଣ । ପ୍ରଥମେ ଥଇଥାନ ପରେ ଉଚ୍ଛେଦ ନିମନ୍ତେ ଅଦାଲତଙ୍କ ନିର୍ଦ୍ଦେଶ ରହିଥିବା ବେଳେ ଆମକୁ ବିନା ଥଇଥାନରେ ଉଚ୍ଛେଦ କରାଯିବା ମୁଖ୍ୟମନ୍ତ୍ରଙ୍କ ମୋ ସରକାର ଓ ୫-ଟି ପ୍ରତି ବାରିପଦା ପୌରପରିଷଦର ଉପହାସ । ତେଣୁ ମୁଖ୍ୟମନ୍ତ୍ରୀ ମହାରାଜପୁର ବସ୍ତିବାସିନ୍ଦାଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ବିହିତ ପଦକ୍ଷେପ ଗ୍ରହଣ ନିମନ୍ତେ ଦାବି କରିଛନ୍ତି । ସେହିପରି ଘାସିରାମ ଟୁଡୁଙ୍କ ଅଭିଯୋଗ ଅନୁସାରେ ବାରିପଦା ପୌରପରିଷଦ ପକ୍ଷରୁ ଅଣୁ ଜୈବଖତ ପ୍ରସ୍ତୁତି କେନ୍ଦ୍ର ନିର୍ମାଣ ନିମନ୍ତେ ବସ୍ତି ଉଚ୍ଛେଦ କେତେଦୂର ଗ୍ରହଣୀୟ । ୪ ଡ଼େସିମିଲ ଏନକ୍ଲୋଜମେଂଟ ଜମିକୁ ୮୦ ହଜାର ଟଙ୍କା ଦେଇ ବାଲିଆ ମାଝି ନିକଟରୁ କିଣି ଘରଦ୍ୱାର କରି ଏଠାରେ ଅନେକ ବର୍ଷ ଧରି ବସବାସ କରିଆସୁଛୁ । ମହାରାଜପୁର ମୌଜାରେ ଅନେକ ସରକାରୀ ଜମି ପତିତ ଅବସ୍ଥାରେ ପଡ଼ିଥିବା ବେଳେ ଏହି ବସ୍ତିକୁ ଉଚ୍ଛେଦ ସହ ବସ୍ତିବାସିନ୍ଦାମାନଙ୍କୁ ବେଘର କରାଇ ଅଣୁ ଜୈବଖତ ପ୍ରସ୍ତୁତି କେନ୍ଦ୍ର ନିର୍ମାଣ କରିବାକୁ ଆମ୍ଭେମାନେ ବିରୋଧ କରୁଛୁ । ପୌରପ୍ରଶାସନ ନିଜ ନିଷ୍ପତିରେ ପୁର୍ନବିଚାର କରାଇବା ନିମନ୍ତେ ଦାବି କରିବା ସହ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପାଇଁ ନିବେଦନ କରିଛନ୍ତି । ପୁଣି ଅରୁଣ କୁମାର ସିଂ ୪୫ ହଜାର ଟଙ୍କା ଦେଇ ଭାନୁ ନାମକ ଏକ ବ୍ୟକ୍ତି ନିକଟରୁ ଏନକ୍ଲୋଜମେଂଟ ଜମି କିଣି ୧୦/ ୧୫ ବର୍ଷ ପୂର୍ବରୁ ଘର ତିଆରି କରି ରହିଆସୁଥିବା ସମୟରେ କେତେକ ସରକାରୀ କର୍ମଚାରି ଆସି ଏଠାରେ ଥିବା ଶାଗୁଆନ, ଆକାଶି, ପଟାସ ଆଦି ଶତାଧିକ ଗଛକୁ କାଟି ଗାତ ଖୋଳିବା ସହ ଆମ୍ଭମାନଙ୍କୁ ବସ୍ତି ଖାଲିକରି ଚାଲିଯିବାକୁ କହିଛନ୍ତି । ଖାଲି ନ କଲେ ବଳ ପୂର୍ବକ ବସ୍ତିକୁ ଭାଙ୍ଗି ଦେବାର ଧମକ ଦେଇଛନ୍ତି । ଏହି ବସ୍ତିରେ ବସବାସ କରୁଥିବା ପରିବାର ମଧ୍ୟରୁ ଅଧିକାଂଶ ଅନୁସୂଚିତ ଜନଜାତି ଓ ଅଳ୍ପ ସଂଖ୍ୟକ ଅନୁସୂଚିତ ଜାତି ସମ୍ପ୍ରଦାୟର ରହିଛନ୍ତି । ସରକାର ଅନୁସୂଚିତ ଜନଜାତି ଓ ଜାତିର ଜନସାଧାରଣଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବା ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଉଥିବା ସମୟରେ ବାରିପଦା ପୌରପରିଷଦ ପକ୍ଷରୁ ଅନୁସୂଚିତ ଜନଜାତି ଓ ଜାତି ଦମନ ନୀତି ଆପଣେଇ ନେଇଛନ୍ତି ବୋଲି ଅଭିଯୋଗ କରିବା ସହ ଅଣୁ ଜୈବଖତ ପ୍ରସ୍ତୁତି କେନ୍ଦ୍ର ନିର୍ମାଣକୁ ଅନ୍ୟ ସ୍ଥାନାକୁ ସ୍ଥାନାନ୍ତରିତ କରାଇବା ନିମନ୍ତେ ଦାବି କରିଛନ୍ତି । ଏ ବିଷୟରେ ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ବାରିପଦା ଉପଜିଲ୍ଲାପାଙ୍କ ସହ ଯୋଗାଯୋଗ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନଥିଲା । ଏଠାରେ ପ୍ରଶ୍ନ ଉଠୁଛି, ଜମି ମାଫିଆମାନେ ସରକାରୀ ଜମିକୁ ନିଜ ଦଖଲରେ ରଖି ପରବର୍ତି ସମୟରେ ଜନସାଧାରଣଙ୍କୁ ବିକ୍ରି କରି ମୁନାଫା କମାଇ ଆସୁଥିବା ବେଳେ ପ୍ରଶାସନ ଏ ଦିଗରେ ନୀରବ ଦ୍ରଷ୍ଟା ସାଜିଥିଲା କାହିଁକି । ଏଣୁ ସରକାର ଏହାକୁ ଗୁରୁତ୍ୱର ସହ ବିଚାରକୁ ନେଇ ନିରପେକ୍ଷ ତଦନ୍ତ କଲେ ବହୁ ଗୁମର ଲୋକ ଲୋଚନାକୁ ଆସିବାର ଯଥେଷ୍ଟ ସମ୍ଭାନା ରହିଛି ।

## ଭଞ୍ଜସେନା ଜିଲ୍ଲା କମିଟି ପୁର୍ନଗଠିତ : ନୂତନ କର୍ମକର୍ତାମାନଙ୍କ ନାମ ଘୋଷଣା କଲେ କଳିଙ୍ଗ କେଶରୀ

ବାରିପଦା,୧୭।୧୦ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ତଥା ଅଣରାଜନୈତିକ ଯୁବଛାତ୍ର ସଙ୍ଗଠନ ଭଞ୍ଜସେନା ପୁର୍ନଗଠିତ ହୋଇଅଛି । ସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅନୁମୋଦନ କ୍ରମେ ଆଜି ଜିଲ୍ଲା କମିଟିକୁ ପୁର୍ନଗଠିତ କରାଯିବା ସହ କେତେକ ନୂତନ କର୍ମକର୍ତାମାନଙ୍କ ନାମ ଘୋଷଣା ଏବଂ ଅନ୍ୟ କେତେକ କର୍ମକର୍ତାମାନଙ୍କପଦପଦବୀରେ ଅଦଳବଦଳ କରାଯାଇଛି । ଭଞ୍ଜସେନାର ଉପାଧ୍ୟକ୍ଷ ଭାବେ ଶୁଭେନ୍ଦୁ ମହାନ୍ତି ଓ ନିମାଇଁ ତ୍ରିପାଠୀଙ୍କ ନାମ ଘୋଷଣା କରାଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ଲକ୍ଷ୍ମଣ ଟୁଡୁ(ଗୋରୁମହିଷାଣି ବିକାଶ ପରିଷଦର ସଭାପତି), ଉପସଭାପତି- ରାକେଶ ମହାନ୍ତି, ପ୍ରଦୀପ ଦେ, ଜିତେନ୍ଦ୍ର ହେମ୍ବ୍ରମ ଓ ରତି ରଞ୍ଜନ ରାଉତ, ସାଧାରଣ ସମ୍ପାଦକ- ଇଂ. ରମକ୍ସଙ୍କନ ବେଗ୍, ସମ୍ପାଦକ- ଏସକେ ରାଜା ଖାନ୍, ଗଣେଶ ମହାନ୍ତି ଓ ସୂର୍ଯ୍ୟକାନ୍ତ ପାଣ୍ଡା, ସଙ୍ଗଠନ ସମ୍ପାଦକ - ଧନଞ୍ଜୟ ସାହୁ, କପ୍ତିପଦା ଉପଖଣ୍ଡ- ସଭାପତି- ରବିନ ମହାନ୍ତି, ପଂଚପୀଢ଼ ଉପଖଣ୍ଡ ସଭାପତି- ଦୀପକ ମହାନ୍ତ ଏବଂ ବାରିପଦା ସହର ସାଧାରଣ ସମ୍ପାଦକ ଭାବେ ଅମିତ କୁମାରଙ୍କ ନାମ ଘୋଷଣା କରାଯାଇଛି ବୋଲି ଭଞ୍ଜସେନା ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ଗଣମାଧମକୁ ସୂଚନା ଦେଇଛନ୍ତି ।

# ହାଇଦ୍ରାବାଦରେ ଦାଦନ ଶ୍ରମିକଙ୍କ ମୃତ୍ୟୁ, ଥାନାରେ ମାମଲା

ନୂଆପଡା,୧୭।୧୦ (ନି.ପ୍ର): ନୂଆପଡା ଜିଲ୍ଲାରେ ପୁଣି ଜଣେ ଦାଦନ ଶ୍ରମିକଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ମୃତ ଦାଦନ ଶ୍ରମିକଙ୍କ ଭାଇ ଖଡିଆଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାମତେ ଖଡିଆଲ ବ୍ଲକ ରାଣିମୁଣ୍ଡା ଗ୍ରାମର ମନୋଜ ହିଆଲ ନାମକ ଯୁବକ ଚଳିତ ମାସ ୫ ତାରିଖ ଦିନ ହଇଦ୍ରାବାଦକୁ ଦାଦନ ଖଟିବାକୁ ବାହାରିଥିଲେ । ସେ ଗତ ୭ ତାରିଖ ଦିନ ହାଇଦ୍ରାବାଦର ଇନ୍ଦ୍ରମପାଟନମ ଥାନା ସ୍ଥିତ ପିଡୁଲା ଗ୍ରାମରେ ଥିବା ଇଟାଭାଟିରେ ପହଂଚିଥିଲେ । ଦାଦନ ମାଲିକ ଏଙ୍କେଟେସ ମନୋଜ ହିଆଲଙ୍କୁ ପ୍ରଥମେ ଟ୍ରେନରେ ଟିକେଟ କାଟି ଦେଇ ପହଂଚିଲା ପରେ ୬୦ ହଜାର ଟଙ୍କା ଦେବାକୁ ପ୍ରତିଶୃତି ଦେଇଥିଲେ । ହେଲେ ମନୋଜ ପହଂଚିବା ପରେ କାମ କରିବାକୁ କହିଥିଲେ । ଟଙ୍କା କଥା କହିବାରୁ କିଛି ଦିନ ପରେ ଦିଆଯିବ ବୋଲି କହିଥିଲେ । କିନ୍ତୁ ଗତକାଲି ମନୋଜ କାମ କରିବା ପରେ ଅସୁସ୍ଥ ଅନୁଭବ କରିଥିଲେ । ସାଥି ମାନେ ଏନେଇ ମାଲିକଙ୍କୁ ମଧ୍ୟ ଖବର ଦେଇଥିଲେ । କିନ୍ତୁ ମାଲିକ କୌଣସି ଗୁରୁତ୍ୱ ଦେଇନଥିଲେ । ଶେଷରେ ଗ୍ରାମରୁ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କୁ ଫୋନ କରି ଭାଇର ଦେହ ଖରାପ ଥିବା କହି ଡାକ୍ତରଖାନା ନେବାକୁ କହିଥିଲେ । ଶେଷରେ ଗତରାତ୍ରୀରେ ଡାକ୍ତରଖାନାକୁ ନେବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା । ଏନେଇ ମନୋଜଙ୍କ ଭାଇ ତୁକାରାମ ହିଆଲ ମାଲିକ ଏଙ୍କେଟେସଙ୍କ ବିରୁଦ୍ଧରେ ଖଡିଆଲ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏଠାରେ ସୂଚନା ଯୋଗ୍ୟ ଯେ ନୂଆପଡା ଜିଲାରେ ଦାଦନ ସମସ୍ୟାର ଅନ୍ତ ଘଟୁନାହିଁ । ଜିଲାର ପ୍ରତି ପ୍ରାନ୍ତରୁ ଦାଦନ ସମସ୍ୟା ଦେଖାଦେଇଛି । ଏଠାକାର ଶ୍ରମିକ ଦାଦନ ଖଟିଯାଇ ଅନେକ ସମୟରେ ଅକଥନୀୟ ନିର୍ଯ୍ୟାତନା ଭୋଗ କରୁଥିବା ସ୍ଥଳେ ଦାଦନ ସମସ୍ୟାର ସମସ୍ୟାର ସମାଧାନ ହୋଇ ପାରୁନାହିଁ । ସରକାର ଦାଦନ ରୋକିବା ସକାଶେ ଅନେକ ଯୋଜନା କାର୍ଯ୍ୟକାରୀ କରିଥିବା ସ୍ଥଳେ ତାର ସମାଧାନ ହୋଇ ପାରୁନାହିଁ । ଫଳରେ ଏଠାକାର ଲୋକେ ଅଧିକ ଅର୍ଥ ଲାଳସାରେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଅକାରଣରେ ସେମାନଙ୍କ ଜୀବନ ଚାଲି ଯାଉଥିବା ଭଳି ଘଟଣା ଅନେକ ସମୟରେ ଘଟୁଅଛି । ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ଦାଦନ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବୀ ହେଉଛି ।

# ଆତ୍ମନିର୍ଭର ଭାରତ ଅଧୀନରେ ବିଶ୍ୱସ୍ତରୀୟ ଗବେଷଣା କେନ୍ଦ୍ର ସ୍ଥାପନ ପାଇଁ ବୃହତ ଇସ୍ପାତ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକୁ ପ୍ରସ୍ତାବ

ଭୁବନେଶ୍ୱର,୧୭।୧୦ (ନି.ପ୍ର): ଆତ୍ମନିର୍ଭର ଭାରତ ଅଧୀନରେ ଦେଶର ବୃହତ ଇସ୍ପାତ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ମିଳିତ ଭାବେ ଓଡ଼ିଶାରେ ଏକ ବିଶ୍ୱସ୍ତରୀୟ ଗବେଷଣା କେନ୍ଦ୍ର ସ୍ଥାପନ କେନ୍ଦ୍ର ପାଇଁ ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ପ୍ରସ୍ତାବ ରଖିଛନ୍ତି । ଗତକାଲି ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆନୁକୂଲ୍ୟରେ ଆୟୋଜିତ ଏକ ଭର୍ଚୁଆଲ୍ ବୈଠକରେ ସେ ଏହା କହିଛନ୍ତି । ଓଡ଼ିଶା ବିଗତ ୨୦ ବର୍ଷ ଧରି ଏକ ସ୍ଥିର ଓ ମଜବୁତ ସରକାର ପ୍ରଦାନ କରିଆସିଛି । ଯାହା ଉପଯୁକ୍ତ ରାଜନୈତିକ ପରିବେଶ ସୃଷ୍ଟି କରିବା ସହ ପୁଞ୍ଜିନିବେଶକମାନଙ୍କୁ ଆକୃଷ୍ଟ ଓ ଶିଳ୍ପାୟନର ଅଗ୍ରଗତି କରିବା ପାଇଁ ସ୍ଥିର ନୀତି ନିର୍ଦ୍ଧାରଣ ମଜବୁତ୍ ଢାଂଚା ନିର୍ମାଣ କରିପାରିଛି । ଏତଦ୍‌ବ୍ୟତୀତ ରାଜ୍ୟରେ ବିପୁଳ ଖଣିଜ ସଂପଦ ଏବଂ ପ୍ରାକୃତିକ ସମ୍ବଳ ସହ ଦେଶର ୧୧ ଶତକଡ଼ା ଜଳ ଗଚ୍ଛିତ ରହିଛି । ସେସବୁ ଦୃଷ୍ଟିରୁ ଓଡ଼ିଶାରେ ଗବେଷଣା କେନ୍ଦ୍ର ସ୍ଥାପନ ହେଲେ ତାହା ଆଗାମୀ ଦିନରେ ଇସ୍ପାତ୍ ଶିଳ୍ପର ଉନ୍ନତ ଉତ୍ପାଦକତାରେ ସହାୟକ ହେବା ସହ ଅନ୍ୟାନ୍ୟ ଶିଳ୍ପଗୁଡ଼ିକୁ ପ୍ରୋତ୍ସାହିତ କରିବ । ରାଜ୍ୟରେ ଆବଶ୍ୟକୀୟ ଭିତ୍ତିଭୂମି ରହିଥିବା ଏବଂ ଶିଳ୍ପ ସଂସ୍ଥାଗୁଡ଼ିକ ସମ୍ମୁଖୀନ ହେଉଥିବା ଟ୍ୟାକ୍ସ, କଂଚାମାଲ ଓ ଦର ନିର୍ଦ୍ଧାରଣ ଭଳି ସମସ୍ୟାର ସମାଧାନ କରିବା ପାଇଁ ସରକାର ସର୍ବଦା ପଥ ଉନ୍ମୁକ୍ତ ରଖିଛନ୍ତି ବୋଲି ତାଙ୍କ ବକ୍ତବ୍ୟରେ ସେ କହିଥିଲେ । ଏହି ବୈଠକରେ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆତ୍ମନିର୍ଭର ଭାରତ ବ୍ୟାଖ୍ୟା କରି ଏହା ଆୟ ଉପାର୍ଜନ କରି ନିଜେ ବଂଚିବା ସହ କର୍ମସଂସ୍ଥାନ ସୃଷ୍ଟି କରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରମୁଖ ଶିଳ୍ପ ସଚିବ ଶ୍ରୀ ହେମନ୍ତ ଶର୍ମା, ଜିନ୍ଦଲ ଇସ୍ପାତ ଓ ଶକ୍ତି ଲିଃର ଅଧ୍ୟକ୍ଷ ଶ୍ରୀ ନବୀନ ଜିନ୍ଦଲ, ଭାରତୀୟ ତୈଳ ନିଗମର ଅଧ୍ୟକ୍ଷ ଶ୍ରୀ ଶ୍ରୀକାନ୍ତ ମାଧବ ବୈଦ୍ୟ, ହଳଦିଆ ପେଟ୍ରୋକେମିକାଲ୍ସର ସର୍ବକାଳୀନ ନିର୍ଦ୍ଦେଶକ ଶ୍ରୀ ସୁଭାଷେନ୍ଦୁ ଚାଟାର୍ଜୀ, ବିଶାଖାପାଟଣା ଇସ୍ପାତ କାରଖାନାର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପ୍ରଦୋଷ କୁମାର ରଥ ପ୍ରମୁଖ ଅଂଶଗ୍ରହଣ କରି ପେଟ୍ରୋକେମିକାଲ୍ସ ଶିଳ୍ପକୁ ଆଧାର କରି ନିମ୍ନରେ ବିକଶିତ ହେଉଥିବା ଅନ୍ୟାନ୍ୟ କ୍ଷୁଦ୍ର ଶିଳ୍ପସଂସ୍ଥାଗୁଡ଼ିକ କିପରି ବଂଚିରହି ଲୋକଙ୍କୁ କର୍ମସଂସ୍ଥାନ ଯୋଗାଇପାରିବେ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ । ଓଡ଼ିଶାରେ ପେଟ୍ରୋକେମିକାଲ୍ସକୁ ନେଇ ଅନେକ ସମ୍ଭାବନା ରହିଛି ଯାହା ପ୍ରକୃତରେ ଆତ୍ମନିର୍ଭର ଭାରତ ସୃଷ୍ଟି କରିବାରେ ସାହାଯ୍ୟ କରିପାରିବ ବୋଲି ବକ୍ତାମାନେ ମତପ୍ରଦାନ କରିଥିଲେ ।

## ଧାନବିଲରୁ ଦେଶୀ ମଦ ସହ ପୋଚ ଜବତ

ଧର୍ମଶାଳା,୧୭।୧୦ (ନି.ପ୍ର): ବଡଚଣା ଥାନା ଅଧିନସ୍ଥ କମ୍ପାଲୋ ମଙ୍ଗରାଜପୁର ନିକଟରୁ ବଡଚଣା ପୁଲିସ ଦେଶୀ ମଦ ସହ ପୋଚ ଜବତ କରିଛି। ବଡଚଣା ଥାନା ଅଧିକାରୀ ପ୍ରୀୟବ୍ରତ ରାଉତ କୌଣସି ସୂତ୍ରରୁ ଖବର ପାଇ ଆଜି ମଙ୍ଗରାଜପୁର ଗ୍ରାମରେ ଚଢଉ କରିଥିଲେ। ଏହି ଚଢଉ ସମୟରେ ଗ୍ରାମ ନିକଟସ୍ଥ ଧାନବିଲରୁ ୪୪୦ଲିଟର ଦେଶୀମଦ ସହ କିଛି ପୋଚ ଜବତ କରିଛନ୍ତି। ଘଟଣାସ୍ଥଳରୁ କାହାରିକୁ ଗିରଫ କରାଯାଇନାହିଁ। ପୁଲିସ ଜବତ ମଦ ଗୁଡିକୁ ଥାନାକୁ ଆଣି ତଦନ୍ତ ଜାରି ରଖିଛି। ତେବେ ଖୁବଶିଘ୍ର ଏହି କାରବାରରେ ସଂପୃକ୍ତ ଥିବା ମାଫିଆଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି ।

# କରନିଆ ଅନ୍ଧତ୍ୱ ମୁକ୍ତ ଅଭିଯାନ ଓ ସକ୍ଷମ ଆନୁକୁଲ୍ୟରେ ନେତ୍ରଦାନ ପକ୍ଷ ପାଳନ

## ମୟୂରଭଞ୍ଜ ଜିଲ୍ଲାରେ ୯୧୮ ଜଣ ଚକ୍ଷୁଦାନ କରିବାକୁ ସଂକଳ୍ପ ନେଲେ

ବାରିପଦା,୧୭।୧୦ (ନି.ପ୍ର): କରନିଆ ଅନ୍ଧତ୍ୱ ମୁକ୍ତ ଅଭିଯାନ ଆନୁକୁଲ୍ୟରେ ସାରା ଭାରତବର୍ଷରେ ଗତ ସେପ୍ଟେମ୍ବର ମାସ ୨୧ ତାରିଖରୁ ଚଳିତମାସ ୪ତାରିଖ ପର୍ଯ୍ୟ' ନେତ୍ରଦାନ ପକ୍ଷ ପାଳିତ ହୋଇଯାଇଛି । ଏହି ସଙ୍ଗଠନ ତଥା ସକ୍ଷମ ଅନୁଷ୍ଠାନର ମିଳିତ ଆନୁକୁଲ୍ୟରେ ଓଡିଶା ପୂର୍ବ ପ୍ରା'ର ସକ୍ଷମର ସଂରକ୍ଷକ ମୟୂରଭ ମହାରାଣୀ ରାଜଲକ୍ଷ୍ମୀ ଭଞ୍ଜଦେଓ, ସକ୍ଷମର ରାଜ୍ୟ ସଭାପତି ଡକ୍ଟର ସୁବ୍ରତ ଦାସ, ରାଜ୍ୟ ସମ୍ପାଦକ ସରୋଜ କୁମାର ସାହୁ, ରାଜ୍ୟ ସଙ୍ଗଠନ ସମ୍ପାଦକ ବୀରକିଶୋର ମହା' ଓ କରନିଆର ରାଜ୍ୟ ସଂଯୋଜିକା ଯଶସ୍ୱିନୀ ବଳଙ୍କ ତତ୍ୱାବଧାନରେ ସାରା ରାଜ୍ୟରେ ନେତ୍ରଦାନ ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏତିରେ ସାରା ଭାରତବର୍ଷରେ ୪୩ ଗୋଟି ସାଙ୍ଗଠନିକ ରାଜ୍ୟ ମଧ୍ୟରୁ ଓଡିଶା ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ଭାରତବର୍ଷର ୬୭୮ ଗୋଟି ଜିଲ୍ଲା ମଧ୍ୟରୁ କେନ୍ଦୁଝରର ଜିଲ୍ଲା ତୃତୀୟ ସ୍ଥାନ ଓ ମୟୂରଭ ଜିଲ୍ଲା ଅଷ୍ଟମ ସ୍ଥାନ ହାସଲ କରିଥିବାର ଜଣାଯାଇଛି । ଏହି ନେତ୍ରଦାନ ସଂକଳ୍ପ ଅଭିଯାନରେ କେନ୍ଦୁଝର ରୁ ୫୫ ଜଣ ଓ ମୟୂରଭ ଜିଲ୍ଲାରୁ ୪୨ ଜଣ ନେତ୍ରରକ୍ଷକ ଅକ୍ଲା' ପରିଶ୍ରମ କରି ଏହି ଗୌରବ ହାସଲ କରିଛଁ । ଗତ ୮ ତାରିଖଦିନ ଅନୁଷ୍ଠିତ ସମାବର୍ତନ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ନିତିନ ଗଡକରୀ, ଅଖିଳ ଭାରତୀୟ ସକ୍ଷମର ସଭାପତି ତଥା ଅଖିଳ ଭାରତୀୟ ସଙ୍ଗଠନ ମନ୍ତ୍ରୀ ଡକ୍ଟର ସୁକୁମାରଜୀ ଙ୍କ ଉପସ୍ଥିତି ରେ ଫଳାଫଳ ଘୋଷଣା କରିଥିଲେ ଏବଂ ଏହି ଦୁଇଟି ଜିଲ୍ଲା କିପରି ଅନ୍ଧତ୍ୱ ମୁକ୍ତ ହୋଇପାରିବ ସେଥିପାଇଁ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ଏହି ନେତ୍ରଦାନ ସଂକଳ୍ପ ଅଭିଯାନରେ ସଫଳତା ପଛରେ ସଂଗଠନର ମୟୂରଭ ଜିଲ୍ଲା ସମ୍ପାଦକ ଶ୍ରୀ ଗତିକୃଷ୍ଣ ତିଓାରି, କାମ୍ବାର ସଂଯୋଜିକା ସୁଶ୍ରୀ ଅନନ୍ୟା ଦାଶ, କେନ୍ଦୁଝର ଜିଲ୍ଲା ସମ୍ପାଦକ ଶ୍ରୀ ନିରନ ବେଜ୍, ରାଜ୍ୟ ମିଡିଆ ସଂଯୋଜକ ଶ୍ରୀ ସଂ୍ତୋଷ ମହାପାତ୍ର, ସର୍ବୋପରି ବିଭାଗ ସଂଯୋଜକ ଡକ୍ଟର ସତ୍ୟବ୍ରତ ସାହୁଙ୍କ ବିଶେଷ ଭୂମିକା ରହିଥିଲା ।

# ସବୁଜିମା ସୌନ୍ଦର୍ଯ୍ୟ ପରିବେଶରେ ମା' ବିନିକେଇ ମନ୍ଦିର



ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ସହରଠାରୁ ଅନତି ଦୂରରେ ମହାନଦୀ କୂଳରେ ମା' ବିନିକେଇ ପୀଠ ଅବସ୍ଥିତ । ଏହି ସ୍ଥାନ ପର୍ଯ୍ୟଟକଙ୍କ ଅନ୍ୟତମ ଆକର୍ଷଣରେ କେନ୍ଦ୍ରବିନ୍ଦୁ । ମନ୍ଦିରରେ ବହୁ ଭକ୍ତଙ୍କ ସମାଗମ ହୋଇଥାଏ । ସବୁଜିମାମୟ ପାହାଡ଼ିଆ ପରିବେଶ ଏହି ସ୍ଥାନର ସୌନ୍ଦର୍ଯ୍ୟକୁ ବହୁ ଗୁଣ ବଢ଼ାଇଛି । ପର୍ଯ୍ୟଟକ ଏଠାକୁ ଆସି ଭ୍ରମଣର ପ୍ରକୃତ ମଜା ନେଇଥାଆନ୍ତି । ବଣଭୋଜି ପାଇଁ ଏହା ସର୍ବୋତ୍କୃଷ୍ଟ ଓ ମନୋରମ ହୋଇଥିବାରୁ ନଭେମ୍ବରରୁ ଫେବୃଆରୀ ଯାଏ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ । ମହାନଦୀର ଗୋଟିଏ ପାଖରେ ମା' ବିନିକେଇ ଓ ଅପରପାର୍ଶ୍ୱରେ ମା' କନକେଇଙ୍କ ମନ୍ଦିର ରହିଛି । ଏହି ଦୁଇ ମନ୍ଦିରକୁ ଯୋଡୁଥିବା ବିସ୍ତୀର୍ଣ୍ଣ ବାଲୁକା ରାଶି ସଭିଁଙ୍କୁ ବେଶ ଆନନ୍ଦ ଦେଇଥାଏ । ଏହିଠାରୁ ସାତକୋଶିଆ ଗଣ୍ଡ ଆରମ୍ଭ ହୋଇଛି । ଏହାର ସୁନୀଳ ଜଳରାଶି ଉପରେ ନୌକା ବିହାରର ମଜା ପର୍ଯ୍ୟଟକଙ୍କ ସ୍ମୃତିରେ ବିନିକେଇକୁ ସର୍ବଦା ଏକ ଭିନ୍ନ ସ୍ଥାନ ପ୍ରଦାନ କରିଛି । ଏଠାରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଦୃଶ୍ୟ ବାସ୍ତବରେ ଖୁବ୍ ହୃଦୟସ୍ପର୍ଶୀ ଓ ସୌନ୍ଦର୍ଯ୍ୟମୟ ଅଟେ । ବଣଭୋଜି ନିମନ୍ତେ ପକ୍କା ମଣ୍ଡପ, ରାତ୍ରିଯାପନ ପାଇଁ ମନ୍ଦିର କମିଟି ପକ୍ଷରୁ ନିର୍ମିତ ବିଶ୍ରାମଗାର ଭଳି ଅନେକ ସୁବିଧା ମଧ୍ୟ ରହିଛି । ଏଠାରେ ପ୍ରତିବର୍ଷ ବହୁ ଲୋକଙ୍କ ସମାଗମ ହୋଇଥାଏ ।



# ପାଳଙ୍ଗ ଶାଗ ସୁପ୍




ସାମଗ୍ରୀ:- ପାଳଙ୍ଗ ଶାଗ-ନାଡ଼ କଟା ହୋଇଥିବା-୨ ବିଡ଼ା, ପିଆଜ-୧ଟି (ଚୂନାମାଛ), ପିଆଜ-୧ଟି (ଚୂନାକଟା), ନିରାମିଷ ଷ୍ଟକ୍-୨ କପ୍, ପିଆଜ ଷଣ୍ଢା-୧ଟି (କଟା), ଲୁଣ-ଗୋଲମରିଚ ଗୁଣ୍ଡ- ଆବଶ୍ୟକ ମୁତାବକ, ବଟର୍-୨ ଚାମଚ, ଭିନେଗାର୍-୧/୨ ଚାମଚ, କ୍ଷୀର-୧ କପ୍, କର୍ଣ୍ଣଫ୍ଲୋର୍-୩ ଚାମଚ ।

**ପ୍ରଣାଳୀ:-**

ଶାଗ, ପିଆଜ ଓ ପିଆଜ ଶଣ୍ଢା ସବୁ ଧୋଇ କାଟି ଅଳ୍ପ ଆଞ୍ଚରେ ପାଣିଦେଇ ସିଝାଇବେ । ଭଲଭାବେ ସିଝିଗଲେ ବଡ଼ ଛଣାରେ ଦଳି ଦଳି ଛାଣିଦେବେ । ଏଥିରେ ନିରାମିଷ ଷ୍ଟକ୍, କ୍ଷୀର, ଲୁଣ, ଗୋଲମରିଚ ଦେଇ ଗ୍ୟାସ୍‌ରେ ବସାଇବେ । କର୍ଣ୍ଣଫ୍ଲୋର୍‌କୁ କ୍ଷୀର ବା ପାଣିରେ ମିଶାଇ ଏଥିରେ ଭିନେଗାର୍ ଢାଳିବେ । ଗୋଳାଇ ବାଉଲ୍‌କୁ କାଢ଼ିବେ । ଧନିଆପତ୍ର କଟା ଓ ବଟର ପକାଇ ଖାଇବାକୁ ଦେବେ । ଚାହିଁଲେ ସସ୍ ମିଶାଇ ଖାଇପାରିବେ ।

**ନିରାମିଷ ଷ୍ଟକ୍:**

ଗାଜର, ବିନ୍, ପାଳଙ୍ଗ ଶାଗ, ପୋଦିନା ପତ୍ର, ଧନିଆ ପତ୍ର, ରସୁଣ କୋଳା, କଟା ପିଆଜ, ପିଆଜ ଶଣ୍ଢା ଆଦିକୁ ଯଥେଷ୍ଟ ପାଣି ଦେଇ ଲୁଣ ଓ ଗୋଲମରିଚ ପକାଇ ଫୁଟାଇ ଛାଣିଦିଅନ୍ତୁ । ଏହି ପାଣିକୁ ନିରାମିଷ ଷ୍ଟକ୍ କୁହାଯାଏ ।



# ପରିଶ୍ରମି ବିଗ୍ ବି

୭୭ ବର୍ଷରେ ପାଦ ଦେଲେଣି ବିଗ୍ ବି ଅମିତାଭ ବଚ୍ଚନ । ବୟସ ବଢ଼ି ଚାଲିଛି ହେଲେ କାମ କରିବାର ସ୍ପୃହା କମୁନାହିଁ । କରୋନାରୁ ଆରୋଗ୍ୟ ଲାଭ କରିଥିବା ଅମିତାଭ ଏବେ ସତର୍କ ଓ ସଚେତନତା ପଦକ୍ଷେପମୂଳକ ପଦକ୍ଷେପ ନେଇ ନିୟମିତ ସୁଟିଂ ସେଟ୍‌କୁ ଯାଉଛନ୍ତି । ନିଜ ସୋସିଆଲ୍ ଆକାଉଣ୍ଟରେ ବଚ୍ଚନ ସାହେବ ଲଲ୍ଲେଖ କରିଛନ୍ତି, ସକାଳ ୯ଟାରୁ ରାତି ୦ଯାଏଁ ଚାଲିଛି ତାଙ୍କ କାମ । ଫୁସ୍‌ରତ୍ ନାହିଁ, କିନ୍ତୁ ଏଇ କାମ କରିବାର ଶୈଳୀରେ ତାଙ୍କ ୁମିଳୁଛି ଆତ୍ମସନ୍ତୋଷ । କୌନ୍ ବନେଗା କରୋଡପତିର ସୁଟିଂ ହେଉ କିମ୍ବା ଅନ୍ୟ କୌଣସି ଚଳଚ୍ଚିତ୍ରର ଭଏସ୍ ଡବିଂ, ଯଥା ସମୟରେ ପହଞ୍ଚିଯାଉଛନ୍ତି ଅମିତାଭ । କାମ କରିବାର ଏଇ ସ୍ପୃହା ବାପାଙ୍କ ପାଖରୁ ସେ ଶିଖିଥିବାର ଉଲ୍ଲେଖ କରିଛନ୍ତି । ସିନେଜଗତର ଏଇ ବିଗ୍ ବିର ପରିଚୟ ପାଇଁ ଯେ ତାଙ୍କୁ ଅକ୍ଳାନ୍ତ ପପରିଶ୍ରମ କରିବାକୁ ପଡ଼ିଛ, ସେହି ବାର୍ତ୍ତା ଯୁବ ଅଭଭିନେତାଙ୍କୁ ସେ ଦେଇଛ ନ୍ତି ।



# ପିନ୍ଧନ୍ତୁ ସ୍ମାର୍ଟ ଆଉଟଫିଟ୍

ମହିଳାମାନେ ଗୋଟିଏ ପୋଷାକକୁ ବାରମ୍ବାର ପିନ୍ଧିବାକୁ ସାଧାରଣତଃ ଭଲପାଆନ୍ତି ନାହିଁ । ଏହି କାଣରୁ ଅନେକଥର ଆଉଟଫିଟ୍ କିଣିବା ପାଇଁ ବଜେଟ୍ ବାହାରେ ଖର୍ଚ୍ଚ ହୋଇଥାଏ । ଯଦି ସେହି ଗୋଟିଏ ପ୍ରକାର ଆଉଟ୍‌ଫିଟ୍‌ରେ ଆପଣ ଅଲଗା ଅଲଗା ଷ୍ଟାଇଲିଶ୍ ଲୁକ୍ ପାଇବେ ତା' ହେଲେ କେମିତି ହେବ ? ଗୋଟିଏ ପ୍ରକାର ଆଉଟ୍‌ଫିଟ୍‌ରେ ବି ସ୍ମାର୍ଟ ଲୁକ୍ କ୍ୟାରି କରିପାରିବେ । ସ୍ମାର୍ଟ ଆଉଟ୍‌ଫିଟ୍ କେମିତି ତିଆରି କରିବେ ଜାଣନ୍ତୁ କିଛି ଟିପ୍ସ ।









**ନିଅନ୍ତୁ ବେଲ୍ଟର ସାହାରା:**

ବେଲ୍ଟ ନା କେବଳ ଆପଣଙ୍କ ଲୁକ୍‌କୁ ସ୍ପାଇସ୍ ଆପ୍ ପରେ ବରଂ ଭିନ୍ନ ଲୁକ୍ କ୍ରିଏଟ୍ କରିବାରେ ବି ସାହାଯ୍ୟ କରିଥାଏ । ଯଦି ଆପଣ ସ୍ଲିମ୍ ଅଛନ୍ତି ଭିନ୍ନ ଷ୍ଟାଇଲରେ ବେଲ୍ଟ କ୍ୟାରି କରିପାରିବେ । ହ୍ୱାଇଟ୍ ସାର୍ଟ ଡ୍ରେସ୍ ସହିତ ଥିନ୍ କିମ୍ବା ବିଗ୍ ବେଲ୍ଟ ଟିମଅପ୍ କରନ୍ତୁ ।

**ବଟମ୍ ୱିୟର:**

ଅଲଗା ଅଲଗା ବଟମ୍ ୱିୟର ସାହାଯ୍ୟରେ ବି ପ୍ରତିଥର ନୂଆ ଲୁକ୍ କ୍ରିଏଟ୍ କରିପାରିବେ । ଯଦି ଆପଣ ହ୍ୱାଇଟ୍ ସର୍ଟ ଡ୍ରେସ୍ ପିନ୍ଧୁଛନ୍ତି ତା' ହେଲେ ଫିଟିଙ୍ଗ୍ ଲେଗିଙ୍ଗ୍, ଜିନ୍ସ କିମ୍ବା ସ୍କର୍ଟ ପିନ୍ଧିପାରିବେ । ଏହିଭଳି ପ୍ରକାରର ବଟମ୍ ୱିୟର୍ ଭିନ୍ନ ଲୁକ୍ ଦେଇଥାଏ ।

**ପିନ୍ଧନ୍ତୁ ଜ୍ୟାକେଟ୍:**

ଜ୍ୟାକେଟ୍ ରେଗୁଲାର ଆଉଟଫିଟ୍‌କୁ ନୂଆ ଲୁକ୍ ଦେବାରେ ଯଥେଷ୍ଟ । ସାର୍ଟ ଡ୍ରେସ୍ କିମ୍ବା କୌଣସି ବି ଟପ୍ ସହିତ କଲରଫୁଲ ଜ୍ୟାକେଟ୍ କ୍ୟାରି କରନ୍ତୁ । ଦେଖିବେ ଜ୍ୟାକେଟ୍ ଆପଣଙ୍କୁ ଲୁକ୍ ପୁରା ବଦଳାଇ ଦେବ । ଚାହିଁଲେ ଜ୍ୟାକେଟ୍ ସ୍ଥାନରେ ସ୍ରଗ୍ କିମ୍ବା କେପ୍ ବି କ୍ୟାରି କରିପାରିବେ ।

**ସ୍କାର୍ଫ ଆସିବ କାମରେ:**

ଆପଣ ହୁଏତ ଜାଣିନଥିବେ କିନ୍ତୁ ସ୍କାର୍ଫ ସାହାଯ୍ୟରେ ବି ଗୋଟିଏ ଆଉଟ୍‌ଫିଟ୍‌କୁ ଅଲଗା ଅଲଗା ଲୁକ୍ ଦିଆଯାଇପାରିବ । ଆଉଟଫିଟ୍ ସହିତ ସ୍କାର୍ଫକୁ ଅଲଗା ଅଲଗା ଷ୍ଟାଇଲରେ କ୍ୟାରି କରିପାରିବେ । କଲରଫୁଲ ସ୍କାର୍ଫକୁ ବେଲ୍ଟ ସହିତ ଟିମ୍‌ଅପ୍ କରି ପିନ୍ଧିପାରିବେ । ଦେଖିବାକୁ କ୍ଲାସି ଲାଗିଥାଏ ।

**ଫୁଟ୍ ୱିୟର:**

ଫୁଟ୍ ୱିୟର ଲୁକ୍‌କୁ ପୂରା କରିଥାଏ । ସେଥିପାଇଁ ଅଲଗା ଅଲଗା ଆଉଟ୍‌ଫିଟ୍ ସହିତ ଅଲଗା ଫୁଟ୍ ୱିୟର ପିନ୍ଧିବା ଆବଶ୍ୟକ । ଯେବେ କୌଣସି ଆଉଟଫିଟ୍ ସହିତ ହିଲ୍ ପିନ୍ଧାଯାଏ ଏହା ଫେମିନାଇନ୍ ଲୁକ୍ ଦିଏ । ସେମିତି କୌଣସି ଆଉଟ୍‌ଫିଟ୍ ସହିତ ସ୍ନିକର୍ସ କିମ୍ବା ଜୋତା ପିନ୍ଧିଲେ ଫଙ୍କି ଲୁକ୍ ଦେଇଥାଏ । ସେଥିପାଇଁ ପ୍ରତିଥର ଲୁକ୍ ବଦଳାଇବା ପାଇଁ ଆଉଟଫିଟ୍ ନୁହେଁ ଫୁଟ୍ ୱିୟର ଉପରେ ବି ଧ୍ୟାନ ରଖନ୍ତୁ ।

# ବୟସ ଅନୁସାରେ ତ୍ୱଚାର ଯତ୍ନ





ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ ପରିବର୍ତ୍ତିତ ଜଳବାୟୁ ଅନୁସାରେ, ୨୦ ବର୍ଷ ବୟସ ପରଠାରୁ ଯୁବତୀମାନେ ନିଜ ତ୍ୱଚା ଯତ୍ନ ନେବା ଜରୁରୀ । ନିୟମିତ ମଏଶ୍ଚରାଇଜିଂ କ୍ଲିନଜିଂ ଏଇ ବୟସରୁ ଆରମ୍ଭ କରିନେବା ଭଲ କଲେଜ ପଢୁଆ ଯୁବତୀମାନେ ବାହାରକୁ ଯା-ଆସ କାରଣରୁ ସେମାନଙ୍କ ତ୍ୱଚା ଅଧିକ ସନ୍-ଟ୍ୟାନ୍ ହୋଇଥାଏ । ଏ ପ୍ରତି ଦୃଷ୍ଟି ନ ଦେଲେ ତ୍ୱଚା ଭାଙ୍ଗ ସମସ୍ୟା ଶୀଘ୍ର ଦେଖାଦେଉଥିବାର ବିଶେଷଜ୍ଞଙ୍କ ମତ । ଘରୋଇ ଉପଚାର ଯେପରି ବେସନ-ଦହି ପ୍ୟାକ୍, କଞ୍ଚା ଖିରରେ ତ୍ୱଚାକୁ ଭଲରେ ପୋଛିବା ଇତ୍ୟାଦି କରିବା ସନ୍-ଟ୍ୟାନ୍ ପ୍ରଭାବ କମ୍ କରେ । ୩୦ ବର୍ଷ ବୟସ ପରଠାରୁ ଘରେ ହେଉ କିମ୍ବା ପାର୍ଲରରେ ମାସକୁ ଥରୁଟିଏ ଫେସିଆଲ ଓ କ୍ଲିନଜିଂ କରାଇନେବା ଉଚିତ । ଏହା ସହ ଘରେ ରହିଲେ ମଧ୍ୟ ତ୍ୱଚାରେ ନିୟମିତ ସନ୍‌ସ୍କ୍ରିନ୍ ଲଗାଇବା ଆବଶ୍ୟକ । ଖାଦ୍ୟପେୟ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ; କାରଣ ଆପଣଙ୍କ ଶରୀରକୁ ଉତ୍ତମ ପୋଷକତତ୍ତ୍ୱ ମିଳିଲେ, ତାହାର ଚମକ ତ୍ୱଚାରେ ଦେଖାଯିବ । ନିୟମିତ ସାଲାଡ୍ ଖାଆନ୍ତୁ, ଫୁଲକୋବି, ବନ୍ଧାକୋବି, ମଟର ବିନ୍ସ ଇତ୍ୟାଦିର ବ୍ୟଞ୍ଜନ ଖାଇବା ତ୍ୱଚା ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ଏସବୁ ବାଦ୍ ଘରେ ପ୍ୟାକ୍ ତିଆରି କରି ଉଭୟ ତ୍ୱଚା ଓ କେଶର ଯତ୍ନ ନେବା ଆବଶ୍ୟକ । ୪୦ ବର୍ଷ ଉପର ମହିଳାମାନେ ବିଶେଷଜ୍ଞଙ୍କ ପରାମର୍ଶରେ ଭିଟାମିନ୍ କ୍ୟାପ୍‌ସୁଲ ଖାଇବା ଭଲ । ଆପଣଙ୍କ ଶରୀରକୁ କେଉଁ ଭିଟାମିନ୍‌ର ଆବଶ୍ୟକ, ତାହାର ନିଷ୍ପତ୍ତି ନିଜେ ନେବା ଅନୁଚିତ । ବଜାରରେ ମିଳୁଥିବା ବିଭିନ୍ନ ନାମୀ କମ୍ପାନୀର ରିଫାଇନ୍ସ ତେଲ ପରିବର୍ତ୍ତେ ବରଂ ସୋରିଷ ତେଲ, ବାଦାମ ତେଲ ଇତ୍ୟାଦି ରାନ୍ଧିବା ପାଇଁ ଉପଯୋଗ କରିବା ଜରୁରୀ । ଏସବୁ ମଧ୍ୟ ଆମ ତ୍ୱଚାକୁ ପୋଷଣ ଯୋଗାଉଥିବାର ବିଶେଷଜ୍ଞଙ୍କ ମତ ।



# ଚୋରି କରି କୋଟିପତି



କଥାରେ ଅଛି ନେଇ ଆଣି ଥୋଇ ପାରିଲେ ଚୋରି ବିଦ୍ୟା ଭଲ । କିନ୍ତୁ ଯଦି ଧରା ପଡ଼ିଯାଆନ୍ତି ତେବେ କ'ଣ ହେବ ? କ'ଣ ହେବ ଆଉ ନହେବ ସେକଥା ପରେ ଦେଖାଯିବ । ଏକଥା ପ୍ରାୟ ଅନେକ ଚୋର ଭାବିଥାଆନ୍ତି । ଏହା ବୋଲି ଦୀର୍ଘ ବର୍ଷ ଧରି ବିଭିନ୍ନ ଦୋକାନରୁ ଚୋରି କରି ଶେଷରେ ଜଣେ କୋଟିପତି ପାଲଟିବ ଏକଥା କାହାକୁ କହିଲେ କେହି ବିଶ୍ୱାସ କରିବେ କି ? ବାସ୍ତବରେ ଏମିତି ଏକ ଘଟଣା ଘଟିଛି । ସଂପ୍ରତି ଜଣେ ମହିଳାଙ୍କ କାରସାଦି ଧରା ପଡ଼ିଛି । ଆମେରିକାର ଟେକ୍ସାସରେ ଏଭଳି ଏକ ଘଟଣା ଅନେକଙ୍କୁ ବିସ୍ମିତ କରିଛି । ଟେକ୍ସାରର ବାସିନ୍ଦା ଅଭିଯୁକ୍ତ ମହିଳାଙ୍କ ନାଁ କିମ୍ ରିଚାର୍ଡସନ୍ । ବୟସ ୬୩ା ବର୍ଷ । ତାଙ୍କ ବିରୁଦ୍ଧରେ ଅଭିଯୋଗ ଯେ ସେ ଆମେରିକାର ବିଭିନ୍ନ ସ୍ଥାନ ବୁଲିଥାଆନ୍ତି । ସମ୍ଭବତଃ ଉଦ୍ଦେଶ୍ୟ ଗୋଟିଏ ତାହା ହେଉଛି ବିଭିନ୍ନ ଦୋକାନରୁ ଜିନିଷ ଚୋରି କରିବା । ସବୁଠୁ ଆଶ୍ଚର୍ଯ୍ୟଜନକ ହେଉଛି ମହିଳାଜଣକ ଅଳ୍ପ ଦିନ ନୁହେଁ । ପ୍ରାୟ ୧୯ ବର୍ଷ ଧରି ସାରା ଆମେରିକା ବୁଲି ବୁଲି ବିଭିନ୍ନ ଦୋକାନରୁ ନାନା ମୂଲ୍ୟବାନ ସାମଗ୍ରୀ ଚୋରି କରିଛନ୍ତି । ତାଙ୍କୁ ଧରିଥିବା ପୁଲିସ ଜଣାଇଛି ୨୦୦୦ ମସିହାରୁ ୨୦୧୯ ଏପ୍ରିଲ ମଧ୍ୟରେ ଅନେକ ଦୋକାନରୁ ଚୋରି କରିଛନ୍ତି କିମ୍ । ସେ ଚୋରି କରିବା ଉଦ୍ଦେଶ୍ୟରେ ନିରାପତ୍ତା ବ୍ୟବସ୍ଥାକୁ ଫାଙ୍କି ହେଉଥିବା ଭଳି ଏକ ଗ୍ୟାଜେଟ୍ ବ୍ୟବହାର କରୁଥିଲେ । ଚୋରି କରିଥିବା ଜିନିଷ ଏକ କଳା ବ୍ୟାଗ୍‌ରେ ଭର୍ତ୍ତି କରି ଦୋକାନରୁ ବାହାରି ଆସୁଥିଲେ । ଲଗାତାର ଭାବେ ଏଭଳି ଉପାୟରେ ଚୋରି କରୁଥିଲେ କିମ୍ । ଚୋରି କରିଥିବା ଜିନିଷକୁ କିମ୍ ପୁଣି ଥରେ ଅନ୍‌ଲାଇନ୍‌ରେ ବିକ୍ରି କରି ଦେଉଥିଲେ । ସେସବୁ ଜିନିଷକୁ ଭଲ କରି ପ୍ୟାକିଂ କରି ଆମେରିକାର ବିଭିନ୍ନ କୁରିୟର ସର୍ଭିସ ମାଧ୍ୟମରେ କ୍ରେତାମାନଙ୍କ ପାଖରେ ପହଞ୍ଚାଇ ଦେଉଥିଲେ । ତଦନ୍ତକାରୀ ଅଫିସର୍‌ମାନେ ହିସାବ କରି ଦେଖିଛନ୍ତି ଗତ ୧୯ ବର୍ଷ ମଧ୍ୟରେ କିମ୍ ଏସବୁ ଚୋରି ମାଲ୍ ବିକ୍ରି କରି ପ୍ରାୟ ୩.୮ ମିଲିୟନ ଡଲାର ରୋଜଗାର କରିଛନ୍ତି ଯାହାକି ଭାରତୀୟ ମୁଦ୍ରାରେ ପ୍ରାୟ ୨୭ କୋଟି ୯୧ ଲକ୍ଷରୁ ଅଧିକ ଅର୍ଥ ହେବ । ଚୋରି ଏବଂ ଚୋରି ମାଲ୍ ବିକ୍ରି ବିଷୟରେ କିମ୍ ସ୍ୱୀକାର କରିଛନ୍ତି । ଅଦାଲତ ତାଙ୍କୁ ସାଢ଼େ ଚାରି ବର୍ଷର ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି । ଏହା ସହିତ ପ୍ରାୟ ସେତିକି ଟଙ୍କାର ଜରିମାନା ଆଦେଶ ହୋଇଛି ଯେତିକି ସେ ଚୋରି କରି ଉପାର୍ଜନ କରିଥିଲେ । ଏହା ସହିତ ଜେଲ୍‌ରୁ ମୁକୁଳିଲା ପରେ ତାଙ୍କ ଉପରେ ଆହୁରି ତିନି ବର୍ଷ ନଜରଦାରି କରାଯିବ ବୋଲି ମଧ୍ୟ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ।

# ମହାକାଶ ଯାତ୍ରା କାରଣରୁ ମସ୍ତିଷ୍କ ପ୍ରଭାବିତ !

ଦିନକୁଦିନ ବିଜ୍ଞାନ ଅଗ୍ରତି କରୁଛି, ଏଥିରେ ଦ୍ୱିମତ ନାହିଁ । ମହାକାଶରେ 'ସ୍ପେସ୍ ହୋମ୍' ନିର୍ମାଣ ହେବାକୁ ଯାଉଥିବାବେଳେ ଅନ୍ୟ ଏକ ଗବେଷଣାରୁ ପ୍ରମାଣିତ ହୋଇଛି ଯେ ମହାକାଶ ଯାତ୍ରା କରୁଥିବା ମହାକାଶଚାରୀଙ୍କ ମସ୍ତିଷ୍କ ମଧ୍ୟ ପ୍ରଭାବିତ ହୋଇଥାଏ । ମହାକାଶର ଗଭୀରତାରେ ବିକିରଣ କାରଣରୁ ମନୁଷ୍ୟ ଓ ପ୍ରାଣୀ ଉଭୟଙ୍କ ମସ୍ତିଷ୍କ ଉପରେ କୁପ୍ରଭାବ ପଡୁଥିବାର ଗବେଷଣାରୁ ଜଣାପଡିଛି । କଲରାଡୋ ଷ୍ଟେଟ୍ ବିଶ୍ୱବିଦ୍ୟାଳୟର ଗବେଷକ ୪ ମାସ ତଳେ ମୂଷାଙ୍କୁ ପ୍ରଥମେ ଏହି ଗବେଷଣାରେ ସାମିଲ କରିଥିଲେ । ଗବେଷକଙ୍କ କହିବାନୁସାରେ, ମୂଷାଙ୍କ ମହାକାଶକୁ ପ୍ରେରଣ କରାଯାଇନଥିବାବେଳେ ସେମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପରୀକ୍ଷାଗାର ତିଆରି କରାଯାଇଥିଲା । ଯାହା ଭିତରର ତାପମାତ୍ରା ଓ ବିକିରଣ ମହାକାଶ ପରି । ମୂଷାମାନେ କେଇ ସପ୍ତାହ ରହିବା ପରେ ହିଁ ସେମାନଙ୍କ ମସ୍ତିଷ୍କ ଉପରେ କୁପ୍ରଭାବ ପଡୁଥିବାର ସ୍ପଷ୍ଟ ହୋଇଥିଲା । ଗବେଷକ ମୁଖ୍ୟ ଲିଓନ୍‌ଙ୍କ ମତରେ ମହାକାଶଚାରୀମାନେ ମାସମାସ ଧରି ମହାକାଶରେ ରହୁଛନ୍ତି । ପୃଥିବୀପୃଷ୍ଠକୁ ଆସିବା ପରେ ସେମାନଙ୍କ ମାନସିକ ସ୍ଥିତି ମଧ୍ୟ ପ୍ରଭାବିତ ହେଉଥିବା । ଏ ବାବଦରେ ଅଧିକ ଗବେଷଣା ଜାରି ରହିଛି ।



# ତରଭୁଜ ଖାଇବାର ଆବଶ୍ୟକତା



ଶରୀରକୁ ଥଣ୍ଡା ରଖୁଥିବା ଖାଦ୍ୟପାନୀୟ ଗ୍ରୀଷ୍ମଦିନେ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ତରଭୁଜ ରସ ନିୟମିତ ଏଇ ଋତୁରେ ପିଇବା ହିତକାରୀ ।

- ସକାଳୁ ଉଠି ଖାଲିପେଟରେ ତରଭୁଜ ରସରେ ଚିମୁଟାଏ କଳା ଲୁଣ ମିଶାଇ ପିଇଲେ ତାହା ରକ୍ତଚାପ ନିୟନ୍ତ୍ରଣ ସହ ଖାଦ୍ୟ ହଜମରେ ମଧ୍ୟ ସାହାଯ୍ୟ କରେ । ସୁଆଦିଆ ଏହି ପାନୀୟ ପିଇଲେ ଓଜନ ନିୟନ୍ତ୍ରଣରେ ରହିବା ସହ ଭୋକ ମଧ୍ୟ ଶୀଘ୍ର ଲାଗେନାହିଁ ।

-ଏହି ଫଳ ଖାଇଲେ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିବା ସହ ପେଟ ଥଣ୍ଡା ରଖିବାରେ ସହାୟକ ହୋଇଥାଏ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୮ ଅକ୍ଟୋବର ୨୦୨୦, ରବିବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# କାଶ୍ମୀରର ବର୍ତ୍ତମାନ ଅବସ୍ଥା...

ଦୀର୍ଘ ୧୪ମାସ ପରେ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ମୁଖ୍ୟ ମେହବୁବା ମୁଫତୀ ଗତ ୧୩ ତାରିଖ ଦିନ ଅଟକବନ୍ଦୀରୁ ମୁକୁଳିବା ପରେ ଏବେ ଜାମ୍ମୁ ଓ କାଶ୍ମୀରରେ ରାଜନୈତିକ ଗତିବିଧି ଚଳଚଞ୍ଚଳ ହୋଇ ଉଠିଛି । ଇତିପୂର୍ବରୁ ମାର୍ଚ୍ଚ ମାସରେ ନ୍ୟାସନାଲ କନଫରେନ୍ସ (ଏନସି) ନେତା ଡକ୍ଟର ଫାରୁକ ଅବଦୁଲ୍ଲା ଏବଂ ତାଙ୍କ ପୁତ୍ର ଓମାର ଅବଦୁଲ୍ଲାଙ୍କୁ ମଧ୍ୟ ମୁକ୍ତି ମିଳିଥିଲା । ତେବେ ମେହବୁବାଙ୍କ ମୁକ୍ତି ପାଇଁ ସତେଯେପରି ସେଠାକାର ପ୍ରମୁଖ ରାଜନୈତିକ ଦଳ ଅପେକ୍ଷା କରି ରହିଥିଲେ । ଗତବର୍ଷ ଅଗଷ୍ଟ ୫ ତାରିଖ ଦିନ ସମ୍ବିଧାନର ଧାରା ୩୭୦ ଏବଂ ଧାରା ୩୫ (ଏ)ର ଉଚ୍ଛେଦ କରି କେନ୍ଦ୍ର ସରକାର ସେହି ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ କ୍ଷେତ୍ରରେ ବିଭାଜିତ କରିବା ସହ ରାଜ୍ୟର ପ୍ରମୁଖ ନେତାଙ୍କୁ ଅଟକ ରଖାଯାଇଥିଲା। ଇତିମଧ୍ୟରେ ଜାମ୍ମୁ ଓ କାଶ୍ମୀରକୁ କେନ୍ଦ୍ରଶାସିତ କ୍ଷେତ୍ର ରୂପେ ଘୋଷଣା କରାଯିବା ସହ ସେଠାରେ ବିଭିନ୍ନ ପ୍ରକାର ପ୍ରଶାସନିକ ତଥା ବିକାଶମୂଳକ ସଂସ୍କାର କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରାଯାଇ ସାରିଛି । ମୋଟାମୋଟି ଭାବେ ସେଠାରେ ଘଟିଥିବା ରାଜନୈତିକ ପରିବର୍ତ୍ତନକୁ ଜାମ୍ମୁ କାଶ୍ମୀରର ଜନସାଧାରଣ ସ୍ୱାଭାବିକ ଭାବେ ଗ୍ରହଣ କରିସାରିଥିବା ପରି ପ୍ରତୀୟମାନ ହୁଏ । କିନ୍ତୁ ବିଜେପି ବ୍ୟତୀତ ଅନ୍ୟ କୌଣସି ରାଜନୈତିକ ଦଳ ତଥା ସେଠାକାର ସ୍ଥାନୀୟ ରାଜନୈତିକ ଦଳଙ୍କ ପାଇଁ ଏହି ଘଟଣାକ୍ରମ ହଜମ ହେବାପରି ପ୍ରତୀୟମାନ ହୁଏନାହିଁ । ତେଣୁ ମେହବୁବାଙ୍କ ମୁକ୍ତି ପରେ ପରେ ଅବଦୁଲ୍ଲା ପିତା-ପୁତ୍ର ଯୋଡ଼ି ତୁରନ୍ତ ତାଙ୍କର ବାସଭବନକୁ ଯାଇ ତାଙ୍କୁ ସାକ୍ଷାତ କରିବା ସହ ଇତିମଧ୍ୟରେ ଗୁପକାର-୩ ବୈଠକ ମଧ୍ୟ ଅନୁଷ୍ଠିତ କରାଇ ସାରିଛନ୍ତି । ସ୍ମରଣଯୋଗ୍ୟ ଯେ, ଜାମ୍ମୁ କାଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ବଜାୟ ରଖିବା ସକାଶେ ଗୁପକାର ଘୋଷଣାନାମା ହେଉଛି ସ୍ଥାନୀୟ ରାଜନୈତିକ ଦଳର ଏକ ମେଣ୍ଟ । ନିଜ ନିଜ ମଧ୍ୟରେ ଥିବା ପାରମ୍ପରିକ ବୈରଭାବକୁ ପଛକୁ ପକାଇ ଏବେ ସେମାନେ ଏଥିପାଇଁ ଅଣ୍ଟା ଭିଡ଼ିଛନ୍ତି । ଏବଂ ଗୁରୁବାର ଦିନ ଫାରୁକ ଅବଦୁଲ୍ଲାଙ୍କ ବାସଭବନରେ ଅନୁଷ୍ଠିତ ଏହି ବୈଠକରେ ଅବଦୁଲ୍ଲା ପିତା-ପୁତ୍ର ଦ୍ୱୟଙ୍କ ବ୍ୟତୀତ ପିଡିପି ମୁଖ୍ୟ ମେହବୁବା ମୁଫତୀ, ପିପୁଲ୍ସ କନଫରେନ୍ସ ମଧ୍ୟ ସାଜଦ୍ ଅଲ୍ଲୀ ଲୋନ୍, ସିପିଏମ ନେତା ମହମ୍ମଦ ୟୁସୁଫ ତାରିଗାମୀ, ଆୱାମୀ ନ୍ୟାସନାଲ କନଫରେନ୍ସ ନେତା ମୁଜାଫର ଶାହା ପ୍ରମୁଖ ସାମ୍ବିଧାନିକ ପନ୍ଥା ମାଧ୍ୟମରେ ୩୭୦ ଧାରାର ପୁନଃବହାଲ ଏବଂ ଜାମ୍ମୁ କାଶ୍ମୀରର ପୂର୍ବର ରାଜନୈତିକ ମାନ୍ୟତା ଫେରାଇ ଆଣିବା ସକାଶେ ସେମାନଙ୍କର ପ୍ରତିବଦ୍ଧତା ପ୍ରକଟ କରିଛନ୍ତି । ଏଥିପାଇଁ ସେମାନେ 'ପିପୁଲ୍ସ ଆଲିଆନ୍ସ ଫର ଗୁପକାର ଡିକ୍ଲାରେସନ' ନାମକ ଏକ ମେଣ୍ଟ ଗଠନ କରିଛନ୍ତି । ଏବେ ଲକ୍ଷ୍ୟ କରିବା କଥା ଏହି ମେଣ୍ଟର ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ? ଉପତ୍ୟକାରେ ଏବେ ବିକ୍ଷୋଭ, ବିରୋଧାଭାଷ ନାହିଁ । ପ୍ରତିବାଦର ସ୍ୱର ମଧ୍ୟ ଶାନ୍ତ ପଡ଼ିଯାଇଛି । ଢେଲାପଥର ଫିଙ୍ଗାଠାରୁ ନେଇ ଆତଙ୍କବାଦଦୀ କାଣ୍ଡ ମଧ୍ୟ ଯଥେଷ୍ଟ ହ୍ରାସ ପାଇଛି । ତେଣୁ ଏହି ନେତୃବର୍ଗ ଏବେ କାହା ସହ କି । ଆଲୋଚନା କରି ଜାମ୍ମୁ କାଶ୍ମୀର ଲୋକଙ୍କୁ କି ବାର୍ତ୍ତା ଦେବେ ? ଯଥାଶୀଘ୍ର ହେଉ ଅବା ବିଳମ୍ବରେ ହେଉ, ସେଠାରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ସେମାନେ ସାମିଲ ହେବେ ନା ନାହିଁ ? ନିକଟରେ ଫାରୁକ ଅବଦୁଲ୍ଲା ଦେଇଥିବା ମନ୍ତବ୍ୟ- ଚୀନ ସହାୟତାରେ ଜାମ୍ମୁ କାଶ୍ମୀରରେ ଧାରା ୩୭୦କୁ ପୁନଃବହାଲ କରାଯିବା କେବେଳ ଏନସିକୁ ନୁହେଁ, ସମଭାବାପନ୍ନ ସବୁ ଦଳଙ୍କୁ ଅଡୁଆ ପରିସ୍ଥିତିରେ ପକାଇ ଦେଇଛି । ଏପରିକି ସ୍ଥାନୀୟ ଜନସାଧାରଣ ସୁଦ୍ଧା ଏହାକୁ ଗ୍ରହଣ କରିବାକୁ ନାରାଜ । କାରଣ ଅବଦୁଲ୍ଲା କିମ୍ବା ମୁଫତୀଙ୍କ ଶାସନ କାଳରେ ବିକାଶ ଓ ଉନ୍ନତିକୁ ସେମାନେ ଅଙ୍ଗେ ନିଭେଇ ସାରିଛନ୍ତି । ପୁନଶ୍ଚ ନିଜ ଦଳର ଭବିଷ୍ୟତ ଦୃଷ୍ଟିରୁ ସବୁ ଦଳ ନିଜ ନିଜ ଆଭିମୁଖ୍ୟକୁ ମଧ୍ୟ କାଏମ ରଖିବାରେ ବ୍ୟସ୍ତ । ତେଣୁ ସେମାନଙ୍କ ମଧ୍ୟରେ ହୋଇଥିବା ଏହି ମେଣ୍ଟ ଭବିଷ୍ୟତରେ କିଭଳି ଭାବେ ଏହି ଲକ୍ଷ୍ୟ ହାସଲ କରିବା ଦିଗରେ କାର୍ଯ୍ୟ କରିବ ତାହା ଅସ୍ପଷ୍ଟ । ସର୍ବୋପରି ଧାରା ୩୭୦ର ବିଶେଷାଧିକାର କାହା ପାଇଁ ଲାଭପ୍ରଦ ଥିଲା ତାହା ଏବେ ଜନସାଧାରଣଙ୍କ ନିକଟରେ ସ୍ପଷ୍ଟ ହୋଇସାରିଛି । ତେଣୁ ଏବେ ଜାମ୍ମୁ କାଶ୍ମୀରର ପୂର୍ବାବସ୍ଥା ବଦଳାଇବାକୁ ପ୍ରୟାସ କରୁଥିବା ଦଳ ଓ ନେତାମାନଙ୍କୁ ପ୍ରଥମେ ଜନସାଧାରଙ୍କ ନିକଟରେ ପ୍ରମାଣିତ କରିବାକୁ ପଡ଼ିବ ଜାମ୍ମୁ କାଶ୍ମୀର ଭାରତର ଅନ୍ୟ ଯେକୌଣସି କ୍ଷେତ୍ର ଭଳି ସମାନ ସୁବିଧା ସୁଯୋଗ ପାଇବା ଉଚିତ କି ନୁହେଁ । ଅଧିକାରକୁ ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରାଗଲେ ବିଶେଷାଧିକାର ଆବଶ୍ୟକତା ରହିଛି ନା ନାହିଁ ।

**ବିପିନ ବିହାରୀ ମହାନ୍ତି**

# ଭାରତୀୟ ସଂସ୍କୃତିରେ ଶକ୍ତି ଉପାସନା



ଆମ୍ଭମାନଙ୍କର ଧାର୍ମିକ ପରମ୍ପରା ଧାରାରେ ଦୁଇଟି କଥା ନିହିତ ଅଛି; ବିଜ୍ଞାନ ସମ୍ବନ୍ଧୀୟ ସତ୍ୟତା ଏବଂ ଚେତନା; ଅନ୍ୟଟି ସୁଖୀଓ ଶାନ୍ତି ପ୍ରଦାୟକ ଜୀବନଯାପନ ପାଇଁ ସୁନିୟନ୍ତ୍ରିତ ସାମାଜିକ ଚଳଣିର ବ୍ୟବସ୍ଥା। ମୋ ବିବେଚନାରେ ଏମିତି କିଛି ଧାର୍ମିକ ପରମ୍ପରା ନାହିଁ ଯାହାକୁ ଆମ ପୂର୍ବପୁରୁଷମାନେ ଅନ୍ଧଭାବରେ ଖଞ୍ଜି ଚାଲିଯାଇଛନ୍ତି ଏବଂ ଯାହା ପଛରେ କିଛି ବୈଜ୍ଞାନିକ ସତ୍ୟତା ନାହିଁ। ଆମେ ଆମକୁ ଯେତେ ବୁଦ୍ଧିମାନ କହିଲେ ବି ରାବଣର ପୁଷ୍ପକ ବିମାନରେ ଚଢ଼ିନାହୁଁ କି ନାରଦର କଠଉ କରାମତି ଜାଣିନାହୁଁ। ଅଥଚ ଚିତ୍କାର କରୁଛୁ ଯେ ଜୟ କରିବାରେ ଆମେ ଜଳ, ସ୍ଥଳ ଏବଂ ଆକାଶ ଖେଦି ଚାଲିଛୁ। ଏହାହିଁ ଆମ କୂପମଣ୍ଡକତ୍ୱ।

ସକଳ ଜୀବ ବିଶେଷଙ୍କ ପାଇଁ ଈଶ୍ୱର ଜୀବବୃତ୍ତି ଅର୍ଥାତ୍ ଜନ୍ମନେବା, ବଂଚିବା ପାଇଁ ଖାଇବା-ପିଇବା ଏବଂ ମରିବା ବ୍ୟବସ୍ଥା କରିଛନ୍ତି; କିନ୍ତୁ ମଣିଷ ପାଇଁ ଗୋଟିଏ କଥା ଅଧିକ ଖଞ୍ଜି ଦେଇଛନ୍ତି; ସେଇଟା ହେଲା ବୁଦ୍ଧିବୃତ୍ତି। ଏହାକୁ ଖଟାଇ ସେ ଭଲ ମନ୍ଦ ବିଚାରିବା କଥା; ସବୁର କାରଣ ଖୋଜି, ବାହାର କରି ଅନ୍ଧବିଶ୍ୱାସ ଏବଂ କୁସଂସ୍କାରଠାରୁ ଦୂରେଇବା କଥା; କିନ୍ତୁ ସେ ଏକଥା ପାରୁନାହିଁ।

ଏବେ ନିଜକୁ ବିଜ୍ଞାନୀ କହି ଅନେକ ନାସ୍ତିକ ପାଲଟିଗଲେଣି ଏବଂ ପ୍ରଚଳିତ ଧାର୍ମିକ ପରମ୍ପରାକୁ ଅନ୍ଧ ଅନୁକରଣ ଏବଂ କୁସଂସ୍କାର ବୋଲି କହିସାରିଲେଣି। ଆମେ ଏହାର ପ୍ରତିବାଦ କରୁଛୁ ଏବଂ ଏହି ପରିପେକ୍ଷୀରେ ଶକ୍ତି ଉପାସନା ଅର୍ଥାତ୍ ଶକ୍ତି ତତ୍ତ୍ୱ ଉପରେ କିଛି ଆଲୋକପାତ କରୁଛୁ।

ମଣିଷ ବଳ ପ୍ରୟୋଗ କରି ଯଦି ନିଜେ ବା କୋଉ ପଦାର୍ଥକୁ ବିସ୍ଥାପିତ କରେ, ସେଠାରେ କିଛି କାର୍ଯ୍ୟ ହେଲାବୋଲି କୁହାଯାଏ। କାର୍ଯ୍ୟ ସହିତ ବଳ ଓ ଦୂରତା ସଂଶ୍ଲିଷ୍ଟ। ପୁନଶ୍ଚ ସମସ୍ତେ କାର୍ଯ୍ୟକରି ପାରନ୍ତି ନାହିଁ। ଯାହାର କାର୍ଯ୍ୟ କରିବାର ସାମର୍ଥ୍ୟ ଅଛି; ତାହାର ଶକ୍ତି ଅଛି ବୋଲି କୁହାଯାଏ। ଶକ୍ତି କାର୍ଯ୍ୟ କରିବାର ସାମାର୍ଥ୍ୟକୁ ବୁଝାଏ। ଏହାଶୁଣି ଦି-ବିଧ ସ୍ଥିତିଜ ଶକ୍ତି ଏବଂ ଗତିଜ ଅଛି। ଶକ୍ତି ଅଦୃଶ୍ୟ। ଏହା ଗୋଟିଏ ଶକ୍ତିରୁ ଅନ୍ୟଶକ୍ତିକୁ ରୂପାନ୍ତରିତ ହୁଏ ଯେମିତି ବିଦ୍ୟୁତ୍‌ଶକ୍ତି ତାପଶକ୍ତି, ଶବ୍ଦଶକ୍ତି, ଆଲୋକ ଶକ୍ତି ଏବଂ ଯାନ୍ତ୍ରିକ ଶକ୍ତି ଇତ୍ୟାଦିକୁ ରୂପାନ୍ତରିତ ହୁଏ। ଶକ୍ତିର ହ୍ରାସ ନାହିଁକି ବୃଦ୍ଧି ନାହିଁ। ସ୍ଥିରତା ଅଛି। ଚଳଚଞ୍ଚଳତା ଅଛି। ବିନା ଶକ୍ତିରେ ସମଗ୍ର ବିଶ୍ୱର ଚଳଚଞ୍ଚଳତା ମୁହୂର୍ତ୍ତକ ମ୍ୱରେ ଠପ୍। ଶକ୍ତିଥିଲାଯାଏଁ ଏ ମଣିଷ ଶିବ; ଶକ୍ତି ବିହୁନେ ଶବ। ଶକ୍ତିହିଁ ଏ ବିଶ୍ୱର ଆଧାର। ଏଣୁ ଶକ୍ତିହିଁ ଜୀବନ; ଆତ୍ମା। ପରମାତ୍ମାର ଅଂଶବିଶେଷ। ପରମାତ୍ମାରୁ ଆତ୍ମା ଏବଂ ଆତ୍ମାର ପରମାତ୍ମାରେ ବିସର୍ଜନ। ବିଜ୍ଞାନମତେ ଶକ୍ତି ଶକ୍ତିସଂସ୍ଥାନ ବା ପୋଷକ କୁଣ୍ଡରୁ ଆମେ ଏବଂ ପୁନଶ୍ଚ ସେଇ ପୋଷକ କୁଣ୍ଡକୁ ଫେରିଯାଏ।

ବିଜ୍ଞାନରୁ ପ୍ରମାଣିତ ହୋଇଛି ଯେ ଜଡ଼ରୁ ଜୀବନ। ଏହି ବୈଜ୍ଞାନିକ ସତ୍ୟତାରୁ ପରମାର୍ଥିକ ବା ପରମାତ୍ମିକ ମୁଳବିନ୍ଦୁଟି ଆରମ୍ଭ ହୋଇଛି। ପରମାତ୍ମା ହିଁ ପରମବ୍ରହ୍ମ; ଆଦିମୂଳ; ଏଇଠୁ ଆରମ୍ଭ ସୃଷ୍ଟିର ସର୍ଜନା, ବିକାଶ ଏବଂ ବିନାଶ। ମୁହୂର୍ତ୍ତକ ବ୍ରହ୍ମରୁ ବ୍ରହ୍ମାଣ୍ଡ : ଦାୟିତ୍ୱରେ ବ୍ରହ୍ମା; ସେମିତି ପାଳନକୁ ବିଷ୍ଣୁ ଏବଂ ସଂହାରକୁ ଶିବ; ଏକରୁ ତ୍ରିଗୁଣାତ୍ମକ ଏମାନେ।

ପୁନଶ୍ଚ ପୁରାଣ ଓ ବେଦମତେ; ଏକ ଏକ ଦ୍ୱିଧା ଜାତଃ: ସଗୁଣ ଓ ନିର୍ଗୁଣ। ସଗୁଣ : ଶକ୍ତି ଏବଂ ସାକାର। ନିର୍ଗୁଣ : ପୁରୁଷ ଓ ନିରାକାର। କାର୍ଯ୍ୟ ଓ କାରଣକୁ ଶକ୍ତି। ଏଣୁ ଆକାର ବିଶିଷ୍ଟ ହୋଇପାରେ। ବ୍ରହ୍ମ ବୈବର୍ତ୍ତ ପୁରାଣମତେ : କାର୍ଯ୍ୟାର୍ଥେ ସଗୁଣା ତ୍ୱଂ ଚ ବସ୍ତୁତୋ ନିର୍ଗୁଣା ସ୍ୱୟମ୍; ପରମ ବ୍ରହ୍ମ ସ୍ୱରୂପାତ୍ୱଂ ସତ୍ୟା ନିତ୍ୟ ସନାତନୀ॥

ଶକ୍ତି ଆଦିରୂପା ଅଦୃଶ୍ୟ। କେହି ନଥିଲାବେଳେ ସେ ଏକମାତ୍ର ବ୍ରହ୍ମ ରୂପେ ଥିଲେ। ପରବର୍ତ୍ତୀ ସମୟରେ ଏଇ ମଣିଷ ବିଶେଷକରି ଶିଳ୍ପୀମାନେ ତାଙ୍କୁ ରୂପଦେଲେ। ସପ୍ତଶତୀ ପୁରାଣ ଅନୁସାରେ : ଯା'ଦେବୀ ସର୍ବଭୂତେଷୁ ମାତୃ ରୂପେଣ ସଂସ୍ଥିତା।

'ଶକ୍ତି' ଶବ୍ଦଟି ବନାନରେ ସ୍ତ୍ରୀଲିଙ୍ଗ ନୁହେଁ। ସ୍ତ୍ରୀ ଲିଙ୍ଗ ପାଇଁ ଗ୍ରହଣୀୟ ସତ୍ୟ। କାରଣ ସଂସାରର ସମସ୍ତ କର୍ଯ୍ୟଲାଳନ, ପାଳନ, ବର୍ଦ୍ଧନ... ଏମିତି ଯେତେଯେତେ ମାତୃତ୍ୱର ଅବଦାନ, ସବୁଦିଏ ଏଇ ଶକ୍ତି। ଧାରଣପାଇଁ ସେମାନେ ଧରିତ୍ରୀ; ଲାଳନ, ପାଳନ, ସ୍ନେହ ଶ୍ରଦ୍ଧା ଓ ମମତା ପାଇଁ ସେ ମା' ଏବଂ ଜୀବନ ସଂରକ୍ଷକ ଭାବରେ ସେ କୁଣ୍ଡଳିନୀ ଶକ୍ତି; ଶିବା।

ସେ ଅଦ୍ୟାଶକ୍ତି, ଆଦ୍ୟାପୂଜା କେଉଁ ପ୍ରାକ୍ ବୈଦିକ ଯୁଗରୁ। ଏହା ଏକ ବାସ୍ତବ ସତ୍ୟ ଯେ ମଣିଷ ଯାହାଠାରୁ ଉପକାର ପାଇଛି; ମାଟି, ପାଣି, ପବନ, ସୂର୍ଯ୍ୟ, ବୃକ୍ଷ, ଜୀବଜନ୍ତୁ, ସେ ତା'ର ଦିଅଁ ହୋଇରହିଛି। କାରଣ ତା' ବିନା ତା'ର ନାହିଁ ଅନ୍ୟଗତି। ମଣିଷ କେବେବି ସ୍ୱୟଂ ସଂପୂର୍ଣ୍ଣ ନୁହେଁ; ସେ ପରଭୋଜୀ, ପ୍ରକୃତିର ପାଣି ତା' ଶିରାରେ; ପବନ, ତା' ନା ସାରେ; ମାଟିର ସାର ତା' ପେଟରେ ... ଇତ୍ୟାଦି ଇତ୍ୟାଦି।

ଏପ୍ରକୃତି ତା' ମା'। ସେ ମାୟା, ମହାମାୟୀ; ଏଶକ୍ତି ତା' ଜ୍ଞାନ; ସରସ୍ୱତୀ, ମହା ସରସ୍ୱତୀ। ଏ ଶକ୍ତି ତା' ଅର୍ଥ, ଲକ୍ଷ୍ମୀ ବା ମହାଲକ୍ଷ୍ମୀ। ଏଶକ୍ତି ତା'ର ଯୁଗେଯୁଗେ ଦୁର୍ଗତି ନାଶିକା, ମହିଷାମର୍ଦ୍ଦିନୀ : ମା ଦୁର୍ଗା। ଏ ଶକ୍ତି ଚିର ଅଭୟଦାୟିନୀ, ମା' ଶୁଭମନାସ୍ୱିନୀ, ମା' ଝଙ୍କଡ଼ ଶାରଳା, କାକଟପୁର ମଙ୍ଗଳା, କୋଣାର୍କର ରାମଚଣ୍ଡୀ, ପୁରୀର ବିମଳା, ବାଙ୍କିର ଚର୍ଚ୍ଚିକା, ଯାଜପୁରର ବିରଜା, ତାଳଚେରର ହିଙ୍ଗୁଳା ଓ ଭୁବନେଶ୍ୱରର ମା' ଗୌରୀ ଏବଂ ଆମ ପୁର ପଲ୍ଲୀରେ ଥିବା ଶକ୍ତିପୀଠମାନଙ୍କର ମା' ଶିବା। ସେ ଆଦିବାସୀର କାଠ ଖମ୍ବେଶ୍ୱରୀ; ସେ ଶ୍ରୀ ମନ୍ଦିରର ମା' ଶୁଭଦ୍ରା। ସେ ଏକାଧାରରେ ଶାକ୍ତ, ଶୈବ ଏବଂ ବୈଷ୍ଣବମାନଙ୍କର ଦ୍ୱାରା ପୂଜିତା।

ସାମାଜିକ ଚଳଣି କ୍ଷେତ୍ରରେ ଏଇ ମା' ଓହ୍ଲାଇ ଆସେ ଜନ୍ମଦାତ୍ରୀ ମମତାମୟୀ ମାତା ହୋଇ; ମାୟାବିନୀ ସ୍ତ୍ରୀ ହୋଇ; ସୋହାଗିନୀ ଭଗ୍ନୀ; ସେବିକାରୂପେ ଧାତ୍ରୀ ଏବଂ ପ୍ରେମିକା ରୂପେ ରାଧା ହୋଇ; ଦୁଃଖ ସୁଖର ସାଥୀହୋଇ; ବଂଶାନୁକ୍ରମିକ ଗଡ଼େଇ ଚାଲିବାରେ ସନ୍ତାନର ମାତାହୋଇ ଅଥଚ ଆଜିର ପୁରୁଷପ୍ରଧାନ ସମାଜରେ ସେ ଆଜି ନିର୍ଯାତିତା। ଯେଉଁ ପୁତ୍ରପାଇଁ ତା'ର ଏତେ ତପସ୍ୟା, ସେ ପୁତ୍ରକରେ ପଦାଘାତ। ଏଣୁ ଯଥାର୍ଥରେ କୁହାଯାଇଛି : କୁ ପୁତ୍ର ଜାୟତେ କ୍ୱଚିଦପି, କୁମାତା ନ ଭବତି।

ମା' ସଦାବେଳେ ମା', ଶୁଭାକାଂକ୍ଷୀ। ପୁତ୍ର ସୁପୁତ୍ର ବା କୁପୁତ୍ର ହୋଇପାରେ। ସେଇ ମା' ଜାତିର ସମ୍ମାନ ପାଇଁ ଏ ଶକ୍ତିଉପାସନା।

ପ୍ରତିଟି କ୍ଷେତ୍ରରେ ନାରୀ ଓ ପୁରୁଷ ମଧ୍ୟରେ ସାମାଜିକ ବୈଷମ୍ୟ ଦେଖାଯାଏ। ନାରୀଟିଏ ଯେପରି ପୁରୁଷପାଇଁ ଏକ ନ୍ୟୁନ ଏବଂ ଘୃଣ୍ୟ ଅଥବା ପଣ୍ୟବସ୍ତୁ; ଏପରିକି ନାରୀଟି ପାଇଁ ଶଯ୍ୟାସଙ୍ଗିନୀକୁ ସେ ପ୍ରେମ ପାଗଳ, ସେ ତା'କୁହିଁ ଭ୍ରୁଣରୁ ହତ୍ୟାକରେ। ପୁରୁଷ ବୁଝିବା ଉଚିତ୍ ଯେ ନାରୀ ଏବଂ ତା' ମ୍ବରେ ସମାନତା ଏବଂ ସମତୁଲ୍ୟତା ରହିଛି। ଏକଥା ସ୍ୱୟଂ ଭଗବାନ ସ୍ୱୀକାର କରିଛନ୍ତି; ଯଦି ତେଜସିରୂପକହଂ ତେଜୋରୂପାସି ତ୍ୱଂତଦା; ସଶରୀରେ ଯଦା ଅହଂ ଚ ତଦା ତ୍ୱଂହ ଶରୀରିଣୀ।

ସେ ଗୃହଦାସୀ ନୁହେଁ। ସମାଜରେ ତା'ର ସମାନ ଅଧିକାର ଅଛି। ସେ ଉପଯୁକ୍ତ ସମ୍ମାନ ପାଇଲେ ପାରିବାରିକ ତଥା ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ମାୟାଧର ମାନସିଂହଙ୍କ ଭାଷାରେ : ଦୁହେଁ ସିନା ହୋଇଲେ ସମାନ ସହଯୋଗ ହେବା ସୁଖକର ଗୃହଦାସୀ କରିତ ରଖିଲ ଯୁଦ୍ଧେକିଏ ଯୋଗାଇବ ଶର।

ନାରୀଟିଏ ପୁରୁଷର ଭୋଗ୍ୟବସ୍ତୁ ନୁହେଁ। ବିପଦ ଉଦ୍ଧାର କାରିଣୀ ତାରିଣୀ; ମହିଷାମର୍ଦ୍ଦିନୀ ମା' ଦୁର୍ଗା। ପୁରୁଷଟିଏ ପାଇଁ ସବୁ ଅସମ୍ଭବର ସମ୍ଭବ କାରିଣୀ ଏଇ ଶକ୍ତି। ଏଣୁ ତା'ରି ସମ୍ମାନାର୍ଥେ ଏ ଉପାସନା ଏ ଭାରତ ଭୂଖଣ୍ଡରେ।

ଜୟ ଈଶ୍ୱରୀ ପତିତପାବିନୀ ଲକ୍ଷ୍ମୀ ଗୋ ବରଦାୟିନୀ<br>
ମଙ୍ଗଳକର ଉଜ୍ଜ୍ୱଳକର ଆଶିଷ ଢ଼ାଳି,<br>
ଏଇ ତୋତେ ମା' ଦଇନୀ ॥

+ ଅଧ୍ୟକ୍ଷ<br>
ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,<br>
ବିପିନ ବିହାରୀ ପାଠାଗାର,ଜଟଣୀ<br>
ଦୂରଭାଷ : ୯୯୩୮୩୪୪୧୩୮

**ଅଂଶୁମାନ ମହାରଣା**

# ସମ୍ବଲପୁର ମିଶ୍ରଣ : ଓଡ଼ିଆ ଭାଷା ଆନ୍ଦୋଳନର ଏକ ସଫଳ ଅଧ୍ୟାୟ



ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ଓଡ଼ିଶାରେ ଓଡ଼ିଆ ଭାଷା ପ୍ରତି ଏକ ବିଶାଳ ସଂକଟ ସୃଷ୍ଟି ହୋଇଥିଲା। ଏହି ସମୟରେ କେତେଜଣ ବଙ୍ଗୀୟ ରାଜକର୍ମଚାରୀ ଓଡ଼ିଶାରୁ ଓଡ଼ିଆ ଭାଷା ବିଲୋପ ଘଟାଇ ବଙ୍ଗଳା ଭାଷାର ପ୍ରଚଳନ ପାଇଁ ଅପଚେଷ୍ଟା କରିଥିଲେ। ବହୁ ବଙ୍ଗୀୟ ଐତିହାସିକ, ସ୍ତମ୍ଭକାର, ଶିକ୍ଷକଙ୍କ ଓଡ଼ିଆ ଭାଷା ପ୍ରତି କଟୁ ଆକ୍ଷେପ କାରଣରୁ ଓଡ଼ିଆ ଭାଷା ଆନ୍ଦୋଳନର ସୂତ୍ରପାତ ହୋଇଥିଲା। ଠିକ ଏହିପରି ଭାବରେ ପଶ୍ଚିମ ଓଡ଼ିଶାରେ ମଧ୍ୟ ଓଡ଼ିଆ ଭାଷା ପ୍ରତି ଘୋର ସଂକଟ ସୃଷ୍ଟି ହୋଇଥିଲା। ୧୮୯୪ ମସିହାରେ ଓଡ଼ିଶାର ପଶ୍ଚିମାଂଚଳ ସମ୍ବଲପୁରରେ ଓଡ଼ିଆ ଭାଷା ପରିବର୍ତ୍ତେ ହିନ୍ଦୀ ଭାଷା ପ୍ରଚଳନ କରିବା ନିମନ୍ତେ ସରକାରୀ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏହି କାରଣରୁ ସମ୍ବଲପୁରରେ ଓଡ଼ିଆ ଭାଷା ଆନ୍ଦୋଳନ ୧୮୯୪ ମସିହାରେ ଆରମ୍ଭ ହୋଇଥିଲା। ଦୀର୍ଘ ୧୧ ବର୍ଷ ଧରି ଓଡ଼ିଶାର ପଶ୍ଚିମାଂଚଳରେ ସଂଘଟିତ ହୋଇଥିବା ଓଡ଼ିଆ ଭାଷା ଆନ୍ଦୋଳନର ସଫଳତା ୧୯୦୫ ମସିହା ଅକ୍ଟୋବର ୧୫ ତାରିଖ ଦିନ ମିଳିଥିଲା। ଏହିଦିନ ସମ୍ବଲପୁରରେ ପୁନର୍ବାର ଓଡ଼ିଆ ଭାଷାର ପ୍ରଚଳନ କରାଯିବା ସହ ୧୯୦୫ ମସିହା ଅକ୍ଟୋବର ୧୬ ତାରିଖ ଦିନ ସମ୍ବଲପୁରକୁ ଓଡ଼ିଶା ସହିତ ମିଶ୍ରଣ କରାଯାଇଥିଲା। ସେତେବେଳେର ଓଡ଼ିଶା ମାନ୍ଦ୍ରାଜ ପ୍ରେସିଡ଼େନ୍ସି, ମଧ୍ୟପ୍ରଦେଶ ପ୍ରେସିଡ଼େନ୍ସି, ବେଙ୍ଗଲ ପ୍ରେସିଡ଼େନ୍ସି ଏହିପରି ତିନି ଭାଗରେ ବିଭକ୍ତ ହୋଇ ଇଂରେଜ ସରକାରଙ୍କ ଦ୍ୱାରା ଶାସିତ ହେଉଥିଲା। ମଧ୍ୟପ୍ରଦେଶ ପ୍ରେସିଡ଼େନ୍ସି ଅଧୀନରେ ଥିବା ସମ୍ବଲପୁରରେ ଓଡ଼ିଆ ଭାଷା ପରିବର୍ତ୍ତେ ହିନ୍ଦୀ ଭାଷା ପ୍ରଚଳନ କରିବା ପାଇଁ ଇଂରେଜ ସରକାର ୧୮୯୪ ଖ୍ରୀଷ୍ଟାବ୍ଦରେ ଏକ ସରକାରୀ ବିଜ୍ଞପ୍ତି ପ୍ରକାଶ କଲେ। ଏହା ଓଡ଼ିଆ ଜାତି ତଥା ଭାଷା ଓ ସାହିତ୍ୟ ପ୍ରତି ଥିଲା ଚରମ ବିଦ୍ରୁପ ତଥା ନିର୍ମମ ଅପମାନ। ଇଂରେଜ ସରକାରଙ୍କ ଏତାଦୃଶ ନିଷ୍ପତି ଓଡ଼ିଆ ପ୍ରେମୀ ଜନସାଧାରଣଙ୍କୁ ସ୍ତବ୍ଧ ତଥା ହତୋତ୍ସାହିତ କରିଥିଲା। ଇଂରେଜ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଏହି ଅପରିଣାମ ତଥା ଅବିବେକୀ ନିର୍ଦ୍ଦେଶନାମା ବିରୁଦ୍ଧରେ ସମଗ୍ର ସମ୍ବଲପୁର ଜିଲ୍ଲାରେ ପ୍ରତିବାଦର ସ୍ୱର ଉତୋଳିତ ହୋଇଥିଲା। ସ୍ୱାଭିମାନୀ ଓଡ଼ିଆ ମାନେ ନିଜ ମାତୃଭାଷାର ସୁରକ୍ଷା ନିମନ୍ତେ ସଂଗ୍ରାମ ପାଇଁ ଆଗେଇ ଆସିଲେ। ସମ୍ବଲପୁରରେ ଓଡ଼ିଆ ଭାଷାର ସୁରକ୍ଷା ସଂଗ୍ରାମ ପାଇଁ ଆଗେଇ ଆସିଥିବା ଏହି ଭାଷାପ୍ରେମୀ ମାନେ ହେଲେ ମହନ୍ତ ବିହାରୀ ଦାସ, ବଳଭଦ୍ର ସୂପକାର, ବ୍ରଜମୋହନ ପଟ୍ଟନାୟକ, ମଦନ ମୋହନ ମିଶ୍ର ଏବଂ ଶ୍ରୀପତି ମିଶ୍ର ପ୍ରମୁଖ। ପଶ୍ଚିମ ଓଡ଼ିଶାରେ ଓଡ଼ିଆ ଭାଷା ସୃଷ୍ଟି ହୋଇଥିବା ଘୋର ସଂକଟକୁ ଦେଖି ସ୍ୱଭାବକବି ଗଙ୍ଗାଧର ମେହେର କେବେ ବି ନୀରବଦ୍ରଷ୍ଟା ହୋଇ ରହି ନ ଥିଲେ। ଏହି ଅନ୍ୟାୟର ପ୍ରତିବାଦ କରି ତାଙ୍କର ଲେଖନୀ ଚଳଚଂଚଳ ହୋଇ ଉଠିଥିଲା। ଭାରତୀ ରୋଦନ ଓ ଉତ୍କଳ ଭାରତୀଙ୍କ ନିବେଦନ ଦୁଇଟି କବିତା ରଚନା କରି ସମ୍ବଲପୁର ହିତୈଷିଣୀରେ ସମ୍ବାଦ ପତ୍ରରେ ପ୍ରକାଶିତ କରିଥିଲେ। ଏହି କବିତା ଦ୍ୱୟ ମାଧ୍ୟମରେ କବି ଗଙ୍ଗାଧର ମେହେର ପଶ୍ଚିମ ଓଡ଼ିଶାର ରାଜା, ମହାରାଜା, ଜମିଦାର, ବୁଦ୍ଧିଜୀବୀ, ଓଡ଼ିଆ ପ୍ରେମୀ ଶ୍ରଦ୍ଧାଳୁ ବ୍ୟକ୍ତି ମାନଙ୍କୁ ଓଡ଼ିଆ ଭାଷାର ଦୁର୍ଦ୍ଦିନରେ ସହଯୋଗ ନିମନ୍ତେ ବିନମ୍ର ଅନୁରୋଧ କରିଥିଲେ। ହିନ୍ଦୀ ଭାଷାର ପ୍ରଚଳନ ପାଇଁ ଇଂରେଜ ସରକାରଙ୍କର ଆଦେଶ କବି ଗଙ୍ଗାଧର ମେହେରଙ୍କ କବିପ୍ରାଣକୁ ଦାରୁଣ ଆଘାତ ଦେଇଥିଲା। କବି ଗଙ୍ଗାଧର ମେହେର ଭାରତୀ ରୋଦନ ମାଧ୍ୟମରେ ବରପାଲି ଜମିଦାର ନୃପରାଜ ସିଂହଙ୍କର ସହଯୋଗ ଓଡ଼ିଆ ଭାଷାର ସୁରକ୍ଷା ପାଇଁ ନିବେଦନ କରିଥିଲେ। (କ୍ରମଶଃ)

+<br>
anshumanmaharanamedia@gmail.com<br>
ମୋ: ୮୦୯୩୨୯୮୭୨୪

**ସୁବ୍ରତ କର**

# ଏହା କଣ ସତ ?



ମୁଁ ବିଶ୍ୱାସ କରିପାରୁ ନାହିଁ ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ, ଗୃହମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀ ମାନଙ୍କ ନିଜସ୍ୱ ଚାରି ଚକିଆ ଗାଡ଼ି ନାହିଁ । ଏହା ଯଦି ସତରେ ସତ ହୋଇଥାଏ ଅଭୂତପୂର୍ବ ଦେଶବାସୀଙ୍କ ପାଇଁ । କାରଣ ଆମ ଦେଶ ଭ୍ରଷ୍ଟାଚାରର ଶିଡ଼ିରେ ସାରା ଦୁନିଆରେ ବହୁତ ଉପରେ ଏବଂ ପ୍ରତି ମୁହୂର୍ତ୍ତରେ ଦେଶରେ ଭ୍ରଷ୍ଟାଚାରର ଦୃଷ୍ଟାନ୍ତ ପ୍ରତିଫଳିତ ହେଉଛି । ଦୃଷ୍ଟାନ୍ତମୂଳକ ଭାବରେ ଆମର ପ୍ରଧାନମନ୍ତ୍ରୀଙ୍କୁ ନିଆଯାଉ । ସେ ୧୦ରୁ ୧୫ ବର୍ଷ ତୁଲାଇଥିଲେ ଏବଂ ଗତ ପ୍ରାୟ ୭ବର୍ଷ ହେବ ପ୍ରଧାନମନ୍ତ୍ରୀ ପଦବୀରେ ଅଛନ୍ତି । ଯଦି ଆମେ ଖାଲି ତାଙ୍କର ବେତନକୁ ନେବେ ଅନ୍ତତ ଗୋଟିଏ ନିଜସ୍ୱ ଗାଡ଼ି ରହିବା ଦରକାର କାରବର ଏବେ ଆମ ଦେଶରେ ଯେ କୌଣସି ସାଧାରଣ ଜନତାଙ୍କ ପାଖରେ ଚାରିଚକିଆ ଗାଡ଼ି ରହିଛି । ଗଚ୍ଛିତ ଟଙ୍କା ଆକାରରେ ଦେଖିଲେ ଉପରୋକ୍ତ ବ୍ୟକ୍ତିଙ୍କ ପାଖରେ ସେମିତି କିଛି ଆଖି ଦୃଶିଆ ବରିଷ୍ଠ ନେତାମାନେ ଭ୍ରଷ୍ଟାଚାରର ଅନେକ ଉର୍ଦ୍ଧ୍ୱ ଏବଂ ଏହା ଆମ୍ଭମାନଙ୍କ ପାଇଁ ଦୃଷ୍ଟାନ୍ତ । ତେବେ ଏଇଠି ପ୍ରଶ୍ନ ଉଠୁଛି ଭ୍ରଷ୍ଟାଚାରର ମୂଳ କେଉଁଠି ? କିଏ ଏହାକୁ ଉତ୍ସାହିତ କରୁଛି ? ଏବଂ ଭ୍ରଷ୍ଟାଚାରର ସୀମା ନାହିଁ । ଯେ କୌଣସି ସ୍ତରରେ ଏବଂ ଯେ କୌଣସି ଭାବରେ ଏହା ଦିନକୁ ଦିନ ବଢ଼ି ବଢ଼ି ଚାଲିଛି । ତାହେଲେ ଏହାପାଇଁ ଦାୟୀ କିଏ ? ହଁ ନିଶ୍ଚିତ ଭାବରେ ଏହି ବରିଷ୍ଠ ନେତାମାନେ ଗୋଟିଏ ଜାଗାରେ ଭ୍ରଷ୍ଟାଚାରକୁ ଉତ୍ସାହିତ କରୁଛନ୍ତି ଏବଂ ସେ ହେଲା ଦଳକୁ ଚଳାଇବା ପାଇଁ ଟଙ୍କା ବା ପାଣ୍ଠି ଯୋଗାଡ଼ି କରିବାରେ । ୨୦୧୭ -୨୦୧୮ ମସିହାରେ ବି.ଜେ.ପି ଦଳରେ ଗଚ୍ଛିତ ପାଣ୍ଠିରେ ଥିଲା ୧୨୧୩.୧୩ କୋଟି ଟଙ୍କା ଏବଂ ୨୦୧୭-୧୮ରେ ବଢ଼ି ହୋଇଛି ୧୪୮୩.୩୫ କୋଟି ଟଙ୍କା । ଏହି ପରି ସବୁଦଳର ଗଚ୍ଛିତ ଦଳୀୟ ପାଣ୍ଠି ରହିଛି ଏବଂ ଏହା କେଉଁ ଦଳର ବଢ଼ିଛି ତ କେଉଁ ଦଳର କମିଛି । ଆମେ ଜାଣିବା ଉଚିତ ଏହି ଦଳଗତ ଗଚ୍ଛିତ ଟଙ୍କାର ହିସାବ କିତାବ ହୁଏନାହିଁ ଏବଂ ଏହି ଟଙ୍କା ଯେ କୌଣସି ସଂସ୍ଥାର ଯାଞ୍ଚ ବାହାରେ । ଏହି ଟଙ୍କା ପାଇଁ ଦଳର କୌଣସି ନେତା ଆମ ଜନତାଙ୍କ ପାଖରେ ଉତ୍ତରଦାୟୀ ନୁହନ୍ତି । ପୁଣି ପ୍ରଶ୍ନ ଉଠୁଛି ଯଦି ପ୍ରଧାନମନ୍ତ୍ରୀ ନିଜେ ଏତେ ପରିଷ୍କାର ଏବଂ ସମ୍ପୂର୍ଣ୍ଣ ଭ୍ରଷ୍ଟାଚାର ବାହାରେ ତେବେ ଏହି ପାଣ୍ଠିରେ ରଖୁନାହାନ୍ତି ? ଏହି ଟଙ୍କା ଆସିଲା କେଉଁଠୁ, କିଏ ନେଲା, କାହିଁକି ନେଲା ଏବଂ ଦଳ କାହିଁକି ନେଲେ ? ଏ ସବୁ ପ୍ରଶ୍ନର ଉତ୍ତର ସବୁ ଦଳର ବରିଷ୍ଠ ନେତାମାନେ ନେଇ ପାରିବେ କି ? ଉତ୍ତର ଏତେ ସହଜ ନୁହଁ ଯେଉଁଥି ପାଇଁ ଦେଶରୁ ଭ୍ରଷ୍ଟାଚାରର ମୂଳ ଉତ୍ପାଦନ ହୋଇପାରୁ ନାହିଁ ।

### କବିତା କୋଣାର୍କ

## ପାର୍ବଣରେ ତୁମେ...

**ନିରଞ୍ଜନ ସାହୁ**

ମୁଁ ହୁଅନ୍ତି ଶିଳ୍ପୀଟିଏ<br>
ନିଖୁଣ ଭାବରେ ତୁମକୁ ଗଢ଼ନ୍ତି<br>
ବାରି ପାରିବନି କିଏ<br>
ଦେଖଣାହାରୀଏ ନିଶ୍ଚୟ କହନ୍ତେ<br>
ତୁମ ସରି କେହି ନୁହନ୍ତି ॥

ପାର୍ବଣରେ ତୁମେ ଚିନ୍ମୟୀ ସାଜିଲେ<br>
ମୁଁ କରିବସନ୍ତି ଅଳି<br>
ମାଆ ପରି ତୁମେ ବୁଝୁଥାନ୍ତ ସବୁ<br>
ମୋର ଯେତେ ଅରଦଳି<br>
ତୁମରି ଆଜ୍ଞାକୁ ଅବଜ୍ଞା ନ କରି<br>
ଶିରୋଧାର୍ଯ୍ୟ କରି ବୁହନ୍ତି ॥

ପାର୍ବଣରେ ତୁମେ ଦେବୀ ମୂର୍ତ୍ତି ହେଲେ<br>
କବିଟିଏ ମୁହିଁ ହୁଅନ୍ତି<br>
କବିତାରେ ଲେଖି ତୁମରି ମହିମା<br>
ଭକତ ଜନଙ୍କୁ କୁହନ୍ତି ॥

ପାର୍ବଣରେ ତୁମେ ମୃଣ୍ମୟୀ ସାଜିଲେ

+ ସା/ପୋ: ନିହଳପ୍ରସାଦ<br>
ଭାୟା- ଗନ୍ଦିଆ ପାଟଣା<br>
ଜିଲ୍ଲା- ଢେଙ୍କାନାଳ<br>
ଜିଲ୍ଲା- ଢେଙ୍କାନାଳ<br>
ପିନ-୭୫୯୦୧୬<br>
ମୋ: ୯୯୩୮୭୪୧୫୮୩

### କବିତା କୋଣାର୍କ

## ଭାଗ...



**ସସ୍ମିତା ରାଉତ(ଡଲି)**

ବାପା ଯିବା ପରେ<br>
ଏବେ ଭାଗ ବସିଲା<br>
ମା'ର ମଧ୍ୟ ଭାଗ ଛିଡ଼ିଲା<br>
ମା' ଭାଗରେ ପଡ଼ିଲା<br>
ବାପାଙ୍କ ପେନସନ୍,<br>
ଦୋକାନ ଘରର ଭଡ଼ା<br>
ମା ଏବେ ଅଦରକାରୀ ନଥିଲା<br>
ତା ପାଖରେ ଥିଲା<br>
ବାପା, ମା'ଙ୍କ ଯୋଏଣ୍ଟ ଏଟିଏମ୍ ।<br>
କିନ୍ତୁ ଏବେ କଥା ଥିଲା<br>
ମା କାହା ପାଖରେ ରହିବ<br>
ଭାଇ, ଭଉଣୀ ତିନିହେଁ<br>
ଲାଳାୟିତ ଥିଲେ<br>
ମା'ଙ୍କୁ ନିଜ ପାଖରେ ରଖିବାରେ ।<br>
ବଡ଼ ପୁଅଟି ବାପାର ଛାଇ<br>
ସେ ସବୁବେଳେ ବାପା ପଛରେ<br>
ତେଣୁ ସେ ନଥିଲା ମା'ର ନିଜର<br>
ହଁ ଝିଅ ତ ମା'ର ଜେରକ୍ସ କପି<br>
ମା ଓ ଝିଅ ଭିତରେ ଥାଏ<br>
ସହଜେ ଅନେକ ଗୋପନତା<br>
ସାନପୁଅ ମା'ର କୋଡ଼ପୋଛା ।<br>
ମା ଗଲା କିଛି ଦିନ ପାଇଁ<br>
ଝିଅର ଘରେ ରହିବାକୁ<br>
ଅଳ୍ପ ଦିନରେ ଝିଅକୁ ଲାଗିଲା<br>
ମା ରହିଲେ ପାଖରେ<br>
ସ୍ୱାଧୀନତାରେ ଲାଗିବ ଅଙ୍କୁଶ ।<br>
ସେ ମା' ଠାରୁ ଆଳ କରି<br>
ସେତେବେଳକୁ ନେଇ ସାରିଥିଲା<br>
ଟଙ୍କା ଆବଶ୍ୟକ ମୁତାବକ ।<br>
ଏବେ ମା ଆସିଲା ସାନପୁଅ ପାଖକୁ<br>
ତାର ବାକି ଜୀବନ<br>
କାଟିବା ଉଦ୍ଦେଶ୍ୟରେ<br>
କାରଣ ସାନପୁଅ ରହୁଥିଲା ସହରରେ<br>
ଆଉ ବଡ଼ପୁଅ ଗାଁ ଘରେ<br>
ଅଳ୍ପ ଦିନରେ ଗା ଅଣ୍ଟା ଭାଙ୍ଗିଲା<br>
ତାର ବ୍ୟାଙ୍କ ଖାତା ଖାଲିଥିଲା<br>
ପେନସନ୍ ଏଟିଏମ୍ ଏବେ<br>
ସାନ ପୁଅ, ବୋହୂ କବଜାରେ ।<br>
ଏବେ ସବୁ ଭାଗ ଛିଡ଼ି ସାରିଥିଲା<br>
ମା ପାଖରେ ଦେବାକୁ<br>
ଆଉ କିଛି ବାକି ନଥିଲା<br>
ସେ ଏବେ ଗାଁ ଘର ଦାଣ୍ଡ ପିଣ୍ଡାରେ<br>
ସାନପୁଅ ମାସ ଶେଷରେ ଆସି<br>
ନେଇ ଯାଉଛି ବ୍ୟାଙ୍କ ଆଡ଼େ<br>
ପେନ୍‌ସନ୍ ଉଠେଇ ସାରି<br>
ମା ପାଇଁ ଆଣି ଦେଉଛି<br>
ବଞ୍ଚି ରହିବାର ଆବଶ୍ୟକ ଔଷଧ ।<br>
ବଡ଼ ବୋହୂ ଗରଗର ହେଉଛି<br>
କାରଣ ତା ଭାଗରେ ନଥିଲା ମା<br>
କିନ୍ତୁ ବଡ଼ପୁଅକୁ ଡରି<br>
କିଛି କହି ପାରୁନାହିଁ ।<br>
ତା' ଅନିଚ୍ଛା ସତ୍ତ୍ୱେ,<br>
ଦୁଇ ଓଳା ବାଢ଼ି ଦେଉଛି<br>
ମା ପାଇଁ ଦୁଇ ମୁଠା ଭାତ ।

+ ସୋର, ବାଲେଶ୍ୱର

## ଦେଖ ଆସିଛିରେ ଦୁର୍ଗାପୂଜା...

**ବିଜୟଲକ୍ଷ୍ମୀ ପାଣିଗ୍ରାହୀ**

ଦେଖ ଆସିଛିରେ ଦୁର୍ଗାପୂଜା<br>
ଦେଖ ଆସିଛିରେ ଦୁର୍ଗାପୂଜା<br>
ଘରେ ଘରେ ଆଜି<br>
ଖିରି ପିଠାପଣା<br>
ବାଜୁଛି ମାଦଳ ବାଜା

କାଶତଣ୍ଡି ଫୁଲ ଚାମର ଝାଡଇ<br>
ଘାସ ଧରେ ମୁକ୍ତାଫୁଲ<br>
ନୀଳ ଆକାଶରେ ଧଳା ମେଘ ଭାସେ<br>
ଚାରିଆଡ଼େ ପରିମଳ ।୨।<br>
ସୁନାରୂପା କେତେ<br>
ତାରିକସି କାସେ<br>
ଉଡୁଛି ମାଆର ଧ୍ୱଜା...<br>
ଦେଖ ଆସିଛିରେ ଦୁର୍ଗାପୂଜା ।

ମେଢ଼ ମଣ୍ଡପରେ ମାଆ ବିରାଜିବେ<br>
ପାପଭାର ହେବ ନାଶ<br>
ଅସୁର ସଂହାରି ଶାନ୍ତି ସଂସ୍ଥାପିବେ<br>
ଯୁଗେ ଯୁଗେ ଅଛି ଯଶ<br>
ସଙ୍କଟ ତାରିଣୀ<br>
ମାଆ କାତ୍ୟାୟିନୀ<br>
ଦେବୀ ତୁହି ଦଶ ଭୁଜା ।<br>
ଦେଖ ଆସିଛିରେ ଦୁର୍ଗାପୂଜା...

ରୋଗ ଶୋକ ଦୁଃଖ ହରଣ କରିବ<br>
ଝରିବ ଆନନ୍ଦ ବାରି<br>
ଅଜ୍ଞାନ ଅନ୍ଧାରେ ଜ୍ଞାନର ପ୍ରଦୀପ<br>
ଦିଅ ମାଆ ତୁମେ ଜାଳି ।<br>
ସିଂହ ବାହିନୀ<br>
ରୌଦ୍ର ରୂପିଣୀ<br>
କରେ ତୁମ ପାଦ ପୂଜା ।<br>
ଦେଖ ଆସିଛିରେ ଦୁର୍ଗାପୂଜା...

+ ଶିକ୍ଷୟତ୍ରୀ<br>
ଜୟପୁର କୋରାପୁଟ<br>
ମୋ: ୮୨୪୯୫୦୦୫୦

# କୋଭିଡ୍-୧୯ ଓ ଆମ ପରିବେଶ


ଇଂ. ବିଦ୍ୟାଧର ପଣ୍ଡା


ତାଲାବନ୍ଦି ପରେପରେ ଆମ ଦେଶର ପରିବେଶ ଅନେକାଂଶରେ ବଦଳି ଯାଇଛି। ପକ୍ଷୀମାନଙ୍କର କଳରବ ଶବ୍ଦ ଆଗ ଅପେକ୍ଷା ଅଧିକ ଶୁଣିବାକୁ ମିଳୁଛି। କନ୍ଧମାଳ ଜଙ୍ଗଲରେ ନାହାକା ଶୁଆ ଚିହ୍ନଟ ହେବା ବେଳେ ମୟୁରଭ ଶିମିଳିପାଳରେ ଲୋକେ ଶଙ୍ଖଚିଲ ଉଡିବା କଥା ଦେଖିବାକୁ ଲାଗିଲେଣି। ଧରାପୃଷ୍ଠରେ ଜୀବଜଗତ ବଂଚିବା ପାଇଁ ଭଲ ପରିବେଶଟିଏ ନିହାତି ଆବଶ୍ୟକ। ଜୀବନ ଧାରଣ କରିବାକୁ ଦରକାର ବାୟୁ, ଜଳ, ଖାଦ୍ୟ, ଆଲୋକ ଓ ଉତ୍ତାପ ଆଦି ଆମେ ଆମ ପରିବେଶରୁ ହିଁ ପାଇଥାଉ। ପ୍ରକୃତି ମାଆ ତା'ର ପରିବେଶ ଗନ୍ତାଘରକୁ ଅନାଦି କାଳରୁ ଆମପାଇଁ ଉନ୍ମୁକ୍ତ କରି ରଖିଛି। ଆମର କର୍ତ୍ତବ୍ୟ ହେଲା ଯେତିକି ଦରକାର ଆମେ ସବୁ ସାଧନର ସେତିକି ଉପଯୋଗ କରିବା ଉଚିତ୍। କିନ୍ତୁ ଆମେ ଏହାର ସଦାସର୍ବଦା ବ୍ୟତିକ୍ରମ କରି ଆସୁଛେ। ଭବିଷ୍ୟତ ପିଢିଙ୍କ ବିଷୟରେ ଚିନ୍ତା ନକରି ମନଇଚ୍ଛା ପ୍ରକୃତିମାଆର ଅନେକ ସାଧନର ଆମ୍ଭେମାନେ ଦୁରୁପଯୋଗ କରିବା ସଙ୍ଗେସଙ୍ଗେ ସେହି ଗନ୍ତାଘର ଦ୍ୱାର ଗୁଡିକୁ ପ୍ରଦୁଷଣ କରୁଛେ। ସେଥିପାଇଁ ବେଳେବେଳେ ପ୍ରକୃତିର ତାଣ୍ଡବ ଆମକୁ ସହ୍ୟ କରିବାକୁ ହେଉଛି। ଅଦିନରେ ଲଘୁଚାପ ବର୍ଷା, ଅତିଶୟ ଉତ୍ତାପ, ସୁନାମି, ବତ୍ୟା ଓ ମହାବାତ୍ୟା ଆଦି ପ୍ରକୃତିର ପ୍ରକୋପ ମଝିରେମଝିରେ ମଣିଷର ମେରୁଦଣ୍ଡ ଭାଙ୍ଗି ଦେଉଛି। ଉଦାହରଣ ସ୍ୱରୂପ ଆମ ତାଳଚେର ସହରର କୋଇଲା ଖଣିକୁ ନିଆଯାଉ। ସେଠାକାର ଖଣି ଅଧିକାରୀମାନେ କୁହନ୍ତି ଯେଉଁଠାରୁ କୋଇଲା ଖୋଳାଯାଉଛି ସାଙ୍ଗେସାଙ୍ଗେ ଆମେ ବାଲି ଭର୍ତ୍ତି କରି ପୋତି ଦେଉଛୁ। ଏହି କଥାର ଯଥାର୍ଥତା କେତେ! ଯଦି ପ୍ରତ୍ୟେହ ଆମେ ଦୁଇ ତିନୋଟି ଚାଳିଶ ଚାଳିଶ ଡବାବାଲା ରେଳଗାଡି ଦ୍ୱାରା କୋଇଲା ତାଳଚେର ସହର ବାହାରକୁ ବୋହି ନେଉଛେ ତେବେ ସେହିମାତ୍ରାର ବାଲି ସେଠିକି ଆସିବା ବି ଦରକାର! କିନ୍ତୁ କାହିଁ ଏମିତି ବାଲି ବୋଝେଇ ରେଳଗାଡି ତ କେବେ କାହାର ଦୃଷ୍ଟି ଗୋଚର ହୋଇନି। ବ୍ରାହ୍ମଣୀନଦୀ ପଠାରୁ ଦୁଇ ଚାରୋଟି ଟ୍ରାକ୍ଟରରେ ବାଲି ବୋହି ଲୋକମାନଙ୍କୁ ସାନ୍ତ୍ୱନା ଦେଇ କହୁଛନ୍ତି ତାଳଚେର ସମ୍ପୂର୍ଣ୍ଣ ସୁରକ୍ଷିତ। ଆପଣ ଜମା ବ୍ୟସ୍ତ ହୁଅନ୍ତୁ ନାହିଁ, କାହାରି ପାଇଁ ଭବିଷ୍ୟତରେ କିଛି ଅସୁବିଧା ହେବନି।

ଯାହାହେଉ ଜାନୁୟାରୀ ମାସରେ ଆମ ଦେଶର ରାଜଧାନୀ ଦିଲ୍ଲୀର ଲୋକମାନେ ନିଶ୍ୱାସରେ ଅମ୍ଳଜାନ ନେବାକୁ ବଜାରରେ ବିକ୍ରି କରାଯାଉଥିବା ଅମ୍ଳଜାନ ଦୋକାନକୁ ଦୌଡୁଥିଲେ। ମୁଖ୍ୟମନ୍ତ୍ରୀ କେଜରିୱାଲ୍‌ଙ୍କୁ କ'ଣ ନାହିଁ କ'ଣ ସବୁ ଗାଳିମନ୍ଦ ଶୁଣିବାକୁ ପଡୁଥିଲା। ଶେଷରେ ଅଡ୍ଇଭିନ୍ ନମ୍ବର ଥିବା ଗାଡି ଦିନେଛଡା ଦିନେ ଚଳାଚଳ କରିବାର ଅନୁମତି ସାହାରାରେ କିଛି ରାହତ ଦେଲା ବେଳକୁ ଆସିଗଲା ମହାମାରୀ କରୋନା। ମହାମାରୀ କରୋନା, ଯାହାକୁ କୋଭିଡ-୧୯ ଭାଇରସ୍ ବୋଲି କହୁଛନ୍ତି, ଏହିପରି ଏକା ଭୂତାଣୁ ପୂର୍ବରୁ ଆଗରୁ ଦୁଇଥର ପୃଥିବୀକୁ ଆସି ସାରିଛି। କିନ୍ତୁ ଏପରି ସାରା ବିଶ୍ୱକୁ ନିଜ ଆୟତ୍ତକୁ ନେଇ ଦଶଲକ୍ଷ ଲୋକଙ୍କୁ କେବେ ବି କୌଣସି ଭୂତାଣୁ ମାରିନଥିଲା। ପ୍ରଥମେ ସାରସ୍ (SARS-Severe Acute Respiratory Syndrome) ୨୦୦୩ରେ ମହାମାରି ରୂପରେ ଆସିଥିଲା ଏବଂ ପରେ ଏମ୍‌ଇଆର୍‌ଏସ୍ (MERSCoV-Middle East Respiratory Syndrome Corona Virus ) ନାଁ'ରେ ୨୦୧୨ରେ ଆଉଥରେ ଏପରି ଏକ ଭୂତାଣୁ ଆସିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ଗତ ୨୦୧୯ ଡିସେମ୍ବର ୩୧ତାରିଖରେ ଚାଇନା ୟୁହାନ ସହରରେ ଏହି ଆଜିର କରୋନା କେସ୍ ପ୍ରଥମଥର ପାଇଁ ଦେଖା ଯାଇଥିଲା। ପ୍ରାୟ ମାସମାସ ଧରି ଏହାର ପ୍ରକୃତ ଲକ୍ଷଣ ବିଷୟରେ ସଠିକ ଭାବରେ କେହି କିଛି କହି ପାରିଲେନି। ଏହାର ନାମ କରଣ - କୋଭିଡ୍ ଭାଇରସ୍ ଡିଜିଜ୍ ୨୦୧୯ କୁ ସଂକ୍ଷେପରେ କୋଭିଡ-୧୯ ବୋଲି ରଖାଯାଇ ଅନୁସନ୍ଧାନ କାର୍ଯ୍ୟକ୍ରମ ଆରମ୍ଭ ହେଲା। ଚାହୁଁଚାହୁଁ କେଇଟା ଦିନରେ ସମଗ୍ର ବିଶ୍ୱରେ ଏହି ଭାଇରସ୍ ନିଜର ଉପସ୍ଥିତି ଜାହିର କରି ଶହଶହ ଲୋକଙ୍କୁ ମାରି ବିଶ୍ୱବାସୀଙ୍କ ମନରେ କୋକୁଆ ଭୟ ସୃଷ୍ଟି କଲା। ଏବେ ବି ସେହି କ୍ରମ ଉଣା ଅଧିକେ ଜାରି ରହିଛି। ଆଜି ପର୍ଯ୍ୟନ୍ତ, ଅର୍ଥାତ୍ ୨୦୨୦ ଅକ୍ଟୋବର ମାସ ୧୨ତାରିଖ ସୁଦ୍ଧା ସାରା ବିଶ୍ୱର କରୋନା ଆକ୍ରାନ୍ତ ଓ ମୃତର ସରକାରୀ ଆକଳନ ହିସାବରେ ୩୭,୭୫୬,୫୫୮ ଜଣ ଆକ୍ରାନ୍ତ ଥିବା ବେଳେ ୧,୦୮୧,୫୨୮ଜଣ ମୃତ୍ୟୁ ବରଣ କରିସାରିଲେଣି। ଆଜିଦିନରେ ଆମ ଭାରତରେ ଆକ୍ରାନ୍ତଙ୍କ ସଂଖ୍ୟା ୭,୧୨୦,୫୩୮ ଏବଂ ମୃତକଙ୍କ ସଂଖ୍ୟା ୧,୦୯,୧୮୪। ଏସବୁ ସରକାରୀ ତଥ୍ୟ, କେତେ ପରିମାଣରେ ବିଶ୍ୱାସ ଯୋଗ୍ୟ ଆପଣମାନେ ସମସ୍ତେ ଜାଣନ୍ତି। ପ୍ରକୃତରେ କହିବାକୁ ଗଲେ ଏପର୍ଯ୍ୟନ୍ତ ବିଶ୍ୱରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦କୋଟି ପାଖାପାଖି ହେବ ଏବଂ ମୃତକଙ୍କ ସଂଖ୍ୟା ୫କୋଟି ଉପରେ ଅନୁମାନ କରାଯାଇପାରେ। ଆମର ପରୀକ୍ଷା କରିବାକୁ ସୀମିତ ସମ୍ବଳ ଭିତରେ ଯାହା ପାରିଲେ ସେହି ତଥ୍ୟ ଉପସ୍ଥାପନା କରି କାମଚଳା ସରକାରୀ ପାଳି ତୁଲେବାକୁ ପଡୁଛି। ଆମ ଓଡିଶାରେ ଗତ କିଛି ଦିନ ହେବ ମୃତ୍ୟୁ ସଂଖ୍ୟା ବଢୁଛି, ହେଲେ ଏବେ ନୂଆ ନିୟମାନୁସାରେ ମୃତ ବ୍ୟକ୍ତିର ପରୀକ୍ଷା କରାଯାଉନି। ତେଣୁ ଅନେକ ମୃତ୍ୟୁର କାରଣ କରୋନା ହେଲେ ବି ହୃଦଘାତ କି କିଡ୍‌ନୀ ନାଁ ରେ ରିପୋର୍ଟ ବାହାରୁଛି। ଏହି କରୋନା ପାଇଁ ନିୟମ ବି ପ୍ରତି ସପ୍ତାହରେ ବଦଳୁଛି। ଗଣମାଧ୍ୟମରୁ ଜଣା ପଡୁଛି କେବଳ ଅପରାଜିତା ଷଡଙ୍ଗୀ, ଏକମାତ୍ର ନେତା ଯିଏ କୋଭିଡ୍ ନିୟମ ମାନୁନାହାନ୍ତି। ବାକି ସବୁ ନେତାମାନେ କ୍ଷୀରଗାଧୁଆ ଧଳା ହାତୀର ଛୁଆଗୁଡା, କେହି କେବେ କୌଣସି ନିୟମ ଉଲ୍ଲଙ୍ଘନ କରୁନାହାନ୍ତି। ପଣ୍ଡିତ ପୁଅ ମାଙ୍କଡ ମାଇଲେ ନିର୍ଦ୍ଦୋଷ ନୀତି କ'ଣ ଏ ଯୁଗରେ ବି ଚାଲିବ! ଜନସାଧାରଣ ଜାଣିପାରିଲା ଭଳି ଅନ୍ୟାୟ କାମଗୁଡାକୁ ନ୍ୟାୟ କହିଲେ ଭଲ ନୁହେଁ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ କୋଭିଡ-୧୯କୁ ୨୦୨୦ମସିହା ମାର୍ଚ୍ଚ ୧୧ତାରିଖରେ ମାହାମାରି ଭୂତାଣୁ ହିସାବରେ ଘୋଷଣା କଲେ। ସେତେବେଳକୁ ଏହା ୧୧୪ଦେଶକୁ ବ୍ୟାପି ସାରିଥିଲା ଏବଂ ୧,୧୮,୦୦୦ଲୋକ ଆକ୍ରାନ୍ତ ହୋଇ ସାରିଥିଲେ। ମୃତ୍ୟୁ ସଂଖ୍ୟାର ଆକଳନ ୪୨୯୧ଥିଲେ ମଧ୍ୟ ଏ'ସଂଖ୍ୟା ଅଜାଣତରେ ବହୁଗୁଣରେ ଅଧିକ ଥାଇପାରେ ବୋଲି ବିଶ୍ୱାସ କରାଯାଏ। ଏମିତି ଏହି ଭାଇରସ୍ ବିଷୟରେ ହୋ'ହଲ୍ଲା ହେଲା ପରେ ଜଣାଗଲା ଚାଇନା ୟୁହାନ ସହରରୁ କେରଳ ଥ୍ରୀସୁର ଆସିଥିବା ଏକ ଛାତ୍ରଠାରେ ଜାନୁୟାରୀ ୩୦ତାରିଖରେ ପ୍ରଥମ ଥର ପାଇଁ ଏହା ଭରତରେ ଦେଖା ଦେଇଥିଲା। ତା'ପରେ ସେହି ୟୁହାନରୁ ଆଉକିଛି ଛାତ୍ର ସିଧା ଚାଇନାରୁ ଏହି ଭୁତାଣୁକୁ ଭାରତ ଆଣିଲେ। ତାପରେ ମୌଲ୍ଲା ଲୋକମାନେ ପରିବ୍ରାଜକ ସାଜି ଦେଶ ସାରା ଏହି ଭୁତାଣୁକୁ ପହଁଚେଇଲେ। ପରେପରେ କେତେ ଜଣ ବିଦେଶଗ୍ରସ୍ତରୁ ଭାରତକୁ ଉଡାଜାହାଜ ଯୋଗେ ପ୍ରତ୍ୟାବର୍ତ୍ତନ ସମୟରେ ସାଥିରେ ଏହି ଭୂତାଣୁର ବାହକ ହେଲେ। ଭାରତ ବଡବଡ ସମୃଦ୍ଧଶାଳୀ ଦେଶଗୁଡିକର ସଙ୍କଟାପର୍ଣ୍ଣ ଅବସ୍ଥାକୁ ଦେଖି ଆଶଙ୍କା ପ୍ରକଟ କଲା। ଆମଦେଶରେ ସୀମିତ ସାଧନ ଭିତରେ ଏହି ଭୂତାଣୁକୁ ରୋକିବା ଅସମ୍ଭବ ପରି ଜଣାଗଲା। ଆମେରିକା, ଇଟାଲୀ, ଜର୍ମାନ ଓ ସ୍ପେନ୍ ଭଳି ଦେଶରେ ପ୍ରତି ହଜାର ନାଗରିକ ପିଛା ଚାରିଟି ଶଯ୍ୟାରୁ ଅଧିକ ଥିବାବେଳେ ଆମ ଭାରତରେ ହଜାର ଜଣ ରୋଗୀଙ୍କ ପ୍ରତି ମାତ୍ର ଗୋଟିଏ ଶଯ୍ୟା ଉପଲବ୍ଧ। ସେହି ସବୁ ଦେଶରେ ଏତେ ପରିମାଣରେ ସାଧନ ଥାଇ ବି ହଜାରହଜାର ସଂଖ୍ୟାରେ ପ୍ରତ୍ୟେହ ମୃତ୍ୟୁ ବରଣ କରିବା ଦେଖି ଆମ ଦେଶର ନେତା ଲୋକ ପ୍ରଥମେ ବହୁତ ଛାନିଆଁ ହେଲେ। କିନ୍ତୁ ଭାରତରେ ଅକ୍ରାନ୍ତଙ୍କ ଭିତରୁ ସୁସ୍ଥ ହେବା ସଂଖ୍ୟା ୪୧.୩୯ ପ୍ରତିଶତ ଥିବା ବେଳେ ତାହା ଇଟାଲୀରେ ୧୬.୯୧ ପ୍ରତିଶତ ଏବଂ ଯୁକ୍ତରାଷ୍ଟ୍ର ଆମେରିକାରେ ମାତ୍ର ୩.୧୭ ପ୍ରତିଶତ ରହିଛି। ଦୁର୍ଭାଗ୍ୟବଶତଃ ଏ'ପର୍ଯ୍ୟନ୍ତ କୌଣସି ବୈଜ୍ଞାନିକ କୋଭିଡ-୧୯ର ପ୍ରତିଶେଧକ ଟୀକା ଉଦ୍ଭାବନ କରିବା ଦିଗରେ ସମ୍ପୂର୍ଣ୍ଣ ରୂପେ ସଫଳତା ହାସଲ କରିପାରିନାହାନ୍ତି। ଏବେ ବି ହଜାରହଜାର ଲୋକ କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ତ୍ୟାଗ କରୁଛନ୍ତି ଏବଂ କିଛିଲୋକ ସୁସ୍ଥ ହେବାର କିଛିଦିନ ପରେ ଫୁସ୍‌ଫୁସ୍ ଏବଂ ହୃଦରୋଗରେ ପିଡିତ ହୋଇ ମୃତ୍ୟୁ ହେବା ଉଦାହରଣ ଏବେ ସମ୍ନାକୁ ଆସୁଛି।

ବିଗତ ଦୁଇଦଶନ୍ଧିରେ ଭାରତ କଳକାରଖାନା ଦିଗରେ ବିଶେଷ ଭାବରେ ଉନ୍ନତି କରିବାକୁ ଯାଇ ନିଜର ବାୟୁ ମଣ୍ଡଳକୁ ଅତ୍ୟଧିକ ଦୂଷିତ କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୨୦୧୮ ମସିହା ମଇ ମାସ ୨ତାରିଖରେ କହିଥିଲେ ଯେ ବିଶ୍ୱରେ ପଦୁଷିତ ବାୟୁ ନିଶ୍ୱାସରେ ଗ୍ରହଣ କରିବା ଯୋଗୁଁ ପ୍ରତିବର୍ଷ ୭୦ଲକ୍ଷ ଲୋକଙ୍କ ପ୍ରାଣହାନୀ ଘଟୁଛି। ଭାରତର ପରିବେଶ ନିୟନ୍ତ୍ରଣ ବିଭାଗ ଘୋଷଣା କଲେ ଯେ ଦେଶର ସମୁଦାୟ ମୃତ୍ୟୁସଂଖ୍ୟାର ୧୨.୫ ପ୍ରତିଶତ ମୃତ୍ୟୁ କେବଳ ବାୟୁ ପ୍ରଦୁଷଣ ଜନିତ ରୋଗରୁ ଆମଦେଶରେ ପ୍ରତିବର୍ଷ ହେଉଛି। ଭାରତର ପରିବେଶ ଦିନୁଦିନ ବହୁତ ଖରାପ ହେବାକୁ ଯାଉଛି ଏବଂ ନିକଟ ଭବିଷ୍ୟତରେ ଏହାର ଭୟାବହ ପରିଣାମ ଭୋଗିବାକୁ ଦେଶ ପ୍ରସ୍ତୁତ ରହୁ। ଏହି ସମସ୍ତ ବିଷୟକୁ ଆଖି ଆଗରେ ରଖି ଆମର ମାନନୀୟ ପ୍ରଧାନମନ୍ତ୍ରୀ ମାର୍ଚ୍ଚ ୨୪ରୁ ୨୧ଦିନ ପର୍ଯ୍ୟନ୍ତ ବହୁତ ତରବରିଆ ଭାବରେ ନିଜେ ସିଧା ପ୍ରସାରଣ ମାଧ୍ୟମରେ ନ୍ତଜାନ୍ ହେଁ ତୋ ଜହାନ ହେଁନ୍ତ କହିକି ସମ୍ପୂର୍ଣ୍ଣ ତାଲାବନ୍ଦି ଘୋଷଣା କରିଦେଲେ। ତା'ପରେ ସ୍ଥିତିରେ ପରିବର୍ତ୍ତନ ନଦେଖି ଏହା ଅପ୍ରେଲ ୧୪, ଅର୍ଥାତ୍ ୧୯ଦିନ ପର୍ଯ୍ୟନ୍ତ ବଢିଲା। ପରେ ପୁଣି ମଇ ୧୭ତାରିଖ, ମାନେ ଆଉରି ୧୪ଦିନ ପାଇଁ ବଢେଇଲେ। ଏହିସବୁ ଦିନମାନଙ୍କରେ ଦେଶବାସୀଙ୍କ ଚଳପ୍ରଚଳ ଉପରେ ବହୁତ କଷ୍ଟ କଟକଣା ଲାଗିଲା। ସବୁ ଗାଡିଘୋଡା ବନ୍ଦ, କଳ କାରଖାନା ବନ୍ଦ, ବସ ଓ ରେଳ ଚଳାଚଳ ବି ବନ୍ଦ। ଆଗରୁ ଏପରି କୌଣସି ଦେଶରେ କେବେ ବି ହୋଇ ନଥିଲା। ଭାରତରେ ଅଧିକନ୍ତୁ ସଭା ସମିତି, ବିବାହ ବ୍ରତ ଆଦି ସାମାଜିକ କାର୍ଯ୍ୟକ୍ରମରେ ମଧ୍ୟ କଠିନ କଟକଣା ଲାଗିଗଲା। ଯେଉଁଠାରେ ଏଥିରେ ବ୍ୟତିକ୍ରମ ଦେଖାଗଲା, ସରକାରୀ ଅଧିକାରୀମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆଖିଦୃଷ୍ଟିଆ ଆର୍ଥିକ ଦଣ୍ଡବିଧାନ କଲେ। ଏଥିପାଇଁ ପ୍ରକୃତି ମାଆ ଶାନ୍ତ ହେବାକୁ ଭରପୁର ସମୟ ପାଇଲା, ଧୂଳିକଣା ସ୍ତର ଧିରେଧିରେ ତଳକୁ ଖସିଲା, ବାୟୁ ପ୍ରଦୁଷଣ ଆପେଆପେ ଉଭେଇବାକୁ ଲାଗିଲା।

ଏବେ ଆମ ପରିବେଶ ଅପେକ୍ଷାକୃତ ଭାବରେ ବହୁତ ଉନ୍ନତ ଅବସ୍ଥାରେ ଅଛି। ତାଲାବନ୍ଦିର ୧୮ଦିନ ଭିତରେ ଏହା ସ୍ୱୀକାର୍ଯ୍ୟ ମୂଲ୍ୟସୂଚୀ ସୀମା ଭିତରକୁ ଆପେଆପେ ଆସି ଯାଇଥିଲା। ଆମଦେଶର ରାଜଧାନୀ ଦିଲ୍ଲୀର ଅବସ୍ଥା ସବୁଠାରୁ ଦୟନୀୟ ଥିଲା। ପ୍ରକୃତରେ ବିଶ୍ୱର ସବୁଠାରୁ ଅଧିକ ୨୦ଟି ପ୍ରଦୁଷିତ ସହରରୁ ଭାରତରେ ୧୪ଟି ଏବଂ ଭାରତର ସବୁଠାରୁ ୧୪ଟି ଅତ୍ୟଧିକ ପ୍ରଦୁଷିତ ସହରମାନଙ୍କ ଭିତରେ ଦିଲ୍ଲୀ ପାଖରେ ଥିବା ଉତ୍ତରପ୍ରଦେଶର ଗାଜିୟାବାଦ୍ ହେଲା ପ୍ରଥମ। ଏଠାରେ ୨୦୧୯ ଶେଷ ସୁଦ୍ଧା ଧୂଳିକଣା ୧୧୦.୨ ଥିଲା ଯାହାର ସ୍ୱୀକାର୍ଯ୍ୟ ସୀମା ହେଲା ୬୦.୦। ସମ୍ପୂର୍ଣ୍ଣ ତାଲାବନ୍ଦିର ମାତ୍ର ୨୦ଦିନ ଭିତରେ ଏହା ୬୯.୫କୁ ଖସି ଆସିଥିଲା। ଏହି ମହାମାରୀ ଆମଗହଣରୁ ଅନେକ ମୂଲ୍ୟବାନ ଜୀବନକୁ ଆମଠାରୁ ଛଡେଇ ନେଲା ସତ କିନ୍ତୁ ପ୍ରତିବଦଳରେ ଯେଉଁ ସ୍ୱଚ୍ଛ ପରିବେଶ ଆଜି ଦେଇଛି ତା'କୁ ସବୁଦିନ ପାଇଁ ବଂଚେଇ ରଖିବା ଆମର କର୍ତ୍ତବ୍ୟ। ଏବେ ଯେ ପର୍ଯ୍ୟନ୍ତ କରୋନା ଭୂତାଣୁର ପ୍ରତିଶେଧକ ଟୀକା ନ ବାହାରିଛି ସେ ପର୍ଯ୍ୟନ୍ତ ଆମକୁ ସାମାଜିକ ଦୂରତା, ମୁହଁରେ ମାସ୍କ ପିନ୍ଧି ଏବଂ ବାରମ୍ବାର ହାତଧୋଇ ସତର୍କ ରହିବାକୁ ହେବ। ତା'ସହିତ ଏହି ତାଲାବନ୍ଦି ସମସୟରେ ଆମେ ମାନେ ବହୁ ହଇରାଣ ହରକତ ହୋଇ ନିଜେନିଜେ ନିଜଘରେ ବନ୍ଦୀର ଜୀବନ ଯାପନ କରିବା ଦ୍ୱାରା ଯେଉଁ ପରିବେଶ ସୃଷ୍ଟି ହୋଇଛି, ତା'ର ରକ୍ଷଣାବେକ୍ଷଣା ଦିଗରେ ମାନସ ମନ୍ଥନ କରିବା ଅନିବାର୍ଯ୍ୟ ଏବଂ ପ୍ରକୃତିମାତାର ଏହି ସ୍ୱଚ୍ଛାତାକୁ ବଜାୟ ରଖି ଏହାର ସମ୍ପୂର୍ଣ୍ଣ ସଂରକ୍ଷଣ ଦାୟିତ୍ୱ ନିଜ ହାତକୁ ନେବା ଆମ ସମସ୍ତ ଜାଗରୁକ ନାଗରିକଙ୍କର ଏକାନ୍ତ କର୍ତ୍ତବ୍ୟ।


ବି.ଟେକ୍. ସିଭିଲ୍,
ଏମ୍.ଟେକ୍.(ପରିବେଶ),
ଏଲ୍ଏଲ୍‌ବି
ଏଲ୍-୧୭/୧୫, ପଂଚଶଖା ନଗର, ଢୁମୁଢୁମା,
ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ / ୭୯୭୮୦୧୯୦୮୧,


## ଖଜୁରାହୋ



ମଧ୍ୟ ପ୍ରଦେଶର ଛତରପୁର ଜିଲ୍ଲାରେ ଥିବା ଖଜୁରାହୋ ସ୍ମାରକ ସମୂହକୁ ୧୯୮୬ରେ ବିଶ୍ୱ ଐତିହ୍ୟର ମାନ୍ୟତା ମିଳିଥିଲା । ଚଂଦେଲ ରାଜବଂଶ ଶାସନ କାଳରେ ୯୫୦-୧୦୫୦ ଏଡି ମଧ୍ୟରେ ମୋଟି ପଞ୍ଚାଅଶୀଟି ମନ୍ଦିର ନିର୍ମିତ ହୋଇଥିଲା । ଏବେ ମାତ୍ର ପଚିଶଟି ତିଷ୍ଠିରହିଛି । ତନ୍ମଧ୍ୟରୁ 'ବରାହ ମନ୍ଦିର', 'କନ୍ଦାରିୟା ମହାଦେବ ମନ୍ଦିର', 'ଲକ୍ଷ୍ମଣ ମନ୍ଦିର', 'ବିଶ୍ୱନାଥ ମନ୍ଦିର', 'ବ୍ରହ୍ମ ମନ୍ଦିର', 'ପାଶ୍ୱନାଥ ମନ୍ଦିର', 'ଘଂଟାଇ ମନ୍ଦିର', 'ମାତଙ୍ଗେଶ୍ୱର ମନ୍ଦିର', 'ଚିତ୍ରଗୁପ୍ତ ମନ୍ଦିର' ଆଦି ଭଲ ଅବସ୍ଥାରେ ଅଛି । ବରାହ ମନ୍ଦିରରେ ବିଷ୍ଣୁଙ୍କ ବରାହ ଅବତାର ନୁହେଁ, ଦେଖିବାକୁ ମିଳେ ଏକ ବିଶାଳ ବରାହ ପ୍ରତିମା । ମନ୍ଦିର ଚଂଦେଲ ରାଜତ୍ୱ କାଳରେ ୯୦୦-୯୨୫ ଏଡି ମଧ୍ୟରେ ନିର୍ମିତ ହୋଇଥିଲା । ବାଲୁକାପ୍ରସ୍ତର ତିଆରି ବରାହ ପ୍ରତିମାର ଉଚ୍ଚତା ୧.୭ ମିଟର ଏବଂ ଲମ୍ବ ୨.୬ ମିଟର । ମନ୍ଦିରର ସ୍ତମ୍ଭ ସଂଖ୍ୟା ଚଉଦ । ଏକ ଉଚ୍ଚ ବେଦି ଉପରେ ମନ୍ଦିର ନିର୍ମିତ । ଶିଖର ପିରାମିଡ୍ ଆକୃତିର । ମନ୍ଦିରର କାନ୍ଥ ନାହିଁ; ଚାରି ପଟ ଖୋଲା । ବରାହ ପ୍ରତିମା କାରୁକାର୍ଯ୍ୟ ପୂର୍ଣ୍ଣ । ପ୍ରତିମା ଦେହରେ ବହୁ ଦେବା-ଦେବୀ ଖୋଦିତ । ସରସ୍ୱତୀ ମାତାଙ୍କ ଖୋଦିତ ରୂପ ସ୍ପଷ୍ଟ ବାରିହୁଏ ।

## ଆଣ୍ଠୁ ଯନ୍ତ୍ରଣାର ଉପଚାର



**ହଳଦୀ** : ଏକ ଛୋଟ ଚାମଚ ହଳଦୀ ପାଉଡର, ଏକ ଚାମଚ ଚିନି ପାଉଡର, ଏକ ଚୁଟ୍‌କି ଚୂନ, ମହୁ ଓ ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଶୋଇବା ପୂର୍ବରୁ ଆଣ୍ଠୁରେ ଲଗାଇ ତା ଉପରେ କ୍ରେପ ବ୍ୟାଣ୍ଡେଜ ବା ପୁରୁଣା କପଡା ବାନ୍ଧି ଦିଅନ୍ତୁ । ରାତିସାରା ରହିବାକୁ ଦିଅନ୍ତୁ ଓ ସକାଳୁ ଧୋଇ ଦିଅନ୍ତୁ । ଦୁଇ ସପ୍ତାହ ପର୍ଯ୍ୟନ୍ତ ଏହିପରି କରିଲେ ଆଣ୍ଠୁ ଯନ୍ତ୍ରଣାରୁ ମୁକ୍ତ ମିଳିବ ।

**ଶୁଣ୍ଠି**

ଗୋଟେ ଛୋଟ ଚାମଚ ଶୁଣ୍ଠି ପାଉଡର ଓ ଅଳ୍ପ ଖସା ତେଲ ମିଶାଇ ଗାଢ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ଯେ କୌଣସି ସମୟରେ ଆଣ୍ଠୁରେ ଲଗାଇ ପାରିବେ । ଲାଗେଇବାର ୪-୬ ଘଣ୍ଟା ପର୍ଯ୍ୟନ୍ତ ଏହାର ପ୍ରୟୋଗ କରନ୍ତୁ ।

**ଖଜୁରି**

ଶୀତ ଦିନରେ ୭-୮ଟି ଖଜୁରି ପ୍ରତ୍ୟେକ ଦିନ ଖାଇଲେ ଲାଭ ମିଳିଥାଏ । ଖଜୁରିକୁ ରାତିରେ ଭିଜାଇ ଦିଅନ୍ତୁ । ସକାଳୁ ଖାଲି ପେଟରେ ଏହାକୁ ଖାଆନ୍ତୁ ଓ ଯେଉଁ ପାଣିରେ ଏହାକୁ ଭିଜାଯାଇଥିଲା ସେ ପାଣି ପିଅନ୍ତୁ । ସେ ପାଣି ପିଇଲେ ଆଣ୍ଠୁ ଓ ଅନ୍ୟ ଜଏଣ୍ଟ ସ୍ଥାନ ମଜଭୂତ ହେବ ।

**ଆକ୍ୟୁପ୍ରେସର**

ପାଦର ଆଙ୍ଗୁଳିକୁ ୧୦ ମିନିଟ୍ ପର୍ଯ୍ୟନ୍ତ ମାଲିସ କରିଲେ ଲାଭ ମିଳିବ । ପାପୁଲି ଓ ପାଦ ତଳେ ରୋଲର କରନ୍ତୁ ।

## ମହିଳାଙ୍କ କଟିବାତ ବା ଅଣ୍ଟାଧରା ରୋଗ



ଆମ ଘରେ କାମଦାମରେ ସାହାଯ୍ୟ କରୁଥିବା ଚମ୍ପାବତୀ କେଜାଣି କାହିଁକି ଆମକୁ ନଜଣାଇ ଦୁଇଚାରି ଦିନ ଆସିଲା ନାହିଁ । ଘରେ ତା' ସହ ମୁଁ କିଛି ସମୟ କାଟିଥାଏ । ଦୀର୍ଘଦିନ ଧରି ତାକୁ ନଦେଖିବାରୁ ଖବର ନେବାରୁ ଜାଣିଲି ଯେ, ତାର ଅଣ୍ଟାଧରା ସମସ୍ୟା ଜଟିଳ ହୋଇଯାଇଛି । ସପ୍ତାହ ପରେ ସେ ଆସି ତାର ଯନ୍ତ୍ରଣା ସବୁ ମୋତେ ଗପି ଚାଲିଲା । ମୁଁ ତାକୁ କହିଲି 'ମୁଁ ଜଣେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ହେଲେ ମଧ ଏ ସମ୍ବନ୍ଧରେ ସବିଶେଷ ଜାଣିଛି, ତୁମେ ମୋତେ ପୂର୍ବରୁ କ'ଣ ପାଇଁ ଜଣାଇ ନଥିଲ ?' ଦେହର ଜଙ୍ଘ ଓ ଗୋଡର ପଛପଟେ ଥିବା ସାୟାଟିକ୍ ସ୍ନାୟୁ ଦୁର୍ବଳ ହୋଇ ବିନ୍ଧା ହେଲେ, କଟିବାତ ବା ଅଣ୍ଟାଧରା ରୋଗ ଆରମ୍ଭ ହୋଇଥାଏ । କଟିଦେଶରେ ଯନ୍ତ୍ରଣା ହେବା ଦ୍ୱାରା ଅଣ୍ଟାଧରା, କଟିଶୂଳ ଏବଂ କଟିବାତ ରୋଗ ସୃଷ୍ଟି ହୋଇଥାଏ । ସାଧାରଣତଃ ଏହାକୁ ଅଣ୍ଟାରେ ରକ୍ସା ପଶିବା ଏବଂ ବାୟୁ ଅଟକିବା ବୋଲି କୁହାଯାଏ । ଶାରୀରିକ ପରିଶ୍ରମ କରୁଥିବା, ଗ୍ରାମାଞ୍ଚଳର ମହିଳା ଓ କର୍ମଜୀବୀ ମହିଳାମାନେ ଅଧିକାଂଶ ଏହି ଯନ୍ତ୍ରଣାର ଶିକାର ହୋଇଥାନ୍ତି ।

***କାରଣ:*** ଅଣ୍ଟାଧରା ରୋଗ ହେବାର କୌଣସି ନିର୍ଦ୍ଦିଷ୍ଟ ସମୟ ନଥାଏ । ଓଜନିଆ ଜିନିଷ ଟେକିଲେ, ଶରୀରର ବଳଠାରୁ ଅଧିକ ପରିଶ୍ରମ କରିବା, ବହୁ ସମୟ ଧରି ଅଣ୍ଟାଭଙ୍ଗା ଚୌକିରେ ବସିବା, ଯାନବାହନରେ ଯା'ଆସ କରବା, ଅସସତଳ ରାସ୍ତାରେ ଗାଡି ଚଳାଇବା, କୂଅରୁ ପାଣି କାଢିବା ଇତ୍ୟାଦି ଅଣ୍ଟାଧରା ରୋଗର ମୁଖ୍ୟ କାରଣ । ଏହା ବ୍ୟତୀତ କୋଷ୍ଠକାଠିନ୍ୟ, ମେରୁହାଡରେ ଯକ୍ଷ୍ମାରୋଗ, ମେରୁହାଡର ସ୍ଥାନ ବିଚ୍ୟୁତ୍ ଇତ୍ୟାଦି ଏହି ରୋଗର କାରଣ । ମୋଟା ସ୍ତ୍ରୀ ଲୋକ ଏବଂ ସନ୍ତାନର ଜନନୀ ଏହି ଅଣ୍ଟାବିନ୍ଧା ରୋଗରେ ଅଧିକ ଆକ୍ରାନ୍ତ ହୋଇଥାଆନ୍ତି । ଏହା ଏକ ବାତଜନିତ ବ୍ୟାଧି । ରୋଗ ନିର୍ଣ୍ଣୟ ଏକ୍ସରେ ଦ୍ୱାରା ଏହି ରୋଗ ନିରୂପଣ କରାଯାଇଥାଏ ।

***ଲକ୍ଷଣ:*** ଅଣ୍ଟାବିନ୍ଧା ରୋଗରେ ଯନ୍ତ୍ରଣା ବେଳେବେଳେ ମହିଳାଙ୍କ ପାଇଁ ତୀବ୍ରତର ହୋଇଥାଏ । ଫଳରେ ମହିଳା ଜଣଙ୍କ ଦୈନିନ୍ଦିନ କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରେ ନାହିଁ । ରୋଗୀ ନଇଁ କରି କୌଣସି କାର୍ଯ୍ୟ କରିପାରେ ନାହିଁ । ଏପରିକି ଶୋଇବା, ନିଃଶ୍ୱାସ ମାରିବା, କଥା କହିବା, ହସିବା, କାଶିବା ଇତ୍ୟାଦିରେ ବହୁ କଷ୍ଟ ଅନୁଭବ କରିଥାଏ । ଗୋଡ ଝିମ୍ ଝିମ୍ ଲାଗିବା, ପାଦ ବଧିର ଲାଗିବା ଇତ୍ୟାଦି ଏହାର ଲକ୍ଷଣ । ସାଧାରଣତଃ ମହିଳାମାନେ ଏହି ରୋଗର ଶିକାର ହୋଇଥାନ୍ତି ।

***ଚିକିତ୍ସା:*** ରୋଗୀ ସମ୍ପୂର୍ଣ୍ଣ ବିଶ୍ରାମ ନେବା ସହ ଅଣ୍ଟାରେ ଗରମ ପାଣି ଚିପୁଡି ସେକ ଦେବା ଆବଶ୍ୟକ । ଘର ଓଳାଇବା ଏବଂ ଘର ପୋଛିବା ବେଳେ ସାବଧାନତା ସହ କରିବେ । ଟିକିଏ ଭଲ ଲାଗିଲେ ଫିଜିଓଥେରାପି କରିବେ । ଏଥିସହିତ ପେଟେଇ କରି ଶୋଇ ଗୋଟିଏ ଗୋଡକୁ ସିଧାକରି ଉପରକୁ ଉଠାଇବେ ଏବଂ ଅନ୍ୟ ଗୋଡକୁ ସେହିପରି କରିବେ । ମୁଣ୍ଡ ଓ କାନ୍ଧକୁ ଏକାବେଳକେ ଉପରକୁ ଉଠାଇବେ ଏବଂ ତଳକୁ କରିବେ । ଚିତ୍ ହୋଇ ଶୋଇବ । ଦୁଇ ଗୋଡକୁ ଆଣ୍ଠୁ ପାଖରୁ ଭାଙ୍ଗି ଛାତିରେ ଲଗାଇବ ଏବଂ ସିଧା କରିବେ । ଏପରି ବ୍ୟାୟାମ, ପଟି ବାନ୍ଧିବା ଏବଂ ଔଷଧ ଖାଇବା ଦ୍ୱାରା ଅଣ୍ଟାବ୍ୟଥା ଭଲ ହୋଇଥାଏ । ବେଳେବେଳେ କେତେଜଣଙ୍କର ଅଣ୍ଟାରେ ଅସ୍ତ୍ରୋପଚାର ଦରକାର ହୋଇଥାଏ । ତେବେ ପ୍ରାଥମିକ ଅବସ୍ଥାରେ ମହିଳାମାନେ ଡାକ୍ତରୀ ପରାମର୍ଶ ନେଲେ ଓ ଘରେ କାର୍ଯ୍ୟ କରୁଥିବାବେଳେ ବା କାର୍ଯ୍ୟ ସମୟରେ ଏହି ସତର୍କତା ଅବଲମ୍ବନ କଲେ ସେମାନଙ୍କ ପାଇଁ ଏହା ଯନ୍ତ୍ରଣାଦାୟକ ହୋଇନଥାଏ ।

## ପିପର ମଶ୍ରୁମ





**ବ୍ୟସ୍ତ ଜୀବନରେ ରବିବାରର ଗୁରୁତ୍ୱ ଯଥେଷ୍ଟ ଅଧିକ । ଏହି ଦିନଟିକୁ ଆଉ ଟିକେ ବିଶେଷ କରିବା ଲାଗି କିଛି ପାଟି ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରି ଦେଖନ୍ତୁ ତ !**

**ପ୍ରଣାଳୀ :**

ଛତୁକୁ ଭଲ ଭାବେ ବାଛି ଧୋଇବା ପରେ ସେଥିରୁ ପାଣି ଚିପୁଡି ଦେବେ । ଏବେ ଏକ କଡେଇରେ ତେଲ ନେଇ ଛତୁ ଭାଜନ୍ତୁ । ଭଲଭାବେ ଭାଜି ହୋଇଗଲେ ଏହାକୁ ଅନ୍ୟ ପାତ୍ରକୁ କାଢିଦିଅନ୍ତୁ । ଅନ୍ୟ ଏକ ପ୍ୟାନ୍‌ରେ ତେଲ ନେଇ ଗରମ କରନ୍ତୁ । ତେଲ ତାତିଲେ ସେଥିରେ ପିଆଜ, ରସୁଣକଟା, ଧନିଆପତ୍ର, ଲଙ୍କାଗୁଣ୍ଡ ଓ ହଳଦୀ ଗୁଣ୍ଡ ପକାଇ ୫ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ । ଏବେ ଚାଉଳ ଧୋଇ ପକାଇଦେବେ ଏବଂ ଚାଉଳ ଶିଝିବା ପର୍ଯ୍ୟନ୍ତ ଏହାକୁ ଧିମା ଆଞ୍ଚରେ ବସାନ୍ତୁ । ପାଖାପାଖି ୪୫ ମିନିଟ୍ ରାନ୍ଧିବେ । ଏହା ପରେ ଆଗରୁ ଭଜା ହୋଇଥିବା ଛତୁ ଏବଂ ଅବଶିଷ୍ଟ ସାମଗ୍ରୀସବୁ ମିଶାଇଦେବେ । ଏବେ ଚୁଲି ବନ୍ଦ କରିଦେବେ କିଛି କଟା ଧନିଆପତ୍ର ପକାଇ ୧୦ ମିନିଟ୍ ଢ଼ାଙ୍କୁଣୀ ଘୋଡାଇ ରଖନ୍ତୁ । ପ୍ରସ୍ତୁତ ହୋଇଗଲା ପିପର ମଶ୍ରୁମ୍ । ରୁଟି କିମ୍ବା ନାନ୍ ସହିତ ଗରମ ଗରମ ପରଷିଦେବେ ।

**ଆବଶ୍ୟକ ସାମଗ୍ରୀ:**

ଦେଢ କପ୍ ଧନିଆ ପତ୍ର, ଗୋଟିଏ ବଡ ପିଆଜ (ସରୁସରୁ କଟା ହୋଇଥିବ), ଚାରି-ଛ' ପାଖୁଡା ରସୁଣ କଟା, ୨ ଚାମଚ ଅଲିଭ ତେଲ, ୩ କପ୍ ପାଣି, ୧ କପ୍ ସରୁ ଉଷୁନା ଚାଉଳ, ୨ କପ୍ ଛତୁ, ସ୍ୱାଦ ଅନୁସାରେ ଲୁଣ, ଅଳ୍ପ ଲଙ୍କାଗୁଣ୍ଡ, ହଳଦିଗୁଣ୍ଡ ଏବଂ ଗୋଲମରିଚ ଗୁଣ୍ଡ ।

# ମାର୍ଚ୍ଚ ସୁଦ୍ଧା ସୌରଶକ୍ତି ଆଲୋକରେ ଝଲସିବ କୋଣାର୍କ

## କୋଣାର୍କ ସହର ପାଇଁ କଳାହାଣ୍ଡିରେ ସ୍ଥାପିତ ହେବ ୧୦୦ ମେଗାୱାଟ୍ ସୌରଶକ୍ତି ପ୍ଲାଂଟ

ଭୁବନେଶ୍ୱର,୧୭।୧୦ (ନି.ପ୍ର): ସ୍ଥାପତ୍ୟକଳାର ଶ୍ରେଷ୍ଠ ନିଦର୍ଶନ ବିଶ୍ୱ ପ୍ରସିଦ୍ଧ ଅର୍କକ୍ଷେତ୍ର କୋଣାର୍କ ସୌରଶକ୍ତି ଆଲୋକରେ ଝଲସିବ । ଆଜି ଏହି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଏକ ବୈଠକ ଶକ୍ତି, ଶିଳ୍ପ, ଏମଏସଏମଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଏ ଦିଗରେ ନିଆଯାଇଥିବା ପଦକ୍ଷେପ ଗୁଡ଼ିକର ସମୀକ୍ଷା କରାଯାଇଛି । ୨୦୨୧ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟକ୍ଷମ ହେବାକୁ ଥିବା ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କୋଣାର୍କ ଐତିହ୍ୟ ଓ ବୈଷୟିକ ଜ୍ଞାନର ଏକ ଅନୋଖା ଯୁଗଳବନ୍ଦୀ ଭାବେ ବିଶ୍ୱକୁ ପ୍ରଦର୍ଶିତ କରିପାରିବ ବୋଲି ମନ୍ତ୍ରୀ କ୍ୟାପ୍‌ଟେନ୍ ମିଶ୍ର କହିଛନ୍ତି । ଆଜି ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ସ୍ୱଚ୍ଛ ସବୁଜ ବିଦ୍ୟୁତ ଯୋଗାଣ ବିଷୟ ଆଲୋଚନା କରିବା ଆମ ପାଇଁ ଏକ ପବିତ୍ର ଅବସର ଆଣିଦେଇଛି ବୋଲି ସେ ଉଲ୍ଲେଖ କରିଥିଲେ । ଏହି ପ୍ରୟାସରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେବ ଯେ, କୋଣାର୍କ ପାଇଁ ଆବଶ୍ୟକ ସୌରଶକ୍ତି କଳାହାଣ୍ଡିଠାରେ ଉତ୍ପାଦିତ ହେବ । ଯେହେତୁ ପଶ୍ଚିମ ଓଡ଼ିଶାରେ ମାତ୍ରାଧିକ ସୌରଶକ୍ତି ବିକିରଣ ହୋଇଥାଏ । କଳାହାଣ୍ଡିରେ ଉତ୍ପାଦିତ ବିଦ୍ୟୁତ ଶକ୍ତିକୁ ପୁରୀ ଶ୍ରୀମନ୍ଦିରକୁ ଯୋଗାଇ ଯାଉଥିବା ବେଳେ କୋଣାର୍କ ନିମନ୍ତେ ସୌରଶକ୍ତି ଉତ୍ପାଦନ କରିବା କଳାହାଣ୍ଡି ଜିଲ୍ଲାପାଇଁ ଅନ୍ୟ ଏକ ଗୌରବର ବିଷୟ ବୋଲି ସେ ମତ ଦେଇଥିଲେ । ଓରେଡ଼ା ଦ୍ୱାରା କରାଯାଉଥିବା ଏକ ବହୁ ପ୍ରତୀକ୍ଷିତ ପ୍ରକଳ୍ପ ସୂର୍ଯ୍ୟ ମନ୍ଦିର ସମେତ କୋଣାର୍କ ଅଧିସୂଚିତ କ୍ଷେତ୍ର ପରିଷଦ ସହରାଂଚଳକୁ ମଧ ଏହି ସ୍ୱଚ୍ଛ ଓ ସବୁଜ ଶକ୍ତି ଯୋଗାଇ ଦିଆଯିବ । ସମଗ୍ର କୋଣାର୍କ ଐତିହ୍ୟ ସହରକୁ କାର୍ବନ ମୁକ୍ତ ସହର ଭାବେ ପରିଣତ କରିବା ନିମନ୍ତେ ଏହି ପ୍ରକଳ୍ପ ଅଭିପ୍ରେତ । ଏଥି ସହିତ କୋଣାର୍କବାସୀଙ୍କୁ ଛାତ ଉପର ସୌରଶକ୍ତି ବ୍ୟବସ୍ଥା, ସୋଲାର ପାଣିପମ୍ପ, ସୋଲାର ପାଣିଗରମ, ଇ-ବାଇକ, ଇ-କାର ଇତ୍ୟାଦି ପାଇଁ ପ୍ରବର୍ତ୍ତା ଯିବାକୁ ପଦକ୍ଷେପ ନିଆଯାଉଛି । ଯେହେତୁ କୋଣାର୍କଠାରେ ବ୍ୟାଟେରୀ ଚାର୍ଜ ଷ୍ଟେସନ୍ ପ୍ରତିଷ୍ଠା କରାଯିବ ତେଣୁ ଆଗାମୀ ଦିନ୍‌ରେ ଲୋକମାନଙ୍କ ଇ-ଭେହିକିଲ୍ ଖରିଦ୍ କରିବା ଏପରିକି ସରକାରୀ ଯାନ ଗୁଡ଼ିକୁ ମଧ ଇ-ଭେହିକିଲ୍ କରିବାକୁ ପଦକ୍ଷେପ ନିଆଯିବ । କୋଣାର୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ଏବଂ ଏହାକୁ ବିଶ୍ୱର ଏକ ଆଦର୍ଶ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବାକୁ ଇ-ବାଇକ୍, ଇ-କାର ଇତ୍ୟାଦି ପାଇଁ ପ୍ରବର୍ତ୍ତା ଯିବାକୁ ପଦକ୍ଷେପ ନିଆଯାଉଛି । ଯେହେତୁ କୋଣାର୍କଠାରେ ବ୍ୟାଟେରୀ ଚାର୍ଜ ଷ୍ଟେସନ, ପ୍ରତିଷ୍ଠା କରାଯିବ ତେଣୁ ଆଗାମୀ ଦିନରେ ଲୋକମାନଙ୍କ ଇ-ଭେହିକିଲ୍ ଖରିଦ୍ କରିବା ଏପରିକି ସରକାରୀ ଯାନଗୁଡ଼ିକୁ ମଧ ଇ-ଭେହିକିଲ୍ କରିବାକୁ ପଦକ୍ଷେପ ନିଆଯିବ । କୋଣାର୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ଏବଂ ଏହାକୁ ବିଶ୍ୱର ଏକ ଆଦର୍ଶ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବାକୁ ହେଲେ ସୌରଶକ୍ତି ବ୍ୟତୀତ ସବୁଜୀକରଣ, ପ୍ରଭାବୀ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ସେ ସୂଚିତ କରିଥିଲେ । କୋଣାର୍କକୁ ବିଶ୍ୱସ୍ତରୀୟ ସହର ଭାବେ ଗଢ଼ି ତୋଳିବା ନିମନ୍ତେ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହେବା ସହିତ ବର୍ଜ୍ୟରୁ ସଂପଦ ପ୍ରକଳ୍ପ କାର୍ଯ୍ୟକାରୀ ଚାଲୁଥିବା ପୁରୀ ଜିଲ୍ଲାପାଳ ବଲଓ୍ୱନ୍ତ ସିଂ ପ୍ରକାଶ କରିଥିଲେ । ଏଥି ସହିତ ପ୍ରସ୍ତାବିତ ୧୦ ମେଗାୱାଟ୍ ସୌର ଶକ୍ତି ପ୍ରକଳ୍ପ ନିମନ୍ତେ କଳାହାଣ୍ଡିର ଜୁନାଗଡ଼ଠାରେ ଶକ୍ତି ବିଭାଗ ସପକ୍ଷରେ ସରକାରୀ ଜମି ପ୍ରଦାନ କରାଯିବାକୁ ସମସ୍ତ ସରକାରୀ ପ୍ରକ୍ରିୟା ଆରମ୍ଭ କରାଯାଇଛି ବୋଲି କଳାହାଣ୍ଡି ଜିଲ୍ଲାପାଳ ଡ. ପରାଗ ହର୍ଷଦ ଗୱାଲୀ ବୈଠକରେ ପ୍ରକାଶ କରିଥିଲେ । ଟାଟା ପାୱାର କେନ୍ଦ୍ରୀୟ ଓଡ଼ିଶା ବିତରଣ ଲିଃର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୋଣାର୍କ ସହରର ବିଦ୍ୟୁତ ଉପଭୋକ୍ତାଙ୍କ ରୁଫ୍‌ଟପ୍ ସୋଲାର ବ୍ୟବସ୍ଥା ଏବଂ ସୋଲାର ଶକ୍ତି ଗୃହ ସଂଯୋଗ ନିମନ୍ତେ ଉତ୍ସାହିତ କରିବାକୁ ପଦକ୍ଷେପ ନିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ମନ୍ତ୍ରୀ କୋଣାର୍କଠାରେ ସୌର ପ୍ରକଳ୍ପର ଅଗ୍ରଗତି ସହିତ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାର ତଦାରଖ ନିମନ୍ତେ ଜିଲ୍ଲାପାଳ ପୁରୀଙ୍କ ଅଧ୍ୟକ୍ଷତାରେ ଏକ କୋର କମିଟି ଗଠନ ନିମନ୍ତେ ପ୍ରସ୍ତାବ ରଖିଥିଲେ । ବୈଠକରେ ଓରେଡ଼ାର ଯୁଗ୍ମ ନିର୍ଦ୍ଦେଶକ ଶକ୍ତି ବିନ୍ଦୁ ମାଧମରେ ପ୍ରକଳ୍ପର ସମସ୍ତ ବୈଷୟିକ ଦିଗ ଉପରେ ତଥ୍ୟ ଉପସ୍ଥାପନା କରିଥିଲେ । ବୈଠକରେ ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ, ଗ୍ରୀଡ୍‌କୋର ନିର୍ଦ୍ଦେଶକ (ଟିଓବିଡ଼ି) ଓରେଡ଼ାର ମୁଖ୍ୟ ନିର୍ବାହୀ, ପର୍ଯ୍ୟଟନ ବିଭାଗ ଯୁଗ୍ମ ସଚିବ, ପ୍ରତ୍ନତତ୍ୱ ତତ୍ତ୍ୱାବଧାରକ, ଏଏସ୍‌ଆଇ ଏବଂ ଟାଟା ପାୱାର କେନ୍ଦ୍ରୀୟ ବିତରଣ ଲିଃ ର ମୁଖ୍ୟ ନିର୍ବାହୀ_ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ ।

# ରାଜ୍ୟ ସରକାର ସମାଲୋଚନାକୁ ଶୁଣିବାର ଧୈର୍ଯ୍ୟ ରଖନ୍ତୁ : ବିରୋଧୀ ଦଳର ନେତା

ଭୁବନେଶ୍ୱର,୧୭।୧୦ (ନି.ପ୍ର): ରାଜ୍ୟ ସରକାର ଗଣମାଧ୍ୟମ ପ୍ରତି ଅସହିଷ୍ଣୁ ହୋଇ ପଡିଥିବା ନେଇ ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ । ସେ ରାଜ୍ୟ ସରକାରଙ୍କୁ ସମାଲୋଚନା ଶୁଣିବାର ଧୈର୍ଯ୍ୟ ରଖିବାକୁ ପରାମର୍ଶ ଦେଇଛନ୍ତି । ବିରୋଧୀ ଦଳର ନେତା ଶ୍ରୀ ନାୟକ ଟ୍ୱିଟ କରି କହିଛନ୍ତି ଯେ- ସୁସ୍ଥ ଗଣତନ୍ତ୍ରରେ ଗଣମାଧମର ଏକ ବଡ ଭୂମିକା ଅଛି । ହେଲେ ଯେଉଁଭଳି ଭାବରେ ଆମ ରାଜ୍ୟରେ ସରକାର ଗଣମାଧମ ପ୍ରତି ଅସହିଷ୍ଣୁ ହୋଇପଡୁଛନ୍ତି ତାହା ଆଗରୁ କେବେ ଦେଖାଯାଇନଥିଲା । ସରକାର ଏପରି କାହିଁକି କରୁଛନ୍ତି ? କଣ ସରକାର ଭାବୁଛନ୍ତି କି ସରକାର ସମାଲୋଚନାର ଉର୍ଦ୍ଧ୍ୱରେ ବୋଲି ? ଯେଉଁ ଗଣମାଧମ ସରକାରଙ୍କ ବିରୋଧରେ ଖବର ପ୍ରସାରଣ କରୁଛି ତା ଉପରେ ସରକାରୀ କଳ ଦାଉ ସାଧୁଛି । ଏହା ଶୁଭଙ୍କର ନୁହେଁ । ଏହା କ୍ଷମତାର ଅପବ୍ୟବହାର । ଅତ୍ୟନ୍ତ ସ୍ୱେଚ୍ଛାଚାରି ଶାସନର ପରିଚୟ । ସରକାର ସୁଧୁରି ଯାଆନ୍ତୁ । ସମାଲୋଚନାକୁ ଶୁଣିବାର ଧୈର୍ଯ୍ୟ ରଖନ୍ତୁ । କବିର କହିଛନ୍ତି ନିନ୍ଦର ନିୟରେ ରାଖିଏ ।

# ବଡ଼ମ୍ବା ଥାନା ଅଧିକାରୀ ପ୍ରଭାତ କୁମାର ମଲ୍ଲିକଙ୍କୁ ପ୍ରେସିଡେଂଟିଆଲ୍ ଆୱାର୍ଡ଼ ପାଇଁ ଚୟନ

କଟକ,୧୭।୧୦ (ନି.ପ୍ର): କଟକ ଜିଲ୍ଲା ବଡ଼ମ୍ବା ଥାନା ଅଧିକାରୀ ପ୍ରଭାତ କୁମାର ମଲ୍ଲିକଙ୍କୁ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ପ୍ରେସିଡେଂଟିଆଲ୍ ଆୱାର୍ଡ଼ ପାଇଁ ଚୟନ କରାଯାଇଛି । ସେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡ଼ିଏମଓ)ଙ୍କ କାର୍ଯ୍ୟାଳୟରେ ନିଜର ମେଡ଼ିକାଲ ଫିଟନେସ୍ ଟେଷ୍ଟ କରାଇଛନ୍ତି । ପୂର୍ବରୁ କାର୍ଯ୍ୟରତ ଥିବା ଅବସ୍ଥାରେ ସେ କରୋନା ସଂକ୍ରମିତ ହେବା ସହିତ ପରବର୍ତ୍ତି ସମୟରେ ସୁସ୍ଥ ହୋଇଥିଲେ । ଏପରିକି ସେ ପ୍ଲାଜମା ଦାନ କରିଥିଲେ । ସେ ପୂର୍ବରୁ ମାଓ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର ମାଥିଲି, ଚିତ୍ରକୋଣ୍ଡା, କାଲିମେଳା ଥାନାରେ ସବଇନ୍ସପେକ୍ଟର ଭାବେ ନିଜର ଦାୟୀତ୍ୱ ସୁଚାରୁ ରୂପେ ସମ୍ପାଦନ କରିଥିବା ବେଳେ ପରବର୍ତ୍ତି ସମୟରେ ପୁରୀ ଜିଲ୍ଲାର ପିପିଲି ଥାନା, ବ୍ରହ୍ମଗିରି ଥାନା ଏବଂ ସମୁଦ୍ର କୂଳ ଥାନାରେ ଆଇଆଇସି ଭାବେ ଦାୟୀତ୍ୱ ତୁଲାଇଥିଲେ । ଏହା ବ୍ୟତୀତ କଟକ ଜିଲ୍ଲାର ନେମାଳ, ଆଠଗଡ଼, ବଡ଼ମ୍ବା ଥାନାରେ ସେ ଆଇଆଇସି ଭାବେ କାର୍ଯ୍ୟ କରିଛନ୍ତି । ଅନ୍ୟପକ୍ଷରେ ୨୦୧୯ ସାଧାରଣ ନିର୍ବାଚନ ପରିଚାଳନା ଏବଂ ଆଠଗଡ଼ ଧବଳେଶ୍ୱର ଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଏନେଇ ନିଜର ପ୍ରତିକ୍ରିୟା ରଖି ଶ୍ରୀ ମଲ୍ଲିକ କହିଛନ୍ତି ଯେ, ଡ଼ିପାର୍ଟମେଂଟ ପକ୍ଷରୁ ପ୍ରେସିଡେଂଟିଆଲ୍ ଆୱାର୍ଡ଼ ପାଇଁ ମୋତେ ଚୟନ କରାଯାଇଥିବାରୁ ମୁଁ ସେଥିପାଇଁ ବହୁତ ଖୁସି । ବିଭାଗ ପାଇଁ ଅନେକ କାମ କରିଛି । ଆଗାମୀ ଦିନରେ ମଧ ଏହି ଧାରା ଜାରୀ ରହିବ । ଏପରିକି ଆଗକୁ ଯଦି ମୋତେ ଆହୁରି ଗୁରୁତ୍ୱପୂର୍ଣ୍ଣ ଦାୟୀତ୍ୱ ପ୍ରଦାନ କରାଯାଏ ତାକୁ ମଧ ମୁଁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ପ୍ରୟାସ କରିବି ।

# ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର ଦାବିରେ ବିଜେପି ପକ୍ଷରୁ ଧାରଣା

ଭଦ୍ରକ, ୧୭/୧୦ (ହି.ସ.) - ରାଜ୍ୟ ସରକାରଙ୍କ ଦ୍ୱାରା ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରତ୍ୟାହର ଦାବିରେ ଭାରତୀୟ ଜନତା ପାର୍ଟି ନେତା ବଦ୍ରୀନାରାୟଣ ଧଳଙ୍କ ନେତୃତ୍ୱରେ ଗଣଧାରଣା ଶୁକ୍ରବାର ସ୍ଥାନୀୟ ନେସ୍କୋ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା । ଦଳୀୟ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ନେସ୍କୋ କାର୍ଯ୍ୟାଳୟ ସମ୍ମୁଖରେ ପହଂଚିଥିଲା । ଦଳୀୟ ତୋ ପ୍ରକାଶ ମହାପାତ୍ରଙ୍କ ସଂଚାଳନାରେ ଅନୁଷ୍ଠିତ ଧାରଣାରେ ବିଦ୍ୟୁତ ସରବରାହ ଜନିତ ବିଭ୍ରାଟର ସୁଧାର ସହ ଦୁର୍ନୀତି ମୁକ୍ତ ବିଜୁଳି ସେବା ପାଇଁ ମଧ ଦାବି କରାଯାଇଥିଲା । କରୋନା ମହାମାରୀ ସମୟରେ ଜନସାଧାରଣଙ୍କ ଆର୍ଥିକ ଅବସ୍ଥା ଦୋହଲି ଯାଇଥିବା ବେଳେ ଏପରି ସମୟରେ ବିଜୁଳି ଦେୟ ବୃଦ୍ଧି କରାଯିବା ଅତ୍ୟନ୍ତ ନିନ୍ଦନୀୟ । ବର୍ଦ୍ଧିତ ବିଦ୍ୟୁତଶୁଳ୍କ ଅବିଳମ୍ବେ ପ୍ରତ୍ୟାହାର କରାଯିବାକୁ ଦାବି ରଖାଯାଇଥିଲା । ଭଣ୍ଡାରିପୋଖରୀ ବ୍ଲକ ଅ ଳରେ ବିଦ୍ୟୁତଯୋଗାଣ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଡ଼ାହାଲାଠାରେ ଏକ ଷ୍ଟ୍ରକଚ୍‌ର ଏବଂ ବିଶୋଳ ଓ ରାଢ଼ୋ ଠାରେ ଦୁଇଟି ସବ୍‌ଷ୍ଟ୍ରକଚ୍‌ର ସ୍ଥାପନ କରାଯାଇଥିଲେ ମଧ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଘଟୁଛି । ମରାମତି ନାମରେ ଓ ୩୩ କେଭିଏ ବିଦ୍ୟୁତ ଯୋଗାଣରେ ତୃଟି ଆଳରେ ଅଘୋଷିତ ଭାବେ ଘଂଟା ଘଂଟା ଧରି ବିଦ୍ୟୁତ ଯୋଗାଣ ବନ୍ଦ ରହୁଛି । ଫଳରେ ଲୋକଙ୍କ ଜୀବନଯାପନ ପ୍ରଣାଳୀ, ବ୍ୟବସାୟିକ ଅନୁଷ୍ଠାନ ସର୍ବୋପରି ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି । ତେଣୁ ଏ ସବୁରେ ସୁଧାର ଆଣି ନିରବଚ୍ଛିନ୍ନ ଭାବେ ବିଦ୍ୟୁତ ସେବା ଯୋଗାଇବାକୁ ବିଭାଗ ଦୃଷ୍ଟି ଦୋକୁ ଦାବି କରାଯାଥିଲା । ବିଭିନ୍ନ ସ୍ଥାନରେ ପୁରୁଣାତାର, ଖୁଂଟ ତଥା ଆବଶ୍ୟକୀୟ ଭିତି ଭୂମିର ରକ୍ଷଣାବେକ୍ଷଣ ଅଭାବରୁ ହେଉନଥିବାରୁ ତାର ଓହଳିପଡ଼ି ଧନଜୀବନ ହାନୀ ସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି । ଏସବୁର ଅନୁଧାନ କରାଯାଇ ତୁରନ୍ତ ମରାମତିର ବ୍ୟବସ୍ଥା କରାଯିବା ଉଚିତ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା । ସୌଭାଗ୍ୟ ଯୋଜନାରେ ସାମିଲ ହିତାଧିକାରୀଙ୍କୁ ବିଦ୍ୟୁତ ସଂଯୋଗ ନ ଦେଇ କେବଳ ତୃଟିପୂର୍ଣ୍ଣ ଭାବେ ବିଲ୍ ଦିଆଯାଇ ଆର୍ଥିକ ଓ ମାନସିକ ଶୋଷଣ କରାଯାଉଛି । ହଜାର ହଜାର ହିତାଧିକାରୀଙ୍କୁ ଏ ପର୍ଯ୍ୟନ୍ତ ଏହି ଯୋଜନାରେ ବିଦ୍ୟୁତ ଯୋଗାଇ ଦିଆଯାଉନାହିଁ । ଏଣୁ ସୌଭାଗ୍ୟ ଯୋଜନାରେ ସ୍ୱଚ୍ଛତା ରକ୍ଷାସହ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ବିଦ୍ୟୁତ ଯୋଗାଣ ପାଇଁ ପଦକ୍ଷେପ ନିଆଯିବାକୁ ଦାବି ରଖାଯାଇଥିଲା । ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ରଶ୍ମିକାନ୍ତ ବେହେରା ଧରଣାସ୍ଥଳକୁ ଆସି ଆଲୋଚନା ସହ ପ୍ରତିକାର ପାଇଁ ପଦକ୍ଷେପ ନେବା ପ୍ରତିଶ୍ରୁତି ଦେଇଥିଲେ । ଧରଣା ପ୍ରତ୍ୟାହୃତ ହୋଇଥିଲା । ଅନ୍ୟମାନଙ୍କ ମଧରେ ଦଳର ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ପଂଚାୟତ ସମିତି ଉପାଧକ୍ଷ ସତ୍ୟବ୍ରତ ଦାସ, ଦଳୀୟ ନେତା ନିର୍ମଳ କର, ପ୍ରକାଶ ମହାପାତ୍ର, ପ୍ରାକ୍ତନ ଜିଲ୍ଲା ସମ୍ପାଦକ ଶଶିକାନ୍ତ ବିଶ୍ୱାଳ, ମଣ୍ଡଳ ସଭାପତି ଗିରିଶ ସାମଲ, ମୁକୁନ୍ଦ ଚରଣ ମଲ୍ଲିକ, ପ୍ରଫୁଲ୍ଲ ସାହୁ, ସୁରେଶ ସାମଲ, ରବିନାରାୟଣ ସାହୁ, ଅଜୟ ପାତ୍ର, ସୁରେଶ ଦାସ, ଭୀମସେନ ନାୟକ, ଅମୂଲ୍ୟ ସେଠୀ, ନରନାରାୟଣ ପରିଡା, ସନ୍ତୋଷ ସାହୁ, ଅଶ୍ୱନୀ ନାୟକ, ବଳରାମ ରାଉତ, ତପନ ପାତ୍ର, ସୁଶାନ୍ତ ମହାପାତ୍ର, ପ୍ରହ୍ଲାଦ ସାହୁ, ଅଜୟ ରାଉତ, ବିବେକାନନ୍ଦ ସାହୁ ପ୍ରମୁଖ ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ ।

## ପୂଜା ବେଳେ ସତର୍କ ରୁହନ୍ତୁ ଓ ଘରେ ରହି ପୂଜା ପାଳନ କରନ୍ତୁ - ଜିଲ୍ଲାପାଳ

ଗଞ୍ଜାମ,୧୭।୧୦ (ନି.ପ୍ର): ପୂଜା ବେଳେ ସତର୍କ ରୁହନ୍ତୁ ଏବଂ ଘରେ ରହି ପୂଜା ପାଳନ କରନ୍ତୁ ବୋଲି ଜିଲ୍ଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ।

ଆଗକୁ ଶୀତ ଦିନ ଆସୁଥିବାରୁ କରୋନା ଭୂତାଣୁ ସଂକ୍ରମଣକୁ ଏଡାଇବା ପାଇଁ ଲୋକଙ୍କୁ ଅଧିକ ସଚେତନ ହେବାକୁ ପଡିବ । ଜନସାଧାରଣ ନିୟମିତ ବ୍ୟବଧାନରେ ହାତ ଧୁଅନ୍ତୁ, କୌଣସି ଜରୁରୀ କାମରେ ବାହାରକୁ ଆସିବା ବେଳେ ସାମାଜିକ ଦୂରତା ମାନନ୍ତୁ ଓ ମୁହଁରେ ମାସ୍କ ପିନ୍ଧନ୍ତୁ ବୋଲି ପରାମର୍ଶ ଦେଇଛନ୍ତି ଜିଲ୍ଲାପାଳ ।

# ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ ପରେ କଲେଜ ବିବାଦର ସମାଧାନ

କେନ୍ଦ୍ରାପଡ଼ା,୧୭।୧୦ (ନି.ପ୍ର): ଦୀର୍ଘଦିନ ହେଲା କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ପୂର୍ବତନ ପରିଚାଳନା ପରିଷଦର ସଭାପତିଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦର ଅନ୍ତଘଟିଛି । ମହାବିଦ୍ୟାଳୟର ପରିଚାଳନା ପରିଷଦର କାର୍ଯ୍ୟକାଳ ଶେଷ ହେବାପରେ ପରବର୍ତ୍ତୀ ପରିଚାଳନା ପରିଷଦ ଗଠନ ହେବା ପର୍ଯ୍ୟନ୍ତ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସଭାପତି ଭାବରେ କାର୍ଯ୍ୟଭାର ତୁଲାଇବେ ବୋଲି ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି । ତେବେ ଦୀର୍ଘଦିନ ହେବ କଲେଜ ବ୍ୟାପାରରେ ମୁଣ୍ଡ ଖେଳାଇ ଆସିଥିବା ପୂର୍ବତନ ସଭାପତି କିଶୋର ଚନ୍ଦ୍ର ତରାଇଙ୍କ କ୍ଷମତା ଏହି ଆଦେଶ ବଳରେ ଶେଷ ହୋଇଥିବା ଜଣାପଡିଛି । ଖବରରୁ ପ୍ରକାଶ , କେନ୍ଦ୍ରାପଡା କଲେଜ ପରିଚାଳନା ପରିଷଦର କାର୍ଯ୍ୟକାଳ ୨୦୧୮ରେ ଶେଷ ହୋଇଛି । ତେବେ ପରବର୍ତ୍ତୀ ପରିଚାଳନା ପରିଷଦ ଗଠନ ହେବା ପର୍ଯ୍ୟନ୍ତ ସଭାପତି ଭାବରେ ଦାୟିତ୍ୱରେ ଥିବା ନେଇ ପୂର୍ବତନ ପରିଚାଳନା ପରିଷଦ ସଭାପତି ତଥା ପୂର୍ବତନ ବିଧାୟକ କିଶୋର କୁମାର ତରାଇ ଦାବିକରିବା ପରେ ବିବାଦ ସୃଷ୍ଟି ହୋଇଥିଲା । ଏପରିକି ପୂର୍ବତନ ପରିଚାଳନା ସଭାପତି ଶ୍ରୀ ତରାଇ କଲେଜ ପରିଚାଳନାରେ ମୁଣ୍ଡ ଖେଳାଇବା ସହିତ ବିଭିନ୍ନ ପ୍ରସଙ୍ଗରେ ସେ କଲେଜ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଏହି ନିର୍ଦ୍ଦେଶକୁ କଲେଜର ବର୍ତ୍ତମାନର ଅଧ୍ୟକ୍ଷ ଡଃ ରାଜେନ୍ଦ୍ର ପସାଦ ତ୍ରୀପାଠି ଗ୍ରହଣ କରିନଥିଲେ । କଲେଜ ଅଧ୍ୟକ୍ଷ ତାଙ୍କ ନିର୍ଦ୍ଦେଶ ନମାନିବାରୁ ଶ୍ରୀ ତରାଇ ନିଜ କ୍ଷମତା ବଳରେ ତାଙ୍କୁ ନିଲମ୍ବନ ଆଦେଶ ଦେଇଥିଲେ । ତେବେ ଏହି ବିବାଦ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ଏଥି ସହିତ ପୂର୍ବତନ ପରିଚାଳନା ସଭାପତି ଶ୍ରୀ ତରାଇ ମଧ୍ୟ ଅଧ୍ୟକ୍ଷଙ୍କ ନାମରେ ଥିବା କଲେଜର ଦୁଇଟି ବ୍ୟାଙ୍କ ଖାତା ଅଚଳ କରିବାକୁ ବ୍ୟାଙ୍କକୁ ଚିଠି ଲେଖିଥିଲେ । ଏହି ଚିଠି ପାଇ ବ୍ୟାଙ୍କ କର୍ତ୍ତୃପକ୍ଷ ଏହି ଦୁଇଟି ଆକାଉଂଟର ସମସ୍ତ କାରବାରକୁ ବନ୍ଦ କରିଦେଇଥିଲେ । ତେବେ ଏହାକୁ ନେଇ ମହାବିଦ୍ୟାଳୟ ପରିଚାଳନାରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା । ଏହି ବିବାଦକୁ ନେଇ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଆଜି ଉଚ୍ଚ ଶିକ୍ଷା ଶଚିବ ଏହି ମର୍ମରେ ଏକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ଏହି ନିର୍ଦ୍ଦେଶାବଳୀ ଅନୁଶାରେ ଆଜିଠାରୁ ସାରା ରାଜ୍ୟରେ ସମସ୍ତ ବେସରକାରୀ ତଥା ସରକାରୀ ଅନୁଦାନ ପ୍ରାପ୍ତ ସ୍ୱୟଂ ସାସିତ ମହାବିଦ୍ୟାଳୟ ପାଇଁ କାର୍ଯ୍ୟକାରୀ ହେବ । କୌଣସି ବେସରକାରୀ ଅନୁଦାନ ପ୍ରାପ୍ତ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା ପରିଷଦର କାର୍ଯ୍ୟକାଳ ଶେଷ ହେଲେ ପରବର୍ତ୍ତୀ ପରିଚାଳନା ପରିଷଦ ଗଠନ ହେବା ପର୍ଯ୍ୟନ୍ତ ସେହି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳମାନେ ସଭାପତିର ଦାୟିତ୍ୱ ତୁଲାଇବେ । ଯେଉଁ ଜିଲ୍ଲାରେ ଏକାଧିକ ଅତିରିକ୍ତ ଜିଲ୍ଲପାଳ ଥିବେ ସେହି ଜିଲ୍ଲାର ଜିଲ୍ଲାପାଳ କୌଣସି ଜଣେ ଅତିରିକ୍ତ ଜିଲ୍ଲାପାଳଙ୍କୁ ବାଛି ସଭାପତି ଦାୟିତ୍ୱ ପ୍ରଦାନ କରିବେ ବୋଲି ରାଜ୍ୟ ଉଚ୍ଚ ଶିକ୍ଷା ସଚିବ ଏହି ନିର୍ଦ୍ଦେଶ କହିଛନ୍ତି । ତେବେ ଉଚ୍ଚ ଶିକ୍ଷା ବିଭାଗର ଏହି ଆଦେଶ ମିଳିବାପରେ ପୂର୍ବତନ ବିଧାୟକ ତଥା ପରିଚାଳନା ପରିଷଦର ସଭାପତିଙ୍କ କଲେଜ ଅଧ୍ୟକ୍ଷ ନିଲମ୍ବନ ଆଦେଶ ଆଉ କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି ସୂଚନା ମିଳିଛି ।

## ବ୍ରହ୍ମପୁର ବଡ଼ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ବିଏମସି କମିଶନରଙ୍କ କାର୍ଯ୍ୟାଳୟ ଘେରାଉ

ଗଞ୍ଜାମ,୧୭।୧୦ (ନି.ପ୍ର): ବେଆଇନ ଟିକସ ଆଦାୟ ଏବଂ ବ୍ୟବସାୟୀ ମାନେ ପଟଂସୂତ୍ରୀ ନିୟମ ପାଳନ କରୁଥିଲେ ମଧ ଏନଫୋର୍ସମେଂଟ ଟିମ୍ ଅଯଥାରେ ବ୍ୟବସାୟୀ ମାନଙ୍କୁ ହଇରାଣ, ହଟହଟା କରୁଥିବା ସହିତ ସେମାନଙ୍କ ନିକଟରୁ ଅତ୍ୟଧିକ ଜୋରିମାନା ଆଦାୟ କରୁଥିବାରୁ ଏହାର ପ୍ରତିବାଦ କରିଛି ବ୍ୟବସାୟୀ ସଂଘ । ଆଜି ଏହାର ପ୍ରତିବାଦରେ ବ୍ରହ୍ମପୁର ବଡ଼ ବଜାର ବ୍ୟବସାୟୀ ସଂଘ ଏବଂ ଅନ୍ୟାନ୍ୟ ଶତାଧିକ ବ୍ୟବସାୟୀ ବିଏମସି କମିଶନରଙ୍କ କାର୍ଯ୍ୟାଳୟକୁ ଦୀର୍ଘ ସମୟ ଘେରାଉ କରିଥିଲେ । ସଂଘ ପକ୍ଷରୁ ବିଏମସି କମିଶନର ସିଦ୍ଧେଶ୍ୱର ବାଳିରାମ ବୋଦାରଙ୍କୁ ଏ ସମ୍ବଳିତ ଏକ ଦାବି ପତ୍ର ପ୍ରଦାନ କକରାଯାଇଛି ।

# ରଙ୍ଗତୂଳି କଳାକାର ସଂଘର ସାଧାରଣ ପରିଷଦ ବୈଠକ

କନ୍ଧମାଳ,୧୭।୧୦ (ନି.ପ୍ର): କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ଅନ୍ତର୍ଗତ ସିର୍ତିଗୁଡା ଠାରେ ଜିଲା ରଙ୍ଗତୁଳି କଳାକାର ସଂଘର ଏକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ବ୍ଲକର ରଙ୍ଗତୁଳି କଳାକାର ମାନେ ଯୋଗଦେଇଥିଲେ । ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ କରୋନା ସଂକ୍ରମଣର କଟକଣା ଯୋଗୁଁ କିଭଳି ଭାବେ ରୋଜଗାର ପାଇଁ ସମସ୍ୟାରେ ପଡୁଛନ୍ତି ସେ ସଂପର୍କରେ ଆଲୋଚନା କରାଯାଇଥିଲା । ସଭା ପରେ ପରେ ଜିଲା ସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ପ୍ରମୋଦ ଦଣ୍ଡିଆ ମନୋନୀତ ହୋଇଥିବା ବେଳେ ସଂପାଦକ ଭାବେ ଗୋବିନ୍ଦ ଭୁକ୍ତା , ଉପ-ଭାତି ଭାବେ ମିଥୁନ୍ ପ୍ରଧାନୀ, ସହ ସଂପଦାକ ଭାବେ ଜଗତସିଂ ପାତ୍ର ଓ କୋଷାଧ୍ୟକ୍ଷ ଭାବେ ସୁନିଲ୍ ବିନ୍ଧାଣୀ ମନୋନିତ ହୋଇଛନ୍ତି । ଏଥି ସହିତ କାର୍ଯ୍ୟକାରି ସଭ୍ୟ ଭାବେ ଅଶ୍ୱିନୀ କୁମାର ବିଷୋୟୀ , ବିଷ୍ଣୁ ଚରଣ ବେହେରା , ସୁନିଲ୍ ନାୟକ , ଶ୍ରୀକାନ୍ତ ପ୍ରଧାନୀ , ଲକ୍ଷ୍ମୀଣ ପ୍ରଧାନ ପ୍ରମୁଖ ମନୋନିତ ହୋଇଛନ୍ତି । କରୋନା କଟକଣା ଯୋଗୁଁ ବର୍ତ୍ତମାନ କଳାକାର ମାନଙ୍କର ରୋଜଗାର ପନ୍ଥା ସଂପୂର୍ଣ୍ଣଭାବେ ବନ୍ଦ ହୋଇଯାଇଥିବା ବେଳେ ଅନେକ କଳାକାର ଜୀବିକା ହରାଇବା ସହିତ ପରବାର ପ୍ରତିପୋଷଣ କରିବା ସମସ୍ୟା ସୃଷ୍ଟି ହୋଇଛି । ଜିଲାରେ ପ୍ରାୟ ୨ ହଜାରରୁ ଉର୍ଦ୍ଧ ରଙ୍ଗତୁଳି କାଳାକାର ଥିବା ବେଳେ ଆଜି ପର୍ଯ୍ୟନ୍ତ ସରକାର ଏହି କଳାକାର ମାନଙ୍କ ପାଇଁ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରିନାହାନ୍ତି । ସେମାନଙ୍କର ଏହି ଆର୍ଥିକ ଅନାଟନ ବେଳେ ସେମାନଙ୍କୁ ଜିଲା ପ୍ରଶାସନ କାମ ଯୋଗାଇ ଦେବା ପାଇଁ ଦାବୀ କରାଯିବା ସମ୍ପର୍କରେ ବୈଠକରେ ନିଷ୍ପତି ନିଆଯାଇଥିଲା ।

# ଖାସବାହାଲ ସରପଂଚଙ୍କ କରୋନା ସଚେତନତା

ନୂଆପଡା,୧୭।୧୦ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ଖାସବାହାଲ ପଂଚାୟତରେ କରୋନା ସଚେତନତା ଅଭିଯାନ ଜାରି ରହିଛି । ସରପଂଚ ଯମୁନା ବାଗଙ୍କ ନେତୃତ୍ୱରେ ଆଶାକର୍ମୀ, ଅଙ୍ଗନୱାଡିକର୍ମୀ, ଜନ ପ୍ରତିନିଧି, ଏଏନଏମ, ସିଏଲଏଫ କର୍ମକର୍ତ୍ତା ସମେତ ଗ୍ରାମର ମାଁ ମାନେ ସାମିଲ ରହି ଘରକୁ ଘର ବୁଲି ସଚେତନତା ସୃଷ୍ଟି କରୁଛନ୍ତି । ଦେଶରେ କରୋନା ମହାମାରୀ ରୂପ ଧାରଣ କରି ଗ୍ରାସ କରି ଆସୁଥିବା ବେଳେ କିଛିକାଂଶରେ ଲୋକଙ୍କ ଖାମଖିଆଲି ମନୋଭାବ ଦୂରେଇ ଯାଇନାହିଁ । ତେଣୁ ଘର ଘର ବୁଲି ନାମ ତାଲିକା ପ୍ରସ୍ତୁତ କରି ଆସନ୍ତା ଦିନରେ ସଂଖ୍ୟାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାର ଲକ୍ଷ୍ୟ ରଖାଯାଇଛି । ଏହି ସଚେତନତା ଅଭିଯୋନରେ ସମାଜସେବୀ ପ୍ରେମଲାଲ ବାଗ ସକ୍ରୀୟ ଅଂଶ ଗ୍ରହଣ କରିଥିବା ବେଳେ ଆଶାଦିଦି ସୌଦାମିନୀ ହଂସ, କୁମାରୀ ଶବର, ଡାଳିମ୍ବ ବାଗ, ଅଙ୍ଗନୱାଡି କର୍ମୀ କୁନ୍ତଳା ଶବର, କମଳିନୀ ପଟେଲ, ଜିପିଏଲଏଫ ସଭାନେତ୍ରୀ ପ୍ରମିଳା ଶବର, ୱାର୍ଡସଭ୍ୟା ରକ୍ମଣୀ ଟାହାଣୀ, ସାବେତ୍ରୀ ଶବରଙ୍କ ସମେତ ଅନ୍ୟାନ୍ୟ ମହିଳା ସାମିଲ ଅଛନ୍ତି ।

# ନେସ୍କୋର ପୁରୁଣା ଠିକାସଂସ୍ଥା ହଟିଲା : ନୂଆ ଠିକା ସଂସ୍ଥାର ଦାୟୀତ୍ୱ ଗ୍ରହଣ ପରେ ଖୁସିମନାଇଲେ ବିଦ୍ୟୁତ କର୍ମଚାରୀ

ବାରିପଦା,୧୭।୧୦ (ନି.ପ୍ର): ନେସ୍କୋ ସର୍କଲରେ ଆନୁଆଲ ମେନଟେନାନସ ଠିକାଦାର ହିସାବରେ ୩୩/୧୧ କେଭି ସବଷ୍ଟେସନରେ କାର୍ଯ୍ୟ କରୁଥିବା ଆଦ୍ୟା ଉର୍ଜା ସଲ୍ୟୁସନ ପ୍ରାଇଭେଟ ଲିମିଟେଡର ମନମୁଖି ଶ୍ରମୀକ ବିରୋଧି ଓ ବେନିୟମ କାର୍ଯ୍ୟକଳାପକୁ ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନ ମୟୂରଭ ଜିଲ୍ଲା ତରଫରୁ ଦୀଘ୍ୟଦିନ ଧରି ବିରୋଧ କରାଯାଇ ଆସୁଥିଲା । ଏବାବଦରେ ନେସ୍କୋର ଉଚ୍ଚ ପଦାଧିକାରୀ ଶକ୍ତି ବିଭାଗ, ଓଡିଶା ସରକାରଙ୍କ ଓ.ଇ.ଆର.ସି. ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲାପରେ ଏବିଷୟରେ ତୁରନ୍ତ ତଦନ୍ତ କରାଯାଇ ସଂପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ସମସ୍ତ ବକେୟା ପ୍ରାପ୍ୟ ପ୍ରଦାନ କରିବାକୁ ପଦକ୍ଷେପ ନିଆଯାଇଛି ଏବଂ ବେଆଇନ ଭାବେ ଛୋଟେଇ ହୋଇଥିବା



କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରାଯାଇ ପୁରୁଣା ସଂସ୍ଥାକୁ କାର୍ଯ୍ୟରୁ ହଟାଇ ଦିଆଯାଇଛି । ନୂତନ ସଂସ୍ଥା ଗଗନ ବିହାରୀ ବାରିକଙ୍କୁ ଆନୁଆଲ ମେନଟେନାନଓ ଠିକାଦାର ହିସାବରେ ୩୩/୧୧ କେଭି ସବଷ୍ଟେସନର ପରିଚାଳନା ଦାୟୀତ୍ୱ ହସ୍ତା'ର କରାଯାଇଛି । ନୂଆ ସଂସ୍ଥା ଦାୟୀତ୍ୱ ନେବା ପରେ ବିଦ୍ୟୁତ କର୍ମଚାରୀ ମହଲରେ ଖୁସିର ଲହରୀ ଖେଳିଯାଇଛି । କର୍ମଚାରୀ ମାନେ ମନ୍ଦିରରେ ଦୀପଦାନ ଓ ପୂଜା କରି ଶୁଭ ମନାସିଛନ୍ତି । ନୂଆ ସଂସ୍ଥା ପ୍ରତିମାସ ନିର୍ଦ୍ଧାରିତ ସମୟରେ ଦରମା, ଇ.ପି.ଏଫ. ଇ.ଏସ.ଆଇ. ଓ ଅନ୍ୟାନ୍ୟ ପ୍ରାପ୍ୟ ଯୋଗାଇ ଦେବ ବୋଲି କହିଥିବା ବେଳେ, ଠିକ ସମୟରେ କର୍ମଚାରୀଙ୍କୁ ଏସବୁ ଯୋଗାଇ ନଦେଲେ ସଂଘ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି । ନୂଆ ସଂସ୍ଥା କାର୍‌ଯ୍ୟବାର ଗ୍ରହଣ କରିବା ପରେ ସଂଘର ସଦଶ୍ୟ ମାନେ ସଂଘର ସାଧାରଣ ସମ୍ପାଦକ ତାରାକାନ୍ତ ପଟ୍ଟନାୟକ, ଜିଲ୍ଲା ସଭାପତି ଶୁଭ୍ରମଣ୍ୟମ ମହାନ୍ତି, ସହ ସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରା, ଯୁଗ୍ମ ସମ୍ପାଦକ ମାନସ ରନ ଶୁକ୍ଳା ଓ କରୁଣାକର ପତି, ଡିଭିଜନ ସମ୍ପାଦକ ଚନ୍ଦ୍ର କୁମାର ମହାନ୍ତି, ଦିପ୍ତିଭୂୟାଁ, ଦୁଲାଲ ରାୟ, ଉପସଭାପତି ଆର୍ତ୍ତବନ୍ଧୁ ବିଶ୍ୱାଳ, ଡିଭିଜନ ସଂଗଠକ ଦେବାଶିଷ ବେହେରାଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

## କୋଭିଡ୍ କଟକଣା ଉଲ୍ଲଘଂନକାରୀଙ୍କ ଉପରେ ଗଜପତି ଜିଲ୍ଲା ପୋଲିସର କାର୍ଯ୍ୟାନୁଷ୍ଠାନ : ୯ ହଜାର ଟଙ୍କା ଜୋରିମାନା ଆଦାୟ

ପାରଳାଖେମୁଣ୍ଡି,୧୭।୧୦ (ନି.ପ୍ର): ଗଜପତି ଜିଲ୍ଲା ପୋଲିସ ପକ୍ଷରୁ କୋଭିଡ୍ କଟକଣା ଉଲ୍ଲଘଂନକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଅକ୍ଟୋବର ୧୫ ତାରିଖ ଦିନ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଏନେଇ ବ୍ୟାପକ ଧରପଗଡ଼ କରାଯିବା ସହ ମୁହଁରେ ମାସ୍କ ପିନ୍ଧୁ ନଥିବା ଅମାନିଆଙ୍କ ଠାରୁ ଜୋରିମାନା ବାବଦକୁ ମୋଟ୍ ୯ ହଜାର ଟଙ୍କା ଆଦାୟ କରାଯାଇଛି । ବିଭାଗୀୟ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ମାସ୍କ ପିନ୍ଧି ନଥିବା ଲୋକଙ୍କ ଠାରୁ ପାରାଖେମୁଣ୍ଡି ଆଦର୍ଶ ଥାନା ୮୦୦ ଟଙ୍କା, ରାୟଗଡ଼ ଥାନା ୮୦୦ ଟଙ୍କା, କାଶୀନଗର ଥାନା ୧୪୦୦ ଟଙ୍କା, ଗାରାବନ୍ଧ ଥାନା ୬୦୦ ଟଙ୍କା, ଅଡ଼ବା ଥାନା ୨୬୦୦, ସେରଙ୍ଗ ଥାନା ୮୦୦ ଏବଂ ଆର୍. ଉଦୟଗିରି ଥାନା ପକ୍ଷରୁ ଜୋରିମାନା ବାବଦକୁ ୨୦୦୦ ଟଙ୍କା ଆଦାୟ କରାଯାଇଛି ।

# ଉପନିର୍ବାଚନ ପାଇଁ ବିଜେଡିର ୩୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଘୋଷଣା

ଭୁବନେଶ୍ୱର,୧୭।୧୦ (ନି.ପ୍ର): ବିଜେଡି ପକ୍ଷରୁ ବାଲେଶ୍ୱର ଓ ତିର୍ତୋଲ ଉପନିର୍ବାଚନ ପାଇଁ ଆଜି ୩୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରା ଯାଇଛି । ଏହି ଷ୍ଟାର ପ୍ରଚାରକ ତାଲିକାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରହିଥିବା ବେଳେ ଏଥିରେ ୨ ଜଣ ମହିଳା ଅଛନ୍ତି । ରାଜ୍ୟ ସରକାରେ ଥିବା ମନ୍ତ୍ରୀ ମାନଙ୍କୁ ମଧ୍ୟ ଏଥିରେ ସ୍ଥାନ ମିଳିଛି । ଏଥିରେ ମନ୍ତ୍ରୀ ପ୍ରତାପ ଜେନା, ନବ କିଶୋର ଦାସ, ଅରୁଣ କୁମାର ସାହୁ, ନିରଞ୍ଜନ ପୂଜାରୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମୀର ଦାଶ, ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ରଘୁନନ୍ଦନ ଦାସ, ସୁଶାନ୍ତ ସିଂ ଓ ସୁଦାମ୍ ମାରାଣ୍ଡି ଆଦି ନେତା ରହିଛନ୍ତି । ସେହିପରି ବିଧାୟକ ପ୍ରଣବ ପ୍ରକାଶ ଦାସ, ଅନନ୍ତ ଦାସ, ସୌମ୍ୟରଞ୍ଜନ ପଟ୍ଟନାୟକ, ଦେବୀ ପ୍ରସାଦ ମିଶ୍ର, ପ୍ରମିଳା ମଲ୍ଲିକ, ଅତନୁ ସବ୍ୟସାଚୀ ନାୟକ ଓ ପ୍ରତାପ କେଶରୀ ଦେବ ମଧ ଷ୍ଟାର ପ୍ରଚାରକ ଭାବେ ମନୋନୀତ ହୋଇଛନ୍ତି । ସାଂସଦ ରାଜଶ୍ରୀ ମଲ୍ଲିକ ଓ ଯୋଜନାବୋର୍ଡ ଉପାଧକ୍ଷ ସଞ୍ଜୟ ଦାସ ବର୍ମା ବି ଏହି ତାଲିକାରେ ରହିଛନ୍ତି । ସେହିପରି ଷ୍ଟାର ପ୍ରଚାରକ ତାଲିକାରେ ଆକାଶ ଦାସ ନାୟକ, ଅରିନ୍ଦମ ରାୟ, କୁନା ତ୍ରିପାଠୀଙ୍କ ଭଳି ଚିତ୍ରତାରକାଙ୍କ ନାମ ରହିଛି ।

# ଜଳେଶ୍ୱରରେ ଦୁର୍ଗାପୂଜା ପାଇଁ ଶାନ୍ତିକମିଟି ବୈଠକ



ଜଳେଶ୍ୱର,୧୭।୧୦ (ନି.ପ୍ର): ଗତକାଲି ଶୁକ୍ରବାର ପୂର୍ବାହ୍ନ ୪ ଘଟିକାରେ ଜଳେଶ୍ୱର ଥାନା ପରିସରରେ ଚଳିତବର୍ଷ ଦୁର୍ଗାପୂଜା ଲାଗି ଶାନ୍ତି କମିଟିର ଏକ ବୈଠକ ତହସିଲଦାର କ୍ଷୀରୋଦ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଚଳିତ ବର୍ଷ କୋଭିଡ୍-୧୯ କଟକଣା ଯୋଗୁଁ ପୂଜାମଣ୍ଡପ ଗୁଡିକରେ ଗହଳି ନ ହେବାପାଇଁ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଗାଇଡ୍ ଲାଇନ୍‌କୁ ପାଳନ କରିବାପାଇଁ ସମସ୍ତଙ୍କ ସହଯୋଗ ଲୋଡିଥିଲେ । ମୂର୍ତ୍ତିଗୁଡିକ ୪ ଫୁଟ ଉଚ୍ଚତା ଏବଂ ୭ଜଣରୁ ଅଧିକ ନ ରହିବା, ଭଷାଣୀ ନିରାଡମ୍ବର ଭାବେ ପାଳନ କରାଯିବା ସହିତ ମଣ୍ଡପ ଗୁଡିକର ଅନୁମତି ତହସିଲ ଅଫିସ୍‌ରୁ ନେବା ସହିତ ଏକ ସମୟରେ ବିଦ୍ୟୁତ, ଅଗ୍ନି ବିଭାଗର ଅନୁମତି ନେବାର ବ୍ୟବସ୍ଥା ସଂପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ବିଧାୟକଙ୍କ ସହିତ ଏସ୍‌ଡିପିଓ ଅଂକିତା କୁମ୍ଭାର, ମୁନିସିପାଲଟି ନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, ଡାକ୍ତର ଦିଲ୍ଲିପ ପାତ୍ର, ଏଏସ୍‌ଆଇ ନଗରଦୀପ ସେଠୀ, ଇଲେକ୍ଟ୍ରି ଏସ୍‌ଡିଓ ଇଂ ଭୁବନ କୁମାର ସାହୁ, ଅଗ୍ନିଶମ ଅଧିକାରୀ ଚନ୍ଦ୍ର ମୁଦୁଲି, ପିଡବ୍ଲୁ ଜେଇ ନିହାରକାନ୍ତି ବେହେରା ଓ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶୃଙ୍ଖଳିତ ପୂଜା ପରିଚାଳନା ସଂପର୍କରେ ଆଲୋଚନା ରଖିଥିଲେ । ଏଥିରେ ଜଳେଶ୍ୱର ବ୍ଲକର ପ୍ରାୟ ୬୦ଟି ପୂଜା ମଣ୍ଡପର କର୍ମକର୍ତ୍ତା, ସାମ୍ବାଦିକ, ବୁଦ୍ଧିଜିବୀମାନେ ଭାଗ ନେଇଥିଲେ ।

## ଅଜଣା ବ୍ୟକ୍ତିର ଶବ ଉଦ୍ଧାର

ଜଳେଶ୍ୱର, ୧୭/୧୦ (ନି.ପ୍ର) : ଜଣେ ପକ୍କା ମିସ୍ତ୍ରୀଭାବେ କାର୍ଯ୍ୟ କରୁଥିବା ଜିତେନ୍ ନାମକ ଲୋକର ମରଶରୀର ଆଜି ଜଳେଶ୍ୱର ୯ନଂ ୱାର୍ଡ ମଂଗଳାତଳା ରାସ୍ତାପାଖରେ ଦେଖିବାକୁ ମିଳିଥିଲା । ସେ ଅଳ୍ପଦିନ ପୂର୍ବେ ପଶ୍ଚିମବଂଗ ଅଂଚଳରୁ ଆସି ଏଠାରେ କାର୍ଯ୍ୟକରୁଥିବା ସ୍ଥାନୀୟ ଲୋକେ କହୁଥିବା ବେଳେ ସେ କାହା ଘରେ ରହୁଥିଲା କିମ୍ବା ତାର ପ୍ରକୃତ ଘର କେଉଁଠି ବୋଲି ଜଣା ପଡିନଥିବା ବେଳେ ଖବର ପାଇ ଜଳେଶ୍ୱର ପୋଲିସ୍ ଶବ ବ୍ୟବଚ୍ଛେଦ କରିଛି । ତାର ପ୍ରକୃତ ଠିକଣା ମିଳିନଥିବା ଜଳେଶ୍ୱର ବିଲିସ୍ କହିଛି ।

# ବିଜେଡି କୋଭିଡ ନିୟମ ଓ ନିର୍ବାଚନ ଆଚରଣ ବିଧି ଉଲ୍ଲଘଂନ କରୁଛି

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେଲା ବିଜେପି

ଭୁବନେଶ୍ୱର,୧୭।୧୦ (ନି.ପ୍ର): ତିର୍ତୋଲ ଉପନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ସମୟରେ ଶାସକ ବିଜେଡି ଦଳର ପ୍ରାର୍ଥୀ ବିଜୟ ଶଙ୍କର ଦାସ ଜିଲ୍ଲା ନିର୍ବାଚନ ଅଫିସ ଆଗରେ ନିର୍ବାଚନ ଆଚରଣ ବିଧିକୁ ଖୋଲା ଖୋଲି ଭାବେ ଉଲ୍ଲଘଂନ କରିଛନ୍ତି । ଅନ୍ୟପଟେ ତିର୍ତୋଲ ନିର୍ବାଚନମଣ୍ଡଳୀ ରଘୁନାଥପୁର ବ୍ଲକରେ ବିଜେଡି କର୍ମୀ ସମ୍ମିଳନୀରେ ଶାସକ ଦଳ ମନ୍ତ୍ରୀ ପ୍ରତାପ ଜେନା, ସାଂସଦ ରାଜଶ୍ରୀ ମଲ୍ଲିକ ଏବଂ ବିଜେଡି ନେତା ଦେବାଶିଷ ସାମନ୍ତରାୟ କୋଭିଡ ନିୟମକୁ ଉଲ୍ଲଘଂନ କରିଛନ୍ତି । ଏହା ବିରୁଦ୍ଧରେ ବିଜେପିର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏ ପ୍ରସଙ୍ଗରେ ଏକ ସ୍ମାରକ ପତ୍ର ପ୍ରଦାନ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀ କରିଛି । ବିଜେପି ଅଭିଯୋଗ କରିଛି ଯେ ଅକ୍ଟୋବର ୧୬ ତାରିଖ ଦିନ ନାମାଙ୍କନ ପତ୍ର ଦାଖଲ ସମୟରେ ବିଜେଡି ପ୍ରାର୍ଥୀ ବିଭିନ୍ନ ବସ୍ ଓ କାର୍‌ରେ ନିଜ ସମର୍ଥକଙ୍କୁ ଆଣିବା ସହ ଶହ ଶହ ବିଜେଡି କର୍ମୀ ବାଇକ ରାଲି କରି କରୋନା ନିୟମକୁ ଉଲ୍ଲଘଂନ କରିଥିଲେ । ସେହିପରି ଅକ୍ଟୋବର ୧୫ ତାରିଖ ଦିନ ବିଜେଡି କର୍ମୀ ସମ୍ମିଳନୀରେ ବିଜେଡି ସାଂସଦ, ମନ୍ତ୍ରୀ, ନେତା ଓ କର୍ମୀମାନେ ସାମାଜିକ ଦୂରତା ପାଳନ ନକରିବା ଏବଂ ମାସ୍କ ପରିଧାନ ନକରି କୋଭିଡ ଗାଇଡଲାଇନକୁ ଉଲ୍ଲଘଂନ କରିଥିଲେ । ଏହି ବୈଠକକୁ ଯିବା ପାଇଁ ମନ୍ତ୍ରୀ ଶ୍ରୀ ଜେନା ସରକାରୀ ଗାଡି ବ୍ୟବହାର କରିବା ସହ ଅନ୍ୟ ବିଜେଡି ନେତାମାନେ ଦଳୀୟ କର୍ମୀମାନଙ୍କୁ ଟଙ୍କା ବାଂଟିଥିଲେ ଯାହାକି ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଘଂନ କରିଛି । ଏହି ଘଟଣାରେ ନିରପେକ୍ଷ ତଦନ୍ତ କରାଯାଇ ବିଜେଡି ପ୍ରାର୍ଥୀ, ସାଂସଦ, ମନ୍ତ୍ରୀ ଏବଂ ନେତାଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇବା ସହ ଆଇନ ଅନୁଯାୟୀ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିନିଧୀ ଦଳ ଦାବୀ କରିଛି । ପ୍ରତିନିଧୀ ଦଳ କୋଭିଡ ନିୟମ ଏବଂ ନିର୍ବାଚନ ଆଚରଣ ବିଧି ଉଲ୍ଲଘଂନ କରିଥିବା ସମ୍ବଳିତ ଫଟୋ ଓ ଭିଡିଓ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରି ଆଗାମୀ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ଦାବୀ କରିଛି । ସମସ୍ତ ଅଭିଯୋଗକୁ ଅତିରିକ୍ତ ନିର୍ବାଚନ ଅଧିକାରୀ ଶୁଣିବା ପରେ ୭୨ ଘଂଟା ଭିତରେ ଶାସକ ଦଳକୁ କାରଣ ଦର୍ଶାଅ ନୋଟିସ ପଠାଇ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିନିଧୀ ଦଳ ଆଗରେ ପ୍ରତିଶୃତି ଦେଇଛନ୍ତି । ଏହି ପ୍ରତିନିଧି ଦଳରେ ରାଜ୍ୟ ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଏବଂ ଲିଗାଲ୍ କୋଡିନେଟର ଜୟନ୍ତ ଜେନା ପ୍ରମୁଖ ସାମିଲ ଥିଲେ ।

# ଭଂଜସେନାର ନୂତନ କର୍ମକର୍ତ୍ତା ମନୋନୀତ

ବାରିପଦା ,୧୭।୧୦ (ନି.ପ୍ର): ମୟୂରଭଂଜ ଜିଲାର ଅଗ୍ରଣୀ ଅଣରାଜନୈତିକ ଯୁବଛାତ୍ର ସଂଗଠନ ଭସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅନୁମୋଦନ କ୍ରମେ ଜିଲ୍ଲା କମିଟିର ପୂର୍ବ କମିଟି ସହିତ ନୂତନ ଭାବରେ ଆଉ କେତେକ କର୍ମକର୍ତାଙ୍କ ନାମ ଘୋଷଣା କରାଯାଇଛି । ଏଥିସହିତ କେତେକ ପଦବୀରେ ଅଦଳବଦଳ କରାଯାଇଥିବାର ଭସେନାର ମୁଖପାତ୍ର ଜ୍ୟୋତି ରଂଜନ ପୃଷ୍ଟି ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି । ଘୋଷଣା ଅନୁଯାୟୀ ନୂତନ କର୍ମକର୍ତାଙ୍କ ମଧ୍ୟରେ ଉପାଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି ଓ ନିର୍ମାଇଁ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଲକ୍ଷ୍ମଣ ଟୁଡୁ (ଗୋରୁମହିଷାଣୀ ବିକାଶ ପରିଷଦର ସଭାପତି), ଉପସଭାପତି ରାକେଶ ମହାନ୍ତି, ପ୍ରଦୀପ ଦେ, ଜିତେନ୍ଦ୍ର ହେମ୍ବ୍ରମ ଓ ରତିରଂଜନ ରାଉତ, ସାଧାରଣ ସଂପାଦକ ଇଂ ରମଜାନ ବେଗ, ସଂପାଦକ ଏସ.କେ ରାଜା ଖାନ୍, ଗଣେଶ ମହାନ୍ତି ଓ ସୂର୍ଯ୍ୟକାନ୍ତ ପାଶା, ସଂଗଠନ ସଂପାଦକ ଧନୟ ସାହୁ, ଉପଖଣ୍ଡ ସଭାପତି ରବୀନ ମହାନ୍ତି (କପ୍ତିପଦା) ଓ ଦୀପକ ମହାନ୍ତ ( ପାଂଚପୀଢ଼) ଏବଂ ବାରିପଦା ସହରର ସାଧାରଣ ସଂପାଦକ ଅମିତ କୁମାର ବୁଆ ପ୍ରମୁଖଙ୍କ ନାମ ଘୋଷଣା କରାଯାଇଥିବାର ଜଣାଯାଇଛି ।

# ଆର୍ଥିକ ସାକ୍ଷରତା ଓ ଗୋଷ୍ଠୀ ସହାୟକଙ୍କ ତାଲିମ ଶିବିର ଉଦ୍‌ଯାପିତ

ଭଦ୍ରକ,୧୭।୧୦ (ନି.ପ୍ର): ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସୁଦୃଢ଼ କରିବା ନିମନ୍ତେ ଆର୍ଥିକ ସାକ୍ଷରତା ଓ ଗୋଷ୍ଠୀ ସହାୟକଙ୍କ ଏକ ୬ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି । ୟୁକୋ ଗ୍ରାମୀଣ ଆତ୍ମ ନିଯୁକ୍ତି ସଂସ୍ଥା ମାଧ୍ୟମରେ ନିର୍ଦ୍ଦେଶିକା ପ୍ରତିଭା ମଞ୍ଜରୀ ସାହୁଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି ଶିବିରରେ ତିହିଡି ବ୍ଲକରୁ ୨୫ଜଣ ପ୍ରଶିକ୍ଷାର୍ଥୀ ଭାଗ ନେଇ ତାଲିମପ୍ରାପ୍ତ ହୋଇଥିଲେ । ଆଜି ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ସଞ୍ଜୟ କୁମାର ବାରିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ପରାମର୍ଶ ଦେଇଥିଲେ । ତାଲିମପ୍ରାପ୍ତ ମହିଳାମାନେ ଆଗାମୀ ଦିନରେ ବେଶ୍ ସଫଳତା ହାସଲ କରିବେ ବୋଲି ଆଶାବ୍ୟକ୍ତ କରିଥିଲେ । ଏହି ଅବସରରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ କିଟ୍ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ଶାକ୍ତ ଗୁଣ୍ଡିଚା ଯାତ୍ରା ଓ ନବରାତ୍ର ପୂଜା ଆରମ୍ଭ

ପୁରୀ,୧୭।୧୦ (ନି.ପ୍ର): ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରେ ଶାକ୍ତଗୁଣ୍ଡିଚା ଯାତ୍ରା ଆରମ୍ଭ ହୋଇଛି । ଏଥି ସହିତ ବିଭିନ୍ନ ଦେବାଦେବୀ ପୀଠରେ ନବଦିନାତ୍ମକ ପୂଜା ଆରମ୍ଭ ହୋଇଛି । ଶାକ୍ତଗୁଣ୍ଡିଚା ବିଧି ମୁତାବକ ଦୁର୍ଗାମାଧବ ଶ୍ରୀମନ୍ଦିରରୁ ସୁସଜ୍ଜିତ ରଥରେ ବିଜେ ହୋଇ ଶ୍ରୀମନ୍ଦିରରୁ ବାହାରକୁ ଆସି ଦୋଳମଣ୍ଡପସାହି ସ୍ଥିତ ନାରାୟଣୀ ମନ୍ଦିରରେ ବିରାଜମାନ କରିଛନ୍ତି । ଏହିଯାତ୍ରା ଶୁକ୍ଳ ପ୍ରତିପଦାଠାରୁ ଆରମ୍ଭ ହୋଇ ଶୁକ୍ଳ ମହାନବମୀ ଦିନ ସମାପ୍ତ ହେବ । ଆଜି ଦୁର୍ଗାମାଧବ ରଥାରୂଢ ହୋଇ ନାରାୟଣୀ ମନ୍ଦିରରେ ପହଞ୍ଚିବା ପରେ ପରମ୍ପରା ଅନୁଯାୟୀ ପ୍ରତିହାରୀ ସେବାୟତ ତଥା ମେଓ୍ୱାଡ ପଣ୍ଡା ରଥ ଉପରେ ଗରାବଡୁ ଓ ପୂଜାପଣ୍ଡା ସେବକଙ୍କ ଦ୍ୱାରା ସୁବାସିତ ଜଳ ଓ କର୍ପୁର ଲାଗି କରାଇଥିଲେ । ଦୁର୍ଗାମାଧବଙ୍କୁ ଫୁଲ, ତୁଳସୀ, ବେଲପତର ଲାଗି କରିବା ସହିତ ଖଇକୋରା ଭୋଗ କରିଥିଲେ ପୂଜାପଣ୍ଡା ସେବକ । ମେଓ୍ୱାଡ ପଣ୍ଡାଙ୍କର ଗୃହିଣୀ ଜଳ ବ୍ୟବହାର ନକରି ଛେନା, ଛାଚି, ଅଳେଇଚ, ଅଟାରେ ପ୍ରସ୍ତୁତ କରିଥିବା ମାଣ୍ଡୁଅ ଭୋଗ ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ଶେଷ ହେବା ପରେ ଦୁର୍ଗାମାଧବଙ୍କ ସମ୍ମୁଖରେ ବାଢାଯାଇଥିଲା । ପୂଜାପଣ୍ଡା ମହାପ୍ରଭୁଙ୍କୁ ଭୋଗ ଲଗାଇବା ସହିତ କର୍ପୁର ଆଳତି ଓ ଜନାର୍ଦ୍ଦନ ଧୂପ ଆଳତି କରିଥିଲେ । ଶ୍ରୀମନ୍ଦିରରେ ମହାପ୍ରଭୁ ରାତ୍ର ଚନ୍ଦନଲାଗି ହେବା ପରେ ବିମାନବଡୁ ସେବକମାନେ ପୁନଶ୍ଚ ନାରାୟଣୀ ମନ୍ଦିରରୁ ପାଲିଙ୍କିରେ ଦୁର୍ଗାମାଧବଙ୍କୁ ବିଜେ କରି ଶ୍ରୀମନ୍ଦିର ଭିତରେ ଭଣ୍ଡାରଘର ପାଖରେ ଅବସ୍ଥାନ କରାଇଥିଲେ । ମହାନବମୀ ତିଥିରେ ଶାକ୍ତ ଗୁଣ୍ଡିଚାଯାତ୍ରା ଶେଷ ହେବ ।

# କରୋନା ଗାଇଡ୍ ଲାଇନ୍ ମାନି ପୂଜା କରିବୁ : ଡିଷ୍ଟ୍ରିକ୍ଟ ସେଂଟର ଦୁର୍ଗାପୂଜା କମିଟି

ଭୁବନେଶ୍ୱର,୧୭।୧୦ (ନି.ପ୍ର): ଚଳିତବର୍ଷ ଡିଷ୍ଟ୍ରିକ୍ଟ ସେଂଟର ଦୁର୍ଗାପୂଜା ସମ୍ପୂର୍ଣ୍ଣ ନିରାଡ଼ମ୍ବର, ସରକାରଙ୍କ କୋଭିଡ୍ ଗାଇଡ୍ ଲାଇନ୍-୧୯କୁ ସମ୍ମାନ ଜଣାଇ ବିନା ଭକ୍ତରେ ପୂଜା ପାଠ ହେବ । ନିୟମ ଅନୁଯାୟୀ ମା'ଙ୍କର ମୂର୍ତି ଉଚ୍ଚତା ୩ ଫୁଟରୁ ୩ ଫୁଟ ୧୦ଇଂଚ ମଧ୍ୟରେ ଏବଂ ସମସ୍ତ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତିର ଉଚ୍ଚତା ୪ ଫୁଟରୁ କମ୍ ରହିଛି । ପୂଜା ମଣ୍ଡପରେ ବ୍ରାହ୍ମଣ ୨ଜଣ , କର୍ତାକର୍ତା-୨, ପରିଚାଳନା କମିଟିରୁ-୨ (ରୋଷ୍ଟର ଅନୁଯାୟୀ), ଏବଂ ସହଯୋଗୀ-୧ଜଣ ମୋଟ ୭ଜଣଙ୍କୁ (ପାସ୍ ସିଷ୍ଟମ) ଅନୁମତି ପ୍ରଦାନ, ଏହିବର୍ଷ ଭସାଣୀ, ସମ୍ବର୍ଦ୍ଧନା ସଭା ଓ ମହାମିଳନ ଯାତ୍ରାକୁ ନିଷିଦ୍ଧ କରାଯାଇଛି । ଲଡୁହାଣ୍ଡି ମିଳିବ ନାହିଁ, ମାଇକ ବାଜିବ ନାହିଁ, ଲାଇଟ୍ ଜଳିବ ନାହିଁ ଏବଂ ଭଜନ ସମାରୋହ ହେବ ନାହିଁ ବୋଲି ସଭାପତି ଶ୍ରୀ ବିଶ୍ୱନାଥ ମହାନ୍ତି ସୂଚନା ଦେଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ପୁରୀରେ ବିକାଶ...

ଛାଇ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ ଯାହା ଦ୍ୱାରା ପରିକ୍ରମା ଆରାମଦାୟକ ହେବ । ହେରିଟେଜ୍ କରିଡରକୁ ଏପରି ଢଙ୍ଗରେ ଡିଜାଇନ୍ କରାଯିବା ଉଚିତ୍ ଯେ ଭିନ୍ନକ୍ଷମ ବ୍ୟକ୍ତି ନିଜେ ନିଜେ ପରିକ୍ରମା କରିବାକୁ ସକ୍ଷମ ହୋଇପାରିବେବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମେଘନାଦ ପାଚେରୀ ପାଖରେ କୌଣସି ବୈଦ୍ୟୁତିକ ସବଷ୍ଟେସନ୍ କିମ୍ବା ମାଷ୍ଟର ପ୍ଲାନରେ ନିୟନ୍ତ୍ରଣ ନରଖିବାକୁ ପରାମର୍ଶ ଦେଇଛନ୍ତି । ଦୂର ସ୍ଥାନରୁ ଆସୁଥିବା ଭକ୍ତମାନଙ୍କ ପାଇଁ, ସେମାନଙ୍କର ଜିନିଷ ରଖିବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯିବା ଉଚିତ୍ ବୋଲି ସେ କହିଛନ୍ତି । ଉତର ପାର୍ଶ୍ୱକୁ ସମୀକ୍ଷା କରିବାବେଳେ ଗୋଟିଏ ଥରରେ ବହୁ ସଂଖ୍ୟକ ଲୋକଙ୍କୁ ମହାପ୍ରସାଦ ପ୍ରଦାନ ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଥିଲେ । ଏହି ପ୍ରକଳ୍ପ ପାଇଁ ଜମି ଦାନ କରିଥିବା ଲୋକଙ୍କୁ ପୁଣିଥରେ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଛନ୍ତି । ବିଭିନ୍ନ ବିଭାଗର ଅଧିକାରୀ ତଥା କର୍ମଚାରୀ ତଥା ଜିଲ୍ଲା ପ୍ରଶାସନର କଠିନ ପରିଶ୍ରମ ପାଇଁ ସେମାନଙ୍କୁ ପ୍ରଶଂସା କରିଛନ୍ତି । ଏହି ଅବସରରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଓ ୫ଟି ସଚିବ ଭି କେ ପାଣ୍ଡିଆନ ଉପସ୍ଥିତ ଥିଲେ ।

## ଲଘୁଚାପ ପ୍ରଭାବରେ...

ଏହି ଦୃଷ୍ଟିରୁ ସେ ସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୨୦ରୁ ୨୧ପର୍ଯ୍ୟନ୍ତ ଗଞ୍ଜାମ ଓ ଗଜପତି ରେ ଅତିପ୍ରବଳ ବର୍ଷା ସମ୍ଭାବନା ନେଇ ଅରେଞ୍ଜ ୱାର୍ଣ୍ଣିଂ ଏବଂ ମାଲକାନଗିରି, କୋରାପୁଟ, ରାୟଗଡ଼ା ଓ ପୁରୀକୁ ୟେଲୋୱାର୍ଣ୍ଣିଂ ଜାରି କରଯାଇଛି । ଏହା ସହ ଅକ୍ଟୋବର ୨୧ରୁ ୨୨ପର୍ଯ୍ୟନ୍ତ ମାଲକାନଗିରି,କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ଭଦ୍ରକକୁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

## ଖୋଲିଲା ସାଂସଦ...

ଏନେଇ ଆଗାମୀ ଦିନରେ ନ୍ୟାୟାଳୟର ଦ୍ୱାରସ୍ଥ ହୋଇପାରନ୍ତି । ତାଙ୍କ ଜନ୍ମଦିନ ଦିନ ଉପସ୍ଥିତ ତାଙ୍କର କୌଣସି ସମର୍ଥକ କିମ୍ବା ସେ ନିଜେ କୋଭିଡରେ ଆକ୍ରାନ୍ତ ହୋଇ ନାହାନ୍ତି । ଏଭଳି ସ୍ଥିତିରେ ପୂରା ଅଫିସକୁ ସିଲ୍ କରିବା ଉଚିତ୍ ନଥିଲା ବୋଲି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି । ଉଲ୍ଲେଖ୍ୟଯୋଗ୍ୟରେ କାର୍ଯ୍ୟାଳୟରେ ଅପରାଜିତାଙ୍କ ଜନ୍ମଦିନ ଉତ୍ସବ ପାଳନର ଭିଡିଓ ଆଧାରରେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା ।

## ଦାଦାବଟି ଆଦାୟ...

ଆଦାୟ ଅଭିଯୋଗରେ ରାଜା ଆଚାର୍ଯ୍ୟକୁ ଗିରଫ କରାଯାଇଛି । ଏଥିପାଇଁ ସେ କ୍ୟାପିଟାଲ ଥାନାର ସମସ୍ତ ଅଧିକାରୀ, ଏସିପି ମାନସ ଗଡ଼ନାୟକ ଓ ଭୁବନେଶ୍ୱର ଡିସିପି ଙ୍କୁ ସାଧୁବାଦ ଜଣାଇଛନ୍ତି । ଏହାସହ ଜନ ସାଧାରଣଙ୍କୁ ଦାଦାବଟି ନଦେବାକୁ ଓ ଏ ସଂକ୍ରାନ୍ତରେ କିଛି ଖବର ପାଇଲେ ଜଣାଇବାକୁ ପୋଲିସ୍ କମିଶନର ଅନୁରୋଧ କରିଛନ୍ତି ।

## ରାଜ୍ୟରେ ଆଉ ୧୭ ଜଣଙ୍କର...

ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ଭୁବନେଶ୍ୱରର ଜଣେ ୭୩ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱର ୭୬ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ । ଜଗତସିଂହପୁର ଜଣେ ୭୯ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । କଟକ ଜିଲ୍ଲାର ଜଣେ ୬୫ ବର୍ଷୀୟ ମହିଳ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । କଟକ ଜିଲ୍ଲାର ଜଣେ ୪୯ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । କନ୍ଧମାଳ ଜିଲ୍ଲାର ଜଣେ ୫୩ ବର୍ଷୀୟ କୋରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । କେନ୍ଦୁଝର ଜିଲ୍ଲାର ଜଣେ ୭୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଖୋର୍ଦ୍ଧା ଜିଲ୍ଲାର ଜଣେ ୩୭ ବର୍ଷୀୟ କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ଘଟିଛି । ମୟୁରଭଂଜ ଜିଲ୍ଲାର ଜଣେ ୫୮ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁ ଘଟିଛି । ନୟାଗଡ ଜିଲ୍ଲାର ଜଣେ ୬୬ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାର ଜଣେ ୭୭ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ରାଉରକେଲାର ଜଣେ ୬୪ ବର୍ଷୀୟ କରୋନା ଆକ୍ରାନ୍ତ ମହିଳାଙ୍କ ମୃତ୍ୟୁ ଘଟିଛି । ସମ୍ବଲପୁର ଜିଲ୍ଲାର ଜଣେ ୭୫ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ ।

## ୨୪ ଘଂଟାରେ ୨,୮୪୨ ...

କେନ୍ଦୁଝରରୁ ୬୮ ,ଢେଙ୍କାନାଳରୁ ୬୦ ,ବଲାଙ୍ଗୀରରୁ ୫୮ ,ନବରଂଗପୁର ଜିଲ୍ଲାରୁ ୫୩ଜଣ, କନ୍ଧମାଳରୁ ୫୦, ସୁବର୍ଣ୍ଣପୁର ଜିଲ୍ଲାରୁ ୪୮ ଜଣ, କୋରାପୁଟରୁ ୪୧, ମାଲକାନଗିରିରୁ ୪୧, ଗଞ୍ଜାମରୁ ୩୦, ବାଲେଶ୍ୱରରୁ ୨୭, ବୌଦ୍ଧରୁ ୨୧, ରାୟଗଡ଼ାରୁ ୧୮, ଦେବଗଡ଼ରୁ ୧୭, ଗଜପତିରୁ ୧୩ ଓ ଷ୍ଟେଟ ପୁଲରୁ ୧୨୮ଜଣ ସୁସ୍ଥ ହୋଇଛନ୍ତି ।

## ରାଜ୍ୟରେ ...

ସୁନ୍ଦରଗଡ଼ ଜିଲ୍ଲାରୁ ୯୧ଜଣ, ଜଗତସିଂହପୁରରୁ ୮୫, ନୟାଗଡ଼ରୁ ୭୮ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୭୬ଜଣ, ଯାଜପୁର ଜିଲ୍ଲାରେ ୧୦୦୬୯, ଝାରସୁଗୁଡା ଜିଲ୍ଲାରେ ୫୭୩୦, କଳାହାଣ୍ଡି ଜିଲ୍ଲାରେ ୪୪୬୧, କନ୍ଧମାଳ ୫୩୨୩, କେନ୍ଦ୍ରାପଡା ଜିଲ୍ଲାରେ ୬୬୮୭, କେନ୍ଦୁଝର ଜିଲ୍ଲାରେ ୫୪୮୦ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରେ ୬୮୬୯ , ମାଲକାନଗିରି ଜିଲ୍ଲାରେ ୪୪୩୩, ମୟୁରଭଂଜ ଜିଲ୍ଲାରେ ୧୦୧୪୧. ନବରଙ୍ଗପୁର ଜିଲ୍ଲାରେ ୪୬୭୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୫୫୬୪, ନୂଆପଡା ଜିଲ୍ଲାରେ ୪୬୭୫ , ପୁରୀ ଜିଲ୍ଲାରେ ୧୧,୭୪୧, ରାୟଗଡା ଜିଲ୍ଲାରେ ୭୮୯୧. ସମ୍ବଲପୁର ଜିଲ୍ଲାରେ ୭୪୬୯ . ସୁବର୍ଣପୁର ଜିଲ୍ଲାରେ ୪୦୨୨ ଓ ସୁନ୍ଦରଗଡ ଜିଲ୍ଲାରେ ୯୬୪୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟପୁଲରେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ୬୯୦୮ ହୋଇଛି ।

## ଉପ-ନିର୍ବାଚନରେ ...

ନଥିଲେ ବି ଦେଶ ଓ ରାଜ୍ୟର ହିତଦୃଷ୍ଟିରୁ ବିଭିନ୍ନତା ମଧ୍ୟରେ ଏକତା, ଦେଶର ସମ୍ବିଧାନ, ଧର୍ମନିରପେକ୍ଷତା ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଆସନ୍ତା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କୁ ସମର୍ଥନ କରିବ ବୋଲି ଶ୍ରୀ କାନୁନଗୋ ସାମ୍ବାଦିକମାନଙ୍କୁ ସୂଚନା ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ସିପିଆଇର ରାଜ୍ୟ ସହସଂପାଦକ ଡାକ୍ତର ପ୍ରଶାନ୍ତ ମିଶ୍ର, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଜୟନ୍ତ ଦାସ, ବାଲେଶ୍ୱର ଜିଲ୍ଲା ସଂପାଦକ ନିରଞ୍ଜନ ବାରିକ, ସହସମ୍ପାଦକ ଭାଗବତ ପ୍ରତିହାରୀ ଓ ଅନାମ ପ୍ରସାଦ ବାରିକ, କାର୍ଯ୍ୟକାରୀ କମିଟି ସଦସ୍ୟ ଗୌରାଙ୍ଗ ପାଣିଗ୍ରାହୀ ଓ ମାୟାଧର ନାୟକ, ସହର କମିଟି ସଂପାଦକ ଜୟନ୍ତ ମହାନ୍ତି, ଶ୍ୟାମସୁନ୍ଦର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଗୁରୁତର ଅସୁସ୍ଥ ...

ଆକ୍ରାନ୍ତ ହୋଇ ଭୁବନେଶ୍ୱରରେ ଚିକିତ୍ସାଧିନ ଥିବାରୁ ଛାତ୍ର ଛାତ୍ରୀ ସଂଘ ତରଫରୁ ସେମାନଙ୍କର ମଧ୍ୟ ଆଶୁ ଆରୋଗ୍ୟ କାମନା କରାଯାଇଥିଲା । ସଭା ଶେଷରେ ଅନୁଷ୍ଠାନର ସହ ସଂପାଦକ ତଥା ସିଆରସିସି ପ୍ରିୟବ୍ରତ ବାରିକ ନିଜର ବକ୍ତବ୍ୟ ପ୍ରଦାନ ସହ ଏଥିରେ ଅଂଶଗ୍ରହଣ ପୁର୍ବକ ପୂଜ୍ୟ ପୂଜାର ପରମ୍ପରାରେ ବିଶ୍ୱାସ ରଖିଥିବା ସମସ୍ତ ସଦସ୍ୟ ମାନଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଥିଲେ ।

# ଗୋଟିଏ ଦିନରେ ୨୧୯୬ କରୋନା ଆକ୍ରାନ୍ତ ଚିହ୍ନଟ

## ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୬୬୩୪୫

ଭୁବନେଶ୍ୱର,୧୭।୧୦ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୧୯୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୨୬୬୩୪୫ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୨୪୧୩୮୫ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୩୭୮୬ ରହିଛି ।

ଆଜି ଚିହ୍ନଟ ହୋଇଥିବା ୨୧୯୬ ଜଣଙ୍କ ମଧ୍ୟରୁ ୧୨୭୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୯୨୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୨୫୯ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୧୦୭ , ବାଲେଶ୍ୱର ଜିଲ୍ଲାରେ ୧୦୪ ଜଣ, ବରଗଡ ଜିଲ୍ଲାରେ ୮୦ , ଭଦ୍ରକ ଜିଲ୍ଲାରେ ୧୬, ବଲାଙ୍ଗିର ଜିଲ୍ଲାରେ ୭୧, ବୌଦ୍ଧ ଜିଲ୍ଲାରେ ୩୨ ,କଟକ ଜିଲ୍ଲାରେ ୧୭୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ସେହିପରି ଢେଙ୍କାନାଳ ଜିଲ୍ଲାରେ ୩୩, ଗଜପତି ଜିଲ୍ଲାରେ ୭, ଗଂଜାମ ଜିଲ୍ଲାରେ ୧୩, ଜଗତସିଂହପୁର ଜିଲ୍ଲାରେ ୮୬, ଯାଜପୁର ଜିଲ୍ଲାରେ ୧୧୩. ଝାରସୁଗୁଡା ଜିଲ୍ଲାରେ ୭୧, କଳାହାଣ୍ଡି ଜିଲ୍ଲାରେ ୯୪, କନ୍ଧମାଳ ଜିଲ୍ଲାରେ ୩୪, କେନ୍ଦ୍ରାପଡା ଜିଲ୍ଲାରେ ୮୨ ,କେନ୍ଦୁଝର ଜିଲ୍ଲାରେ ୬୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୨୯ ଜଣ, ମାଲକାନଗିରି ଜିଲ୍ଲାରେ ୩୮, ମୟୁରଭଂଜ ଜିଲ୍ଲାରେ ୧୧୯, ନବରଙ୍ଗପୁରରେ ୫୦, ନୟାଗଡ ଜିଲ୍ଲାରେ ୨୦, ନୂଆପଡା ଜିଲ୍ଲାରେ ୧୦୮, ପୁରୀ ଜିଲ୍ଲାରେ ୭୭, ରାୟଗଡା ଜିଲ୍ଲାରେ ୧୪, ସମ୍ବଲପୁର ଜିଲ୍ଲାରେ ୩୭ ,ସୋନପୁର ଜିଲ୍ଲାରେ ୭୦ ତଥା ସୁନ୍ଦରଗଡ ଜିଲ୍ଲାରେ ୧୪୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟ ପୁଲରେ ୫୦ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ୬ ବର୍ଷ ହେଲାଣି ବିଦ୍ୟୁତ୍ କନେକସନ ନାହିଁ : ଆସିଛି ୪.୫ ଲକ୍ଷ ଟଙ୍କାର ବିଲ

## ବିଦ୍ୟୁତ କମ୍ପାନୀର ଖାମଖିଆଲ ମନୋଭାବ ଯୋଗୁଁ ପେଷି ହେଉଛନ୍ତି ଗରିବ ପରିବାର

ବାରିପଦା ,୧୭।୧୦ (ନି.ପ୍ର) : ନେସ୍କୋର ଖାମଖିଆଲ ମନୋଭାବ ଯୋଗୁଁ ଅନ୍ଧାରରେ କାଳକାଟୁଛନ୍ତି ଗରିବ ପରିବାର । ୬ ବର୍ଷ ହେଲାଣି ବାସଗୃହରେ ବିଦ୍ୟୁତ ସଂଯୋଗ ନଥାଇ ମଧ୍ୟ ଆସିଛି ସାଢେ ଚାରି ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଦ୍ୟୁତ ବକେୟା ବିଲ । ଉପଭୋକ୍ତାଙ୍କୁ ବିଦ୍ୟୁତ କମ୍ପାନୀଙ୍କ ଶୋଷଣ ନେଇ ମୟୂରଭ ରାସଗୋବିନ୍ଦପୁର ବ୍ଲକ ଗାଁଅମରଦାରୁ ଆସିଛି ଏଭଳି ଏକ ସଙ୍ଗୀନ ଅଭିଯୋଗ । ଗାଁର ଏକ କୋଣରେ ଭଙ୍ଗାଦଦରା ଘରେ ମାନସିକ ବିକାରଗ୍ରସ୍ତ ପୁଅକୁ ନେଇ ଦୀର୍ଘବର୍ଷ ହେଲା ରହିଆସୁଛନ୍ତି ୮୨ ବର୍ଷୀୟା ବୃଦ୍ଧା ସରସ୍ୱତୀ ଦାସ । ଘରେ ୬ବର୍ଷ ହେଲା ବିଦ୍ୟୁତ ବଲବ ଜଳୁନଥିବା ବେଳେ ସ ନଇଁଲେ ଡିବିରି ଆଲୁଓକୁ ଭରସା କରି କାଳ କାଟୁଛନ୍ତି ମାଆ ଓ ପୁଅ । ହେଲେ ୨୦୨୦ ଜୁଲାଇ ସୁଦ୍ଧା ନେସ୍କୋ ୱେବସାଇଟରେ ସରସ୍ୱତୀଙ୍କ ଘରର ବିଦ୍ୟୁତ ବିଲ ବାବଦରେ ବକେୟା ରହିଛି ୪ ଲକ୍ଷ ୫୩ ହଜାର ୩୮୧ ଟଙ୍କା । ଯାହାକି ସମସ୍ତଙ୍କୁ ଅଚମ୍ବିତ କରିଦେଇଛି । ସରସ୍ୱତୀଙ୍କ ଘର ତାଙ୍କ ସ୍ୱାମୀ ବେଣୁଧର ଦାସଙ୍କ ନାଁରେ ରହିଥିଲା ବେଳେ ବିଦ୍ୟୁତ ବିଲ ତାଙ୍କରି ନାଁରେ ରହିଛି । ତେବେ ୨୦୧୪ ମାର୍ଚ୍ଚ ସୁଦ୍ଧା ସରସ୍ୱତୀଙ୍କ ଘରର ବିଦ୍ୟୁତ ବିଲ ବାବଦକୁ ୧୨ ହଜାର ଟଙ୍କା ବକେୟା ଥିଲା । ହେଲେ ଏତେ ଟଙ୍କା ପୈଠ ପାଇଁ ସେ ସକ୍ଷମ ନଥିବାରୁ ତାଙ୍କ ଘରୁ ବିଦ୍ୟୁତ ସଂଯୋଗ ବିଭାଗ ତରଫରୁ କାଟି ଦିଆଯାଇଥିଲା । ସେହିଦିନ ଠାରୁ ସରସ୍ୱତୀ ବିଦ୍ୟୁତ ସଂଯୋଗ ପାଇଁ ବାରମ୍ବାର ବିଭାଗୀୟ କାର୍ଯ୍ୟାଳୟକୁ ଦୌଡୁଥିଲେ ବି କିଛି ସୁଫଳ ମିଳିପାରିନାହିଁ । ଏଥିପାଇଁ ଦୀର୍ଘ ବର୍ଷ ଧରି ଏହି ପରିବାର ବିନା ବିଦ୍ୟୁତ ସଂଯୋଗରେ ରହି ଆସୁଛନ୍ତି । ହେଲେ ଏବେ ମୋଟା ଅଙ୍କର ବିଦ୍ୟୁତ ବିଲ ସରସ୍ୱତୀଙ୍କ ମୁଣ୍ଡରେ ଚଡକ ପକାଇଦେଇଛି । ବକେୟା ବିଲ ପୈଠ ପାଇଁ ଆର୍ଥିକ କ୍ଷେତ୍ରରେ ଅସମର୍ଥ ଥିବା ସରସ୍ୱତୀଙ୍କ ଘରକୁ ପୁଣିଥରେ ବିଦ୍ୟୁତ ସଂଯୋଗ ଆସିବ କି ନାହିଁ ଚିନ୍ତା ଘାରିଛି । ଏନେଇ ବାରିପଦା ନେସ୍କୋ ନିରୀକ୍ଷଣ ଯନ୍ତ୍ରୀଙ୍କୁ ଅବଗତ କରିବା ପରେ ସେ ଏନେଇ ପଦକ୍ଷେପ ଗ୍ରହଣ କରିବା ସହ ଭୁଲର ସଂଶୋଧନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ତେବେ ସରକାର ସବୁ ଘରକୁ ବିଜୁଳି ଯୋଗାଇ ଦେବା ଉପରେ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରି କାର୍ଯ୍ୟ କରିଆସୁଥିବା ବେଳେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଏଭଳି ଖାମଖିଆଲି ନିତି ଯୋଗୁ ଏବେବି ବହୁ ଗରୀବ ଲୋକ ବିଜୁଳି ଆଲୋକ ସୁବିଧାରୁ ବଂଚିତ ହେଉଛନ୍ତି । ଏହିଭଳି ସମସ୍ୟା କେବଳ ଏକା ସରସ୍ୱତୀଙ୍କର ନୁହେଁ ବରଂ ବହୁ ଆର୍ଥିକ ଅନଗ୍ରସର ଲୋକଙ୍କ ଏଭଳି ସମସ୍ୟା ଥିବାରୁ ବର୍ଷବର୍ଷ ଧରି ଲୋକେ ଅନ୍ଧାରରେ କାଳ କାଟିବାକୁ ଏକପ୍ରକାର ବାଧ୍ୟ ହେଉଛନ୍ତି । ଏଣୁ ଏବାବଦରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ବୁଦ୍ଧିଜିବୀ ମହଲରେ ଦାବୀ ହେଉଛି ।

ରବିବାର,୧୮ ଅକ୍ଟୋବର ୨୦୨୦

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଛାତ୍ର କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୧୭।୧୦ (ନି.ପ୍ର): ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ନାରୀ ନିର୍ଯ୍ୟାତନା ଓ ଦୁର୍ଷ୍କର୍ମ ହୁ ହୁ ହୋଇ ବଢ଼ିଚାଲିଛି। ମୁଖ୍ୟମନ୍ତ୍ରୀ ନିଜେ ଗୃହ ବିଭାଗର ଦାୟିତ୍ୱରେ ଥିଲେ ମଧ ଏହାକୁ ରୋକିବାରେ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଛାତ୍ର କଂଗ୍ରେସ ପୂର୍ବତନ ସଂଯୋଜକ ୟାସିର ନୱାଜଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା କଂଗ୍ରେସ ଭବନରୁ ମାଷ୍ଟର କ୍ୟାଂଟିନ ଛକପର୍ଯ୍ୟନ୍ତ ଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାସହ ସେଠାରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକ ଦାହ କରାଯାଇଥିଲା।

ଏହି ବିକ୍ଷୋଭ ସମାବେଶରେ ୟାସିର ନୱାଜ କହିଛନ୍ତି ଯେ ଓଡ଼ିଶାରେ ଜାତୀୟ କ୍ରାଇମ ରେକର୍ଡ଼ ବ୍ୟୁରୋ ରିପୋର୍ଟ ଅନୁଯାୟୀ ମହିଳା ବିରୋଧୀ ଅପରାଧରେ ୨୦୧୭ ରେ ଓଡ଼ିଶା ପ୍ରଥମ ଏବଂ ୨୦୧୮ରେ ଏହି ସଂଖ୍ୟା ବଢ଼ି ୨୦୨୪୭ ଏବଂ ୨୦୧୯ ରେ ୨୩୧୮୩ ରେ ପହଂଚି ଥିଲା। ବିଶେଷ କରି ନାରୀ ଅସଦାଚରଣ କ୍ଷେତ୍ରରେ ଭାରତ ବର୍ଷରେ ଉତରପ୍ରଦେଶ ପ୍ରଥମ ଏବଂ ଓଡ଼ିଶା ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଯଦି ଜନସଂଖ୍ୟା ହିସାବକୁ ନିଆଯାଏ ତେବେ ଓଡ଼ିଶା ଦେଶରେ ପ୍ରଥମ। ମୁଖ୍ୟମନ୍ତ୍ରୀଙ୍କର ମା'କୁ ସମ୍ମାନ କେବଳ ଫମ୍ପା ସ୍ଲୋଗାନ ଛଡ଼ା ଅନ୍ୟକିଛି ନୁହେଁ। ବିଧାନସଭା ଠାରୁ ପଂଚାୟତସ୍ତର ପର୍ଯ୍ୟନ୍ତ ସବୁଠାରେ ନାରୀ ଦୁର୍ଷ୍କର୍ମ ନାରୀ ନିର୍ଯ୍ୟାତନା ଘଟଣାରେ ବିଜେଡ଼ି ଦଳର ମନ୍ତ୍ରୀ ଠାରୁ ବିଧାୟକ, ସାଂସଦ ଓ ସରପଂଚ ପର୍ଯ୍ୟନ୍ତ ସମସ୍ତେ ସଂପୃକ୍ତ। ନବୀନ ପଟ୍ଟନାୟକଙ୍କ ୨୦ବର୍ଷର ଶାସନରେ ବେବିନା, ମାଧବୀଲତା, ଟିକିରୀ ଶିକ୍ଷୟତ୍ରୀ ଇତିଶ୍ରୀ, କୁନ୍ଦୁଲୀ ଛାତ୍ରୀ ସୁସ୍ମିତା, ଯାଜପୁରର ସ୍ମିତାରାଣୀଙ୍କ ଆତ୍ମା ନ୍ୟାୟ ପାଇଁ ଅପେକ୍ଷା କରିଛି। ଅଧିକାଂଶ ଗଣଦୁଷ୍କର୍ମ ଘଟଣାରେ ପୋଲିସ୍ ସଂପୃକ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କ ବାହୁଛାୟାତଳେ ସୁରକ୍ଷିତ ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ମନୋରଞ୍ଜନ ଦାସ, ଚିନ୍ମୟ ସୁନ୍ଦର ଦାସ, ମୋହନ ଗାନ୍ଧୀ, ସଂକୁନା କହଁର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବାରିପଦା ମୁଖ୍ୟଡାକ ଘରେ ସିବିଆଇ ଚଢାଉ

### ଅତିରିକ୍ତ ପୋଷ୍ଟମାଷ୍ଟର ମନୋଜ ମହାନ୍ତ ୫ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଗିରଫ

ବାରିପଦା ,୧୭।୧୦ (ନି.ପ୍ର): ୫ହଜାର ଟଙ୍କା ଲାଂଚ ନେଉଥିବା ବେଳେ ବାରିପଦା ମୁଖ୍ୟ ଡାକଘରେ କାର୍ଯ୍ୟରତ ଥିବା ଅତିରିକ୍ତ ପୋଷ୍ଟମାଷ୍ଟର (ଆକାଉଂଟ) ମନୋଜ କୁମାର ମହାନ୍ତଙ୍କୁ ଗତ ୧୬ ତାରିଖ ସଂଧ୍ୟାରେ ମାଡି ବସିଲା ସିବିଆଇର ୧୦ ଜଣିଆ ସ୍ୱତନ୍ତ୍ର ଟିମ। ଅଭିଯୋଗ ମୁତାବକ ବିଲ ପାସ କରାଇ ଦେବାକୁ ଜନୈକ ଡାକ ବିଭାଗୀୟ କର୍ମଚାରୀ ହରିହର ମାଝୀଙ୍କ ଠାରୁ ଅତିରିକ୍ତ ପୋଷ୍ଟ ମାଷ୍ଟର ଲାଂଚ ମାଗିଥିଲେ। ଶ୍ରୀ ମାଝି ଏ ନେଇ ସିବିଆଇର ଦ୍ୱାରସ୍ଥ ହୋଇଥିଲେ। ଯାହାକୁ ନେଇ ସିବିଆଇ ପକ୍ଷରୁ ଏକ ୧୦ ଜଣିଆ ଟିମ୍ ଗଠନ କରାଯାଇ ଲାଂଚୁଆ ଅଧିକାରୀ ମନୋଜ କୁମାର ମହାନ୍ତଙ୍କୁ ଧରିବା ପାଇଁ ଯୋଜନା



କରିଥିଲେ। ଯୋଜନା ମୁତାବକ ଆଜି ମନୋଜ ହରିହରଙ୍କ ଠାରୁ ଅଫିସ ପରିସରରେ ଲାଂଚ ନେଉଥିବା ବେଳେ ଭୁବନେଶ୍ୱରରୁ ଆସିଥିବା ସିବିଆଇ ଟିମ ତାଙ୍କୁ ରେଡ ହ୍ୟାଣ୍ଡରେ କାବୁ କରିଥିଲା । ସିବିଆଇ ଟିମ ଅତିରିକ୍ତ ପୋଷ୍ଟମାଷ୍ଟର (ଆକାଉଂଟ) ମନୋଜ କୁମାର ମହାନ୍ତଙ୍କ ବାରିପଦା ଅଫିସ ଓ ଭପୁର ସ୍ଥିତ ବାସ ଭବନ ଉପରେ ଏକକାଳୀନ ସଂଧ୍ୟା ୫ ଘଟିକା ଠାରୁ ରାତ୍ରୀ ୧୦ ଘଟିକା ପର୍ଯ୍ୟନ୍ତ ଚଢାଉ କରାଯିବା ସହିତ ଅତିରିକ୍ତ ପୋଷ୍ଟମାଷ୍ଟର (ଆକାଉଂଟ) ମନୋଜ କୁମାର ମହାନ୍ତଙ୍କୁ ସିବିଆଇ ଟିମ ଗିରଫ କରିଥିବାର ଜଣାଯାଇଛି।

ନାମଲେଖା ଚାଲିଛି

"ସା ବିଦ୍ୟା ଯା ବିମୁକ୍ତୟେ"

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

## ଉପ-ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କୁ ସିପିଆଇର ସମର୍ଥନ ଘୋଷଣା




ବାଲେଶ୍ୱର,୧୭।୧୦ (ନି.ପ୍ର): ସାଧାରଣ ଜନତାଙ୍କ ସ୍ୱାର୍ଥରକ୍ଷାରେ ବିଫଳ ହୋଇଥିବା ରାଜ୍ୟର ବିଜେଡି ସରକାର ଓ କେନ୍ଦ୍ରର ବିଜେପି ସରକାରକୁ ବିରୋଧ ସହ ଚଳିତ ବାଲେଶ୍ୱର ଉପ-ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କୁ ସମର୍ଥନ କରିବା ନେଇ କର୍ମକର୍ତ୍ତାମାନେ ଆଜି ସ୍ପଷ୍ଟ କରିଛନ୍ତି। ସିପିଆଇ ବାଲେଶ୍ୱର ଜିଲ୍ଲା କମିଟିର ବୈଠକ ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପାର୍ଟିର ରାଜ୍ୟ ସଂପାଦକ ଆଶିଷ କାନୁନଗୋ ଦେଶ ଓ ରାଜ୍ୟର ସାଂପ୍ରତିକ ଏ ସମ୍ପର୍କରେ ସୂଚନା ଦେବା ସହ ରାଜନୈତିକ ସ୍ଥିତି ସଂପର୍କରେ ସାମ୍ବାଦିକମାନଙ୍କୁ ଅବଗତ କରିଥିଲେ । କରୋନା ମହାମାରୀ ଆଳରେ ଲକ୍‌ଡାଉନ୍, ଶଟ୍‌ଡାଉନ୍ କରାଇ ଲୋକଙ୍କୁ ଘରେ ବନ୍ଦ ରଖି, ସେମାନଙ୍କ ପ୍ରତିବାଦର ସ୍ୱରକୁ ମାସ୍କ ଭିତରେ ବନ୍ଦ କରି ଦେଶରେ ବିଜେପି ସରକାର ସମ୍ବିଧାନ ବିରୋଧୀ, ଶ୍ରମିକ ବିରୋଧୀ, କୃଷକ, ଛାତ୍ର-ଶିକ୍ଷକ ଓ ମହିଳା ବିରୋଧୀ ଆଇନ ସବୁ ପ୍ରଣୟନ କରି ଦେଶର ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ବିପର୍ଯ୍ୟୟ ଆଣିଦେଇଛି। ବିଜେପି ବିରୋଧରେ ଜନଗଣଙ୍କର ଅସନ୍ତୋଷ ବଢ଼ିଚାଲିଛି। ବିଜେପି ବିରୋଧରେ ବିଜେଡ଼ି ଓଡ଼ିଶାରେ ଲୋକଦେଖାଣିଆ ଲଢ଼େଇ କରୁଥିବା ବେଳେ କେନ୍ଦ୍ରରେ ବିଜେପି ସରକାରର ସମସ୍ତ ଜନ ବିରୋଧୀ ନୀତିକୁ ସମର୍ଥନ ଦେଇଆସିଛି। ବିଜେପି ଓ ବିଜେଡ଼ି ସରକାର ଉଭୟ ଦୁର୍ନୀତିରେ ବୁଡ଼ି ରହିଛନ୍ତି। ଆଗାମୀ ବାଲେଶ୍ୱର ବିଧାନସଭା ଉପ-ନିର୍ବାଚନରେ ସିପିଆଇ ନିଜର ପ୍ରାର୍ଥୀ ଦେଇ ▶▶ପୃଷ୍ଠା ୭

### ବିଜୁଳି ଦର ବୃଦ୍ଧି ଅତ୍ୟନ୍ତ ଦୁର୍ଭାଗ୍ୟଜନକ: ସି.ପି.ଆଇ (ଏମ୍-ଏଲ୍) ଲିବରେସନ୍

ଭୁବନେଶ୍ୱର,୧୭।୧୦ (ନି.ପ୍ର): ବିଦ୍ୟୁତ୍ ନିୟାମକ ଆୟୋଗ ଅନ୍ୟାୟ ଭାବେ ଅକ୍ଟୋବର ୧ତାରିଖରୁ ୟୁନିଟ୍ ପିଛା ୨୦ ପଇସା ବୃଦ୍ଧି କରିବା ପଛରେ କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ ବୋଲି କହିଛନ୍ତି ସିପିଆଇ (ଏମଏଲ)ର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର । ସେ କହିଛନ୍ତି ଯେ ଗୋଟିଏ ଜନମଙ୍ଗଳ ରାଜ୍ୟରେ ଜନଗଣଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦିଆଯାଏ । ହେଲେ ବିଦ୍ୟୁତ୍ ନିୟାମକ ଆୟୋଗ ଓ ସରକାରଙ୍କ ସଲାସୁତୁରାରେ ଜନଗଣଙ୍କୁ ଲୁଟ୍ କରିବାକୁ ଏହା ଏକ ଷଡ଼ଯନ୍ତ୍ର ମାତ୍ର । ବିଦ୍ୟୁତ୍ ଉତ୍ପାଦନ ଓ ବଣ୍ଟନରେ କ୍ଷତିକୁ ଦର୍ଶାଇ ଏଭଳି ନିଷ୍ପତ୍ତି ନିଆଯାଇଛି, ଯାହା ଅସତ୍ୟ ଓ ମିଥ୍ୟା । କୌଣସି ନିର୍ଭରଯୋଗ୍ୟ ଅନୁଷ୍ଠାନ ଦ୍ୱାରା ଏହି ଆକଳନ କରାଯାଇନାହିଁ । ପୁନଶ୍ଚ ଓଡ଼ିଶାରେ ବଡ଼ ବଡ଼ କମ୍ପାନୀ ଉପରେ ହଜାର ହଜାର କୋଟି ଟଙ୍କା ବିଦ୍ୟୁତ୍ ଦେୟ ବାକି ପଡ଼ିଥିବା ବେଳେ ତାହା ଆଦାୟ ନ କରିବା ପଛର କାରଣ କ'ଣ ସରକାର ଲୋକଙ୍କୁ କହିବା ଦରକାର । ଯେତେବେଳେ ଲୋକେ କରୋନା ମହାମାରୀ ଯୋଗୁଁ ରୋଜଗାର ହରାଇ ଆର୍ଥିକ ଅନାଟନ ଭିତରେ ଷଢୁଛନ୍ତି, ସେତେବେଳେ ବିଜୁଳି ଦରବୃଦ୍ଧିକୁ ଅମେ ଘୋର ବିରୋଧ କରୁଛୁ ବୋଲି ସେ କହିଛନ୍ତି ।

## ଦୀନକୃଷ୍ଣ କଲେଜର ଗର୍ବ ଦେବବ୍ରୁଲାଲ : ନିଟ୍ ପରୀକ୍ଷାରେ କୃତିତ୍ୱ

ଜଳେଶ୍ୱର,୧୭।୧୦ (ନି.ପ୍ର): କଥାରେ ଅଛି ବଣ ମଲ୍ଲି ବଣରେ ଫୁଟି ମଉଳି ଯାଏ, ହେଲେ ତାର ସୌରଭ ବିକଶିତ ହୋଇ ପାରେ ନାହିଁ । ହେଲେ ସୁଦୁର ଗ୍ରାମାଂଚଳ ଚାନ୍ଦକୁସୁମୀର ଦେବବୁଲାଲ ଦେ ଆଜି ଗ୍ରାମାଞ୍ଚଳ ତଥା ବହୁପୁରାତନ ଦୀନକୃଷ୍ଣ କଲେଜରୁ +୨ ବିଜ୍ଞାନରେ କୃତିତ୍ୱର ସହ ପାସ୍‌ପରେ ନିଟ ପରୀକ୍ଷାରେ ସଫଳ ହୋଇଥିବାରୁ ସ୍ଥାନୀୟ ଅଂଚଳରେ ଖୁସିର ଲହରୀ ସୃଷ୍ଟି ହୋଇଛି । ଦେବଦୁଲାଲ ଦେ ପିଲାଟି ଦିନରୁ ମେଧାବୀ ଥିବା ବେଳେ ବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଆସୁଥିଲେ । ଚାନ୍ଦକୁସୁମୀ ଗ୍ରାମର ପିତା କମଳଲୋଚନ ଦେ ଜଣେ ଆଦର୍ଶ ଶିକ୍ଷକ ଥିବା ବେଳେ ମା ଜଣେ ଗୃହିଣୀ । ହେଲେ ୨୦୧୭ ମସିହାରେ ଜଳେଶ୍ୱର ସରସ୍ୱତୀ ଶିଶୁ ମନ୍ଦିରରୁ ୯୩% ମାର୍କ ରଖି ଦୀନକୃଷ୍ଣ କଲେଜରେ ବିଜ୍ଞାନର ଛାତ୍ର ଭାବେ ପଢିଥିଲେ । ଗତବର୍ଷ ସେ ସେଠାରୁ ସଫଳତାର ସହିତ ୮୫% ମାର୍କ ରଖି ଆକଶ କୋଚିଂ ସେଣ୍ଟରରେ ମେଡିକାଲ ପାଇଁ ପ୍ରସ୍ତୁତ ହୋଇଥିଲେ । ପ୍ରଥମ ଥର



ସର୍ବଭାରତୀୟ ସ୍ତରର ନିଟ ପରୀକ୍ଷା ଦେଇ ୬୪୬ ମାର୍କ ରଖିଛନ୍ତି ଏବଂ ସର୍ବଭାରତୀୟ ସ୍ତରରେ ୪୬୩୬ ରେଙ୍କ ପାଇଥିବାରୁ ଭବିଷ୍ୟତରେ ଡାକ୍ତରୀ ପଢିବାପାଇଁ ରାସ୍ତା ସୁଗମ ହୋଇ ଯାଇଛି । ତାଙ୍କର ଏହି ସଫଳତା ପାଇଁ ତାଙ୍କର ଦୀନକୃଷ୍ଣ କଲେଜ ଓ ଆକାଶ କୋଚିଂ ସେଣ୍ଟର ଶିକ୍ଷକ/ଶିକ୍ଷିକା ମାନଙ୍କୁ ଶ୍ରେୟ ଦେଇଛନ୍ତି । ଏପରିକି ଦିନକୁ ୧୪ରୁ୧୫ ଘଣ୍ଟା ପର୍ଯ୍ୟନ୍ତ ପ୍ରସ୍ତୁତି ହେଉଥିବା ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି । ତାଙ୍କର ସଫଳତା ପାଇଁ ସହପାଠୀଗଣଙ୍କ ସହିତ ବହୁ ସ୍ଥାନୀୟ ଲୋକ ତାଙ୍କୁ ଶୁଭେଚ୍ଛା ପଠାଇଥିବା ସେ କହିଛନ୍ତି ।

## ଲିଟିଗୁଡା ଛକରେ ଦୁଇ ବାଇକ୍ ମଧ୍ୟରେ ଧକ୍କା: ୪ ଜଣ ଆହତ, ଜଣେ ଗୁରୁତର

ଗୁଣୁପୁର ,୧୭।୧୦ (ନି.ପ୍ର): ରାୟଗଡା ଜିଲ୍ଲା ଗୁଣୁପୁର ଉପଖଣ୍ଡ ମୁନିଗୁଡା ସଦର ମହକୁମା ଠାରୁ ପ୍ରାୟ ଏକକିଲୋମିଟର ଦୂର ଲିଟିଗୁଡା ଛକ ଠାରେ ଆଜି ଦିନ ପ୍ରାୟ ୧୧ଟା ସମୟରେ ଆଗୁଳ ପଞ୍ଚାୟତ ନିଆଳି ଗ୍ରାମର ତ୍ରିଲୋଚନ ବାତ୍ରା ତାଙ୍କ ସ୍ତ୍ରୀ ନୟନୀ ବାର୍ତା ଓ ପାଞ୍ଚବର୍ଷର ଝିଅ ସ୍ମୃତିରାଣୀ, ଦୁଇ ବର୍ଷର ଶିଶୁ ଲକି ବାର୍ତା ବାଇକ୍ ଯୋଗେ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଉଥିଲେ। ଦୁର୍ଭାଗ୍ୟବଶତଃ ସାମ୍ନାରୁ ବିଷମକଟକ ବ୍ଲକର ଡାଲିଆକୁଜି ଗ୍ରାମର ପର୍ଶୁରାମ ଚାମ ବାଇକ୍‌ରେ କୁମୁଡାବଲି ଆଡକୁ ଯାଉଥିବା ସମୟରେ ଭେିରବଗଡ ପଞ୍ଚାୟତ ଲିଟିଗୁଡା ଛକଠାରେ ଉଭୟ ଶ୍ରୀଚାମ୍ ଓ ଶ୍ରୀବାତ୍ରାଙ୍କ ମଧ୍ୟରେ ଧକ୍କା ଦେଇଥିଲା। ଫଳରେ ଉଭୟ ଶିଶୁ ସମେତ ୫ ଜଣ ଗୁରୁତର ଅବସ୍ଥାରେ ଘଟଣାସ୍ଥଳରେ ପଡିଥିଲେ। ଖବର



ପାଇ ଦମକଳ ବାହିନୀ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ଦମକଳ ଗାଡିରେ ନେଇ ମୁନିଗୁଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତିକରାଯାଇଥିଲା। ସେମାନଙ୍କ ମଧ୍ୟରୁ ନୟନୀ ବାତ୍ରାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ନିଜ ବ୍ୟବସ୍ଥାରେ ଘରୋଇ ଗାଡିରେ ବିଷମକଟକକୁ ଅଧିକ ଚିକିତ୍ସା ପାଇଁ ଡାକ୍ତର ସୁପାରିସ କରିଥିବା ଜଣାପଡିଛି। ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ୧୦୮ ଆମ୍ବୁଲାନ୍ସ ରାୟଗଡା ଛଡା ବିଷମକଟକ ଦିଆଯିବନାହିଁ ବୋଲି କର୍ତୃପକ୍ଷ କହିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ବିଳମ୍ବ ହେଲେ ମଧ ପୋଲିସ୍ ଖବର ପାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଏସ୍‌ଆଇ ଚନ୍ଦ୍ରମା ଶବର ତଦନ୍ତ କରୁଥିବା ଜଣାପଡିଛି।

### କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୧୭୨ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୧୭।୧୦ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୧୭୨ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି । ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୭୦୭ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୪୬ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

## ଆଜି ଭଦ୍ରକରେ ୧୬ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ

ଭଦ୍ରକ,୧୭।୧୦ (ନି.ପ୍ର): ଦୀର୍ଘ ଦିନର ବ୍ୟବଧାନ ପରେ ଆଜି ପ୍ରଥମ ଥର ପାଇଁ ଜିଲ୍ଲାରୁ ମାତ୍ର ୧୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାହାକୁ ନେଇ ପ୍ରଶାସନ ସାମାନ୍ୟ ଆଶ୍ୱସ୍ତି ପାଇଛି। ଯେତେବେଳେ କି ଆଜି ୧୩୧୬ ନମୁନା ପରୀକ୍ଷା କରାଯିବା ପରେ ୧୬ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଗତକାଲି ସୁଦ୍ଧା ୧ ଲକ୍ଷ ୪ହଜାର୨୭୭ଜଣଙ୍କ ନମୁନା ପରୀକ୍ଷା ସରିଥିବା ବେଳେ ଆଜି ଏହି ସଂଖ୍ୟା ୧ ଲକ୍ଷ ୫ଜାର ୫୯୩ରେ ପହଞ୍ଚିଛି। ୩୧ଜଣ ସୁସ୍ଥ ହେବା ପରେ ସୁସ୍ଥଙ୍କ ସଂଖ୍ୟାରେ ବୃଦ୍ଧି ଘଟିବା ସହ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟାରେ ହ୍ରାସ ଘଟିଛି। ଜିଲ୍ଲାର ମୋଟ ଆକ୍ରାନ୍ତ୬୨୨୯ ହୋଇଥିବା ବେଳେ ମୋଟ ସୁସ୍ଥ ୫୬୫୫ ହୋଇଛି। ଏବେ ସକ୍ରିୟ ଆକ୍ରାନ୍ତ ୫୫୮ ଜଣ ଅଛନ୍ତି। ଚିହ୍ନଟମାନଙ୍କ ମଧ୍ୟରେ ଭଦ୍ରକ ପୌରପାଳିକାର ଜଣେ ଆକ୍ରାନ୍ତ ଭୁବନେଶ୍ୱରର ସୃଷ୍ଟି ହସ୍‌ପିଟାଲରୁ ଚିହ୍ନଟ ହୋଇଥିବା ବେଳେ ଧାମନଗର ବ୍ଲକର ୨ଜଣ ଆକ୍ରାନ୍ତ ଧୁଷୁରୀ ପଞ୍ଚାୟତରୁ ଓ ଜଣେ ଆକ୍ରାନ୍ତ ସାହାସପୁର ପଞ୍ଚାୟତରୁ ଚିହ୍ନଟ ହୋଇଛନ୍ତି। ସେହିଭଳି ତିହିଡି ବ୍ଲକର ପାଳିଆବିନ୍ଧା ପଞ୍ଚାୟତରୁ ୨ଜଣ, ବୋଡକ ପଞ୍ଚାୟତରୁ ଜଣେ, ବାସୁଦେବପୁର ବ୍ଲକର ବାଲିମେଦ ପଞ୍ଚାୟତରୁ ଜଣେ, ବାସୁଦେବପୁର ପୌରପାଳିକାର ମନ୍ଦାରୀ ଅଞ୍ଚଳରୁ ଜଣେ, ଭଦ୍ରକ ବ୍ଲକର ରାଣିତାଳ ପଞ୍ଚାୟତରୁ ଜଣେ, ରମ୍ଭିଳା ପଞ୍ଚାୟତରୁ ଜଣେ, ଭଦ୍ରକ ପୌରପାଳିକାର ୱାର୍ଡ ନଂ ୨, ୬, ୯ରୁ ଜଣେ ଲେଖାଏଁ, ଚାନ୍ଦବାଲି ବ୍ଲକର ବାଂଶଡା ଓ ବାଜରାପୁର ପଞ୍ଚାୟତରୁ ଜଣେ ଲେଖାଏଁ ଚିହ୍ନଟ ହୋଇଛନ୍ତି। ଅପରପକ୍ଷରେ ବନ୍ତ ବ୍ଲକ, ଚାନ୍ଦବାଲି ଏନ୍‌ଏସି, ଧାମନଗର ଏନ୍‌ଏସିରୁ କୌଣସି ଆକ୍ରାନ୍ତ ଚିହ୍ନଟ ହୋଇ ନାହାନ୍ତି। ମୋଟ ବାସୁଦେବପୁର ବ୍ଲକରୁ ଜଣେ, ବାସୁଦେବପୁର ପୌରପାଳିକାରୁ ଜଣେ, ଭଦ୍ରକ ବ୍ଲକରୁ ୨ଜଣ, ଭଦ୍ରକ ପୌରପାଳିକାରୁ ୪ଜଣ, ଚାନ୍ଦବାଲି ବ୍ଲକରୁ ୨ଜଣ, ଧାମନଗର ବ୍ଲକରୁ ୩ଜଣ ଏବଂ ତିହିଡି ବ୍ଲକରୁ ୩ଜଣ ଚିହ୍ନଟ ହୋଇଛନ୍ତି।

## ଗୁରୁତର ଅସୁସ୍ଥ ସୂର୍ଯ୍ୟନାରାୟଣ ପାଢ଼ୀଙ୍କର ଆଶୁ ଆରୋଗ୍ୟ କାମନା

ଉଦଳା,୧୭।୧୦ (ନି.ପ୍ର): କୁଶଳଦା ହାଇସ୍କୁଲର ପୂର୍ବତନ ଆଦର୍ଶ ଓ ଯଶସ୍ୱୀ ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ପାଢ଼ୀ ୯୮ ବର୍ଷରେ ବାର୍ଦ୍ଧକ୍ୟ ଜନିତ ଦୁର୍ବଳତାର ଶିକାର ସହ ମସ୍ତକରେ ଆଘାତ ହେତୁ ବାରିପଦା ଠାରେ ଗୁରୁତର ଅବବସ୍ଥାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ଅଗଣିତ ଛାତ୍ର ଛାତ୍ରୀ ଏହି ପୂଜ୍ୟ ଗୁରୁଜୀଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ଏଥିପାଇଁ ବିଦ୍ୟାଳୟର ପୁରାତନ ଛାତ୍ର ଛାତ୍ରୀ ସଂଘର ସଂପାଦକ ରବିକାନ୍ତ ମହାପାତ୍ରଙ୍କ ଆହ୍ୱାନ କ୍ରମେ ଏକ ଭର୍ଚୁଆଲ ବୈଠକରେ ଅନୁଷ୍ଠାନର ସଭାପତି ଜାତୀୟ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଯତିନ୍ଦ୍ରମୋହନ ଶତପଥି ଅଧକ୍ଷତା କରିଥିବା ବେଳେ କାର୍ଯ୍ୟକାରିଣୀର ସଭାପତି ବିଶିଷ୍ଟ ଶିକ୍ଷାବିତ୍ ସନାତନ ଜେନା, ବରିଷ୍ଠ ସାରସ୍ୱତ ସାଧକ ଇଂ ଭାଗୀରଥି ପରିଡ଼ା, ଉପସଭାପତି ଦିବାକର ନାୟକ, ବିଦ୍ୟାଳୟର ନୂତନ ପ୍ରଧାନ ଶିକ୍ଷକ ଶଶିଧର ବାରିକ, ବରିଷ୍ଠ ଶିକ୍ଷାବିତ୍ ଆଦିକନ୍ଦ ବେଜ, କୁଳମଣି ନାୟକ, ମନମୋହନ ମହାପାତ୍ର ତାଙ୍କର ମଧମ ପୁତ୍ର ସ୍ୱନାମଧନ୍ୟ ଜିଲ୍ଲା ବନଖଣ୍ଡ ଅଧିକାରୀ ବଟକୃଷ୍ଣ ପାଢ଼ୀ, ମଶାଲର ସଂପାଦକ ଅଧାପକ କରୁଣାକର ମହାପାତ୍ର, ବାଗ୍ମୀ ଭଗବାନ ନାୟକ, ସମାଜସେବୀ ଅମ୍ବୁଜ କୁମାର ପରିଛା, ଶିକ୍ଷକ ଚନ୍ଦ୍ରଶେଖର ଦାସ, ସେବା ନିବୃତ ସରକାରୀ ଅଧିକାରୀ ପ୍ରବୋଧ କୁମାର ନାୟକ, କେଶବ ଚନ୍ଦ୍ର ନାୟକ ଓ ପୁରାତନ ଛାତ୍ର ବେଣୁଧର ପରିଡ଼ା, ପ୍ରବିଣ କୁମାର ପଶା, ମନୋରଂଜନ ନାୟକ ଓ ଗୋପାଳଚନ୍ଦ୍ର ଖିଲାର ପ୍ରମୁଖ ଏହି ଅନନ୍ୟ ଦ୍ରୋଣାଚାର୍ଯ୍ୟଙ୍କର ବହୁମୁଖୀ ପ୍ରତିଭା ଓ ଅସାମାନ୍ୟ ଛାତ୍ର ବତ୍ସଳତାର ଅବତାରଣା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ଏହି ଅବସରରେ ବିଦ୍ୟାଳୟର ପ୍ରାକ୍ତନ ସଫଳ ଛାତ୍ର ତଥା ରାଜ୍ୟର ପୁର୍ବତନ ମନ୍ତ୍ରୀ ଓ ସାଂସଦ ବୀରଭଦ୍ର ସିଂହ ଓ ତାଙ୍କର ସାଧର୍ମଣୀ ମାଳତୀ ସିଂହ କରୋନାରେ ▶▶ପୃଷ୍ଠା ୭



## ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଜିଲ୍ଲା ସମ୍ମିଳନୀ

ବାଲେଶ୍ୱର,୧୭।୧୦ (ନି.ପ୍ର): ବାଲେଶ୍ୱର ସଦର ଉପ-ନିର୍ବାଚନ ପରିପ୍ରେକ୍ଷୀରେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଜିଲ୍ଲାସ୍ତରୀୟ ସମ୍ମିଳନୀ ସ୍ଥାନୀୟ ସିଦ୍ଧି କଲ୍ୟାଣମଣ୍ଡପରେ ଆଜି ଅନୁଷ୍ଠିତ ହୋଇଯାଇଛି । ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ରାଜ୍ୟ ଆବାହକ ସଂଜୟ କୁମାର ଦାସ ଏଥିରେ ସଭାପତିତ୍ୱ କରିବା ସହିତ ଚଳିତ ଉପ-ନିର୍ବାଚନରେ ସାମ୍ମୁଖ୍ୟର ଦାୟିତ୍ୱ ଓ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ । ଆଇନମନ୍ତ୍ରୀ ପ୍ରତାପ ଜେନା, ବାଲେଶ୍ୱର ଉପ-ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର, ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ଉପ-ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହୋଇଥିବା ସ୍ୱରୂପ ଦାସ, ସାମ୍ମୁଖ୍ୟର ଜିଲ୍ଲା ଆବାହକ ବିନୋଦ ପାଣି, ସୂର୍ଯ୍ୟକାନ୍ତ କର ପ୍ରମୁଖ ଏଥିରେ ଯୋଗ ଦେଇ ଆଇନଜୀବୀଙ୍କ ସାମାଜିକ ସୁରକ୍ଷା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ଫଳପ୍ରଦ ନିଷ୍ପତି ସମ୍ପର୍କରେ ଆଲୋଚନା କରିଥିଲେ । ଅତଏବେ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସାମ୍ମୁଖ୍ୟର ପ୍ରତ୍ୟେକ ସଦସ୍ୟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେଡି ପ୍ରାର୍ଥୀଙ୍କ ପାଇଁ କାର୍ଯ୍ୟ କରିବା ପାଇଁ ସେମାନେ ପରାମର୍ଶ ଦେଇଥିଲେ । ଏହି ସମ୍ମିଳନୀରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ଆଇନଜୀବୀ ଯୋଗ ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo